ଧରିତ୍ରୀ
DHARITRI
49 ୪୯
ସମ୍ବଲପୁର, ସୋମବାର, ଡିସେମ୍ବର ୫/୨୦୨୨ (୧୬ ପୃଷ୍ଠା) Sambalpur, Monday, December 5/2022 Page 16 ₹ 7.00 ★★
୧୮ଶ ଭାଗ ୩୪୭ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur VOLUME 18 ISSUE 347 ମୂଲ୍ୟ₹୭/-

ODISHA
NEW OPPORTUNITIES

DSPL-356

"THANK YOU
for joining the Juggernaut"

Shri Naveen Patnaik
Hon'ble Chief Minister, Odisha



MAKE IN ODISHA CONCLAVE'22
BHUBANESWAR | 30 NOV-04 DEC | 2022

10,48,830 Cr.
Investment Intent Received

10,37,701
Direct and Indirect Employment Potential

18,785
Delegate Registrations

279
Speakers in 38 Business Sessions

741
Projects announced across 22 diversified sectors

OIPR-14005/13/0052/2223

Industry Partner FICCI
Investment Promotion Advisor pwc
Country Partners Germany Japan Norway

# ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍-୨୦୨୨

## ପ୍ରଦର୍ଶନୀ, ଫୁଡ୍ କୋର୍ଟ, ସାଂସ୍କୃତିକ କାର୍ଯ୍ୟକ୍ରମ

ଭୁବନେଶ୍ୱର ଜନତା ମଇଦାନରେ ନଭେମ୍ବର ୩୦ରୁ ଆରମ୍ଭ ହୋଇଥିବା ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍-୨୦୨୨ ରବିବାର ଶେଷ ହୋଇଛି। କନ୍‌କ୍ଲେଭ୍‌ରେ ଆୟୋଜିତ ପ୍ରଦର୍ଶନୀ, ଫୁଡ୍ କୋର୍ଟ ଏବଂ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରବିବାର ଉପଭୋଗ କରିଛନ୍ତି ସାଧାରଣ ଜନତା।





















# ଧରିତ୍ରୀ
DHARITRI

49 ୪୯

ସୋମବାର, ଡିସେମ୍ବର ୫/୨୦୨୨ | Monday, December 5/2022 | ପୃଷ୍ଠା-୧




**ଅଭିମାନୀ କରୀନା କପୁର**
ଏକ ଇଭେଣ୍ଟରେ ସ୍ୱାମୀଙ୍କ ମୁହଁରୁ ଶାଶୁଙ୍କ ପ୍ରଶଂସା ଶୁଣି ରାଗିଗଲେ ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍ ।

୧୨

୧୪

**ଲିଅନଙ୍କୁ ୬ଉଇକେଟ ସଫଳତା**
ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲୀୟ ଅଫ୍ ସ୍ପିନର ନାଥାନ ଲିଅନ ୬ଉଇକେଟ ସଫଳତା ହାସଲ କରିଛନ୍ତି।





# ସରିଲା ନିବେଶ ମହାକୁମ୍ଭ

**ଭୁବନେଶ୍ୱର,୪।୧୨(ବ୍ୟୁରୋ)**

ଚଳିତ ବର୍ଷ ନଭେମ୍ବର ୩୦ରୁ ଆରମ୍ଭ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ (ଏମ୍‌ଆଇଓସି)-୨୨ ରବିବାର ଆନୁଷ୍ଠାନିକ ଭାବେ ଶେଷ ହୋଇଛି। ଗତ ୫ ଦିନ ହେବ ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ନିବେଶ ମହାକୁମ୍ଭକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଏକ ରଙ୍ଗାରଙ୍ଗ ପରିବେଶରେ ଉଦ୍‌ଘାଟନ କରିଥିଲେ। ବିଶେଷକରି କନ୍‌କ୍ଲେଭର ପ୍ରଥମ ଦିନରେ ଏମ୍‌ଆଇଓସିର ଉଦ୍‌ଘାଟନ ସାଙ୍ଗକୁ ବିଶିଷ୍ଟ କଳାକାର ଅରୁଣା ମହାନ୍ତିଙ୍କ ଦ୍ୱାରା ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିଭଳି ୨ୟ, ☞ପୃଷ୍ଠା-୨

## ବାଦ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

**ଭୁବନେଶ୍ୱର,୪।୧୨(ବ୍ୟୁରୋ)**

ସମୂହ ବାଦ୍ୟଯନ୍ତ୍ରର ଧ୍ୱନି ବେଶ୍ ନିଆରା ଥିଲା। ତା' ସାଙ୍ଗକୁ ଦର୍ଶକ ତଥା ଶ୍ରୋତାଙ୍କ କରତାଳି ଶୀତୁଆ ସନ୍ଧ୍ୟାକୁ ଉଷ୍ମ କରିଦେଇଥିଲା। ରଙ୍ଗାରଙ୍ଗ ଆଲୋକ, ଖଚାଖଚ୍ ଭିଡ଼ ସହ ଝୁମି ଉଠିଥିଲା ପୂରା ଜନତା ମଇଦାନ। ଅବସର ଥିଲା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ଶେଷ ସନ୍ଧ୍ୟା। ଶିବାଗ୍ନୀ ଅନୁଷ୍ଠାନର ୧୦ ବାଦ୍ୟଶିଳ୍ପୀଙ୍କ ସମୂହ ବାଦ୍ୟଧ୍ୱନିରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ☞ପୃଷ୍ଠା-୨

# ମୋରାଲିଟି ପୋଲିସ ହଟିଲା

## ମୁଣ୍ଡ ନୁଆଁଇଲେ ଇରାନର ରଇସି ସରକାର

- **ହିଜାବ ନିୟମର ସମୀକ୍ଷା ହେବ**
- **ମହସାଙ୍କୁ ହତ୍ୟା ପରେ ଆନ୍ଦୋଳନ**
- **ପୋଲିସ ବର୍ବରତାରେ ୪୪୮ ମୃତ**


ଇବ୍ରାହିମ ରଇସି


ମହସା ଅମିନି

**ତେହରାନ,୪।୧୨**

ଦୀର୍ଘ ଅଢ଼େଇ ମାସର ଆନ୍ଦୋଳନ ପରେ ଶେଷରେ ମୁଣ୍ଡ ନୁଆଁଇଛନ୍ତି ଇରାନର ଇବ୍ରାହିମ ରଇସି ସରକାର। ଧର୍ମୀୟ ବ୍ୟାପାରରେ ହସ୍ତକ୍ଷେପ କରୁଥିବା ମୋରାଲିଟି ପୋଲିସ ହାଜତରେ ମହସା ଅମିନିଙ୍କ ମୃତ୍ୟୁ ପରେ ଦେଶରେ ମୁଣ୍ଡ ଟେକିଥିବା ହିଜାବ ବିରୋଧୀ ଆନ୍ଦୋଳନର ଅନେକ ରାଷ୍ଟ୍ରକୁ ବ୍ୟାପିବା ପରେ ତେହରାନ ଉପରେ ଅନ୍ତର୍ଜାତୀୟ ଚାପ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରଇସିଙ୍କ ଅତି ରକ୍ଷଣଶୀଳ ସରକାର ରବିବାର ମୋରାଲିଟି ପୋଲିସକୁ ଉଚ୍ଛେଦ କରିବା ସହ ମହିଳାଙ୍କ ଡ୍ରେସ୍ କୋଡ୍‌ର ସମୀକ୍ଷା କରିବା ନେଇ ଘୋଷଣା କରିଛନ୍ତି। ନ୍ୟାୟପାଳିକା ସହ ମୋରାଲିଟି ପୋଲିସର କିଛି ସମ୍ପର୍କ ନାହିଁ। ଏହି ପୋଲିସ ବାହିନୀକୁ ଉଚ୍ଛେଦ କରାଯାଇଛି ବୋଲି ଆଟର୍ନି ଜେନେରାଲ ମହମ୍ମଦ ଜାଫର ମୋଣ୍ଟାଜେରି ସ୍ପଷ୍ଟ କରିଛନ୍ତି।

ଗତ ସେପ୍ଟେମ୍ବରରେ ୧୩ରେ ୨୨ ବର୍ଷୀୟା କୁର୍ଦ୍ଦିଶ ବଂଶୋଦ୍ଭବ ମହସା ଅମିନି ଉଚିତ ଢଙ୍ଗରେ ହିଜାବ ପରିଧାନ କରି ନ ଥିବା ଦର୍ଶାଇ ମୋରାଲିଟି ପୋଲିସ ତାଙ୍କୁ ଗିରଫ କରିଥିଲା। ଏହାର ୩ ଦିନ ପରେ ଅର୍ଥାତ୍ ୧୬ ତାରିଖରେ ପୋଲିସ ହାଜତରେ ତାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ବର୍ବରତାରେ ମହସାଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଥିଲା। ସେବେଠୁ ଏହାର ପ୍ରତିବାଦରେ ଯୁବପିଢ଼ି ହିଜାବ ବିରୋଧୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ୧୯୭୯ ଇସ୍‌ଲାମୀୟ ବିପ୍ଳବ ପରଠୁ ଇରାନ ଆମେରିକା ସମର୍ଥିତ ରାଜତନ୍ତ୍ରକୁ ପ୍ରତ୍ୟାଖ୍ୟାନ କରି ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଡ୍ରେସ୍ କୋଡ୍ ଲାଗୁ କରିଥିଲା। କିଏ କିପରି ପୋଷାକ ପିନ୍ଧୁଛନ୍ତି ତାହା ଉପରେ ସରକାରୀ ଅଧିକାରୀମାନଙ୍କ କଡ଼ା ନଜର ରହିଥିଲା। ☞ପୃଷ୍ଠା-୨



## ହିଜାବ ନ ପିନ୍ଧିବାରୁ ଆଥ୍‌ଲେଟ୍‌ଙ୍କ ଘର ଭାଙ୍ଗିଦେଲେ

ଇରାନୀୟ ରକ୍ କ୍ଲାଇମର ଏଲ୍‌ନାଜ୍ ରେକାବିଙ୍କ ପୈତୃକ ଘରକୁ ସରକାର ଭାଙ୍ଗିଦେଇଛନ୍ତି। ତାଙ୍କ ଦୋଷ ହେଲା ଗତ ଅକ୍ଟୋବରରେ ଦକ୍ଷିଣ କୋରିଆରେ ଆୟୋଜିତ ଏକ ଇଭେଣ୍ଟରେ ସେ ବିନା ହିଜାବରେ ଭାଗନେଇଥିଲେ। ଉଚ୍ଛେଦକାରୀମାନେ ବୁଲ୍‌ଡୋଜର ଲଗାଇ ୩୯ ବର୍ଗ ମିଟର ଘରକୁ ଧ୍ୱସ୍ତବିଧ୍ୱସ୍ତ କରିବା ସହ ସେ ହାସଲ କରିଥିବା ଅନେକ ପଦକ ମଧ୍ୟ ମାଟିରେ ମିଶିଯାଇଛି। ପୋଲିସର ଏହି କାର୍ଯ୍ୟାନୁଷ୍ଠାନ ପରେ ଏଲ୍‌ନାଜ୍ ଇରାନର ବିକ୍ଷୋଭକାରୀମାନଙ୍କ ପାଇଁ ପ୍ରତୀକ ପାଲଟିଯାଇଛନ୍ତି। ତେବେ ଏଲ୍‌ନାଜ୍ ତେହରାନକୁ ଫେରିଲେ ତାଙ୍କ ସୁରକ୍ଷା ବିପନ୍ନ ହୋଇପାରେ ବୋଲି ମାନବାଧିକାର ସଙ୍ଗଠନଗୁଡ଼ିକ ଆଶଙ୍କା ବ୍ୟକ୍ତ କରିଛନ୍ତି।






**ଆଜିର ସମ୍ପାଦକୀୟ**

ଆଣ୍ଠେଇଲା ଇରାନ

# ପଦ୍ମପୁର ଉପନିର୍ବାଚନ, ଆଜି ମତଦାନ

- **୩୧୯ ବୁଥ୍‌ରେ ହେବ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ**
- **ନିର୍ବାଚନ ମଣ୍ଡଳୀରେ ଏଥର ୨,୫୭,୪୭୪ ଭୋଟର**
- **ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

**ବରଗଡ଼ ଅଫିସ୍/ପଦ୍ମପୁର,୪।୧୨(ଡି.ଏନ.ଏ)**



ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ସୋମବାର ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ କରାଯିବ। ଏହାପୂର୍ବରୁ ସକାଳ ସାଢେ ୫ଟାରେ ମକ୍ ପୋଲ୍ ଆରମ୍ଭ କରାଯିବ। ପଦ୍ମପୁର ନିର୍ବାଚନ ମଣ୍ଡଳୀର ସମୁଦାୟ ୨ଲକ୍ଷ ୫୭ହଜାର ୪୭୪ ଭୋଟର ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ୧୦ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିପାଇଁ ଉକ୍ତ ନିର୍ବାଚନ ମଣ୍ଡଳୀ ଅଧୀନ ପଦ୍ମପୁର ବିଜ୍ଞାପିତ ପରିଷଦ ଅଞ୍ଚଳ(ଏନ୍‌ଏସି)ର ୧୩ ବୁଥ୍ (ଭୋଟ୍‌ଗ୍ରହଣ କେନ୍ଦ୍ର) ସମେତ ୩୧୯ ବୁଥ୍‌ରେ ଭୋଟଗ୍ରହଣ କରାଯିବ। ତେବେ ସ୍କୁଲର ନାମ ପରିବର୍ତ୍ତନ ଯୋଗୁ ସେଥିମଧ୍ୟରୁ ୩୦୬ ବୁଥ୍‌ର ନାମ ପରିବର୍ତ୍ତନ ହୋଇଛି । କିନ୍ତୁ ବୁଥ୍‌ଗୁଡ଼ିକର ସ୍ଥାନ (ଲୋକେଶନ) ବଦଳି ନାହିଁ। କେବଳ ବୁଥ୍ ନଂ-୨୪୧, ୨୪୩ ଏବଂ ୨୧୫ର ସ୍ଥାନ ପରିବର୍ତ୍ତନ ହୋଇଥିଲେ ସୁଦ୍ଧା ତାହା ପୂର୍ବ ବୁଥ୍ ନିକଟରେ ରହିଥିବା ସୂଚନା ଦିଆଯାଇଛି। ସମୁଦାୟ ବୁଥ୍ ମଧ୍ୟରୁ ୧୫ ଆଦର୍ଶ ବୁଥ୍ ଏବଂ ୬ ପିଙ୍କ୍ ବୁଥ୍ ରହିଛି। ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ☞ପୃଷ୍ଠା-୨

# ଆକାଶରେ ୧୫ କି.ମି. ବ୍ୟାପିଲା ପାଉଁଶ

## ଇଣ୍ଡୋନେସିଆର ସର୍ବୋଚ୍ଚ ଆଗ୍ନେୟଗିରି ଉଦ୍‌ଗିରଣ

**ଜାକର୍ତ୍ତା,୪।୧୨**

ଇଣ୍ଡୋନେସିଆର ସର୍ବୋଚ୍ଚ ଆଗ୍ନେୟଗିରି ମାଉଣ୍ଟ ସେମେରୁରୁ ରବିବାର ଲାଭା ଉଦ୍‌ଗିରଣ ହୋଇଛି। ଏହାର ପ୍ରଭାବରେ ୧୫ କି.ମି. ଅଞ୍ଚଳ ପର୍ଯ୍ୟନ୍ତ ଆକାଶ ପାଉଁଶ ଓ ବାଷ୍ପରେ ମେଘାଚ୍ଛନ୍ନ ହୋଇଛି। ଆସନ୍ନ ବିପଦକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରୁ ୨,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜାଭା ଦ୍ୱୀପର ପୂର୍ବ ଭାଗରେ ସର୍ବୋଚ୍ଚ ସତର୍କତା ଜାରି କରାଯାଇଛି।

ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ଇଣ୍ଡୋନେସିଆ ଉପରେ ଗୋଟିଏ ପରେ ଗୋଟିଏ ବିପତ୍ତି ମାଡ଼ିଆସୁଛି। ଗତ ମାସରେ ୱେଷ୍ଟ୍ ଜାଭାରେ ୫.୬ ତୀବ୍ରତା ବିଶିଷ୍ଟ ଭୂକମ୍ପରେ ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିବା ପରେ ଏବେ ଦେଶର ସର୍ବୋଚ୍ଚ ଆଗ୍ନେୟଗିରି ନିଜ ପ୍ରକୋପ ଦେଖାଇଛି। ଦେଶରେ ଥିବା ମୋଟ ୧୪୨ ଆଗ୍ନେୟଗିରି ମଧ୍ୟରୁ ୧୨୯ଟି ସକ୍ରିୟ ରହିଛି। ସେଗୁଡ଼ିକ ନିକଟ ୧୦ କି.ମି. ରେ ୮.୬ ନିୟୁତ ଲୋକ ବସବାସ କରନ୍ତି। ୨୦୦ ବର୍ଷ ମଧ୍ୟରେ ଏହି ଆଗ୍ନେୟଗିରିଗୁଡ଼ିକରୁ ବହୁବାର ଉଦ୍‌ଗିରଣ ହୋଇସାରିଛି। ଏଥିଯୋଗୁ ଲକ୍ଷାଧିକ ଲୋକଙ୍କ ଜୀବନ ପ୍ରତି ସବୁବେଳେ ବିପଦ ଆଶଙ୍କା ରହିଥାଏ। ମୌସୁମୀ ବର୍ଷା ଯୋଗୁ ଜାଭା ଦ୍ୱୀପରେ ଥିବା ୩,୬୭୬ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ ସେମେରୁର ଉପରଭାଗ ଧସିଯିବାରୁ ତହିଁରୁ ଲାଭା ଉଦ୍‌ଗିରଣ ହୋଇଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ମୁଖପାତ୍ର ଅବ୍‌ଦୁଲ ମୁହାରି କହିଛନ୍ତି। ସେମେରୁ ପର୍ବତରୁ ଲାଭା ନିର୍ଗତ ହେବା ପରେ ଆଖପାଖର ଅନେକ ଗ୍ରାମ ଉପରେ ପାଉଁଶ ଆଚ୍ଛାଦିତ ହୋଇରହିଛି। ସୂର୍ଯ୍ୟାଲୋକର ଚିହ୍ନବର୍ଣ୍ଣ ନାହିଁ। ଉଦ୍ଧାରକାରୀ ଦଳ ଗ୍ରାମବାସୀମାନଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରିଛନ୍ତି। ☞ପୃଷ୍ଠା-୨



ଆଗ୍ନେୟଗିରି ଉଦ୍‌ଗିରଣ ପରେ ଇଷ୍ଟ୍ ଜାଭା ପ୍ରଦେଶର ଲୁମାଜଙ୍ଗସ୍ଥିତ ଗ୍ଲାଡାକ୍ ପେରାକ୍ ବ୍ରିଜ୍ ପାଉଁଶରେ ଆଚ୍ଛାଦିତ ହୋଇଛି।


Remembering



LATE MANA GOVINDA MOHANTY
05.12.1904 - 21.03.1981
Mandasahi, Jagatsinghpur

*On his 118th Birth Anniversary we at* ***Mana Govinda Mohanty Charitable Trust*** *pledge to continue our journey as an organisation with the community at its heart.*

*Your Humble nature and revolutionary vision towards building an enterprise with humility and compassion will continue to inspire us.*

*In fond memory:*
*Sabita, Rajib Lochan, Namita, Kamal Lochan, Padma Lochan, Pankaj Lochan, Meenoti, Annapurna, Sandhya, Seema, Siddhartha, Anshuman, Tanuj, Rumi, Anamika, Poonam, Priyangana, Ivaani &*
*The Family of MGM Group (Odisha)*

**ଆଜିର ମନ୍ତବ୍ୟ**

"୨୦୪୭ରେ ସ୍ୱାଧୀନତାର ଶତବାର୍ଷିକୀ ପାଳିତ ହେବାକୁ ଥିବାବେଳେ ଆସନ୍ତା ୨୫ ବର୍ଷ ମଧ୍ୟରେ ଭାରତ ବିଶ୍ୱଗୁରୁ ହେବ। **-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**"

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯୁଆଡ଼େ ବର୍ଷା**
**ସିଆଡ଼େ ଛତା।**

ବର୍ଷା ଯୁଆଡେ ଛତା ସିଆଡେ ଭଳି ଯେଉଁଆଡ଼େ କିଛି ପାଇବାର ଆଶା ରହିଥାଏ, କିଛି ବ୍ୟକ୍ତି ସେହି ଆଡ଼କୁ ଧାଉଁଥିବାର ଲକ୍ଷ୍ୟ କରାଯାଇଥାଏ। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ଗୋଡ଼ାଣିଆ ଚରିତ୍ର ରହିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେଡ଼େ ବାଉଁଶ**
**ସେଡ଼େ ପୋଲ।**

କଣ୍ଟାବାଉଁଶ ଦେଖିବାକୁ ଅପେକ୍ଷାକୃତ ଛୋଟ, ତା'ଭିତର ପୋଲା ନୁହେଁ। ପରନ୍ତୁ ଲମ୍ବ ବାଉଁଶ ଆକାରରେ ଖୁବ୍ ବଡ଼, ମୋଟା ହୋଇଥିବା ବେଳେ ଭିତରଟା କିନ୍ତୁ ପୋଲା ହୋଇଥାଏ। ପରୋକ୍ଷରେ ଆୟ ଅନୁସାରେ ବ୍ୟୟ। ଯାହାର ଆୟ ଯେତେ ବେଶି ତା'ର ବ୍ୟୟ ମଧ ସେହି ଅନୁସାରେ ଅଧିକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବିଭିନ୍ନ ଜିଲ୍ଲାରୁ ଆସିଥିବା ମିଶନ ଶକ୍ତିର ମା'ମାନେ ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସୁବିଧା, ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି।

# ଦାୟିତ୍ୱରେ ଥିବା ନେତାଙ୍କ ପାଇଁ କର ବା ମର ସ୍ଥିତି

**ପଦ୍ମପୁର ଉପନିର୍ବାଚନ**

**ପଦ୍ମପୁରରୁ ସୁନିତ୍ ମିଶ୍ର**

ପଦ୍ମପୁର ଉପନିର୍ବାଚନରେ ବିଜୟ ହାସଲ କରିବା ବର୍ତ୍ତମାନ ବିଜେଡି ଏବଂ ଭାଜପା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଏହା ଶେଷ ଉପନିର୍ବାଚନ ହୋଇଥିବାରୁ ଏହାକୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବର ସେମିଫାଇନାଲ ବୋଲି କୁହାଯାଉଛି। ଅବଶ୍ୟ ଏହାପରେ ଯଦି ୨୦୨୪ ପୂର୍ବରୁ କୌଣସି ସ୍ଥାନରେ ଉପନିର୍ବାଚନ ହେବାକୁ ପଡ଼େ, ତେବେ ତାହା ମଧ୍ୟ ଆହୁରି ଅଧିକ ଗୁରୁତ୍ୱ ବହନ କରିବ। ଯେପରି ଧାମନଗର ଉପନିର୍ବାଚନରେ ବିଜେଡିର ପରାଜୟ ଯୋଗୁ ପଦ୍ମପୁରରେ ଶାସକ ଦଳ ନେତାଙ୍କୁ ଆବଶ୍ୟକତାଠାରୁ ଅଧିକ କଠିନ ପରିଶ୍ରମ କରିବାକୁ ପଡ଼ିଛି। ସେହିପରି ଏବେର ଫଳାଫଳ ମଧ୍ୟ ଆଗାମୀ ରାଜନୈତିକ ଭବିଷ୍ୟତ ସ୍ଥିର କରିବା ନେଇ ସ୍ପଷ୍ଟ ଅନୁମେୟ।

ଧାମନଗର ଉପନିର୍ବାଚନ ପରେ ପଦ୍ମପୁରରେ ବିଜୟୀ ହେବାକୁ ୨ ପ୍ରମୁଖ ଦଳ ସବୁପ୍ରକାର ବଳ ଲଗାଇ ଦେଇଛନ୍ତି ବୋଲି ରାଜ୍ୟ ରାଜନୀତିରେ ମୁଖ୍ୟ ଆଲୋଚନାର ବିଷୟବସ୍ତୁ ପାଲଟିଥିଲା। ବିଭିନ୍ନ ଜାଗାରେ ଆଲୋଚନା ଶୁଣିବା ପରେ ଧରିତ୍ରୀ ପକ୍ଷରୁ ପଦ୍ମପୁର ଅଭିମୁଖେ ଶନିବାର ବିଳମ୍ବିତ ରାତିରେ ଗସ୍ତ ଆରମ୍ଭ କରିଥିଲୁ। ରବିବାର ସକାଳ ୮ଟା ୩୦ ମିନିଟ ସମୟରେ ପଦ୍ମପୁର ନିର୍ବାଚନ ମଣ୍ଡଳୀ ଖୁଣ୍ଟପାଲି ଛକଠାରେ ପୋଲିସ ଅଟକାଇଥିଲା। ସେଠାରେ ବରଗଡ଼ ଏସ୍‌ପି ଅଫିସରେ କାର୍ଯ୍ୟରତ କ୍ଷୀରୋଦ୍ର ବିଶ୍ୱାଳ ଅଟକାଇ ଗାଡ଼ି ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଏଇଠାରୁ ହିଁ ପଦ୍ମପୁର ଉପନିର୍ବାଚନର ଉଷ୍ମତା ବିଷୟରେ ଜଣାପଡ଼ିଥିଲା। ୪ଦିନ ପୂର୍ବରୁ ଏକ ଗାଡ଼ିରୁ ୨ଲକ୍ଷ ୬୦ହଜାର ଟଙ୍କା ଜବତ ହେବା କଥା ଆମେ ତାଙ୍କ ମୁହଁରୁ ଶୁଣିବା ପରେ ଆମେ ଆମର ଯାତ୍ରା ପୁଣି ଆରମ୍ଭ କରିଥିଲୁ। ସେହିଠାରୁ ଯେତିକି ଆଗକୁ ଯାଉଥିଲୁ ପୋଷ୍ଟର, ବ୍ୟାନର, ଦଳୀୟ ପତାକା ଛାଉଣି ହୋଇଥିବା ଦୃଶ୍ୟ ଦେଖିବାକୁ ପାଇଲୁ। ଉଭୟ ବିଜେଡି ଏବଂ ଭାଜପା ଯେଉଁ ମାତ୍ରାରେ ପୋଷ୍ଟର, ବ୍ୟାନରମୟ କରିଥିଲେ ସେଥିରୁ ନିର୍ବାଚନୀ ଖର୍ଚ୍ଚ ସମ୍ପର୍କରେ ଭଲ ଭାବେ ବୁଝା ପଡ଼ିଯାଇଥିଲା। ସେଠାରୁ ଯାଇ ରଜାପଡ଼ା ଅଞ୍ଚଳର ଭିକ ଲୁହାଙ୍କୁ ଏକ ଘରୋଇ ହୋଟେଲର ଠିକଣା ପଚାରିଥିଲୁ। ହଠାତ୍ ସେ ଟଙ୍କା ଦିଅ, ଭୋଟ୍ ନେବ ବୋଲି ଆମକୁ କହିଥିଲେ। ଆମେ କିଛି ବୁଝିବା ପୂର୍ବରୁ ସେ ଆହୁରି କହିଥିଲେ ଯେ, ଯିଏ ପଇସା ଦେବ, ତାକୁ ଆମେ ଭୋଟ୍ ଦେବୁ। ଶଙ୍ଖ ଆମକୁ ଚଳାଉଛି। ହେଲେ ମୋଦି ଆସିବା ପରେ ଆମ ଏନ୍‌ଏସି ଏରିଆରେ ଛାତଘର ଦିଆଯାଇଛି। ତେଣୁ ଆମକୁ ଏବେ ଯିଏ ଟଙ୍କା ଦେବ, ସେ ଭୋଟ୍ ନେବ ବୋଲି ଆମକୁ କହିଥିଲେ। ଭିକଙ୍କ ଏହି କଥାରୁ ବହୁତ କିଛି ବୁଝା ପଡୁଥିଲା। ଏହାପରେ ଯେତେବେଳେ ଆମେ ଠିକଣା ଖୋଜୁଥିବା ହୋଟେଲକୁ ପାଇଲୁ, ସେଠାରେ ଆମର ୨ଟି ରୁମ୍ ଆବଶ୍ୟକତା ଥିଲା। ଏ ବାବଦରେ ଯେତେବେଳେ ଆମେ ହୋଟେଲ ମାଲିକଙ୍କୁ କହିଲୁ, ସେ ଗୋଟିଏ ରୁମ୍ ଅଛି ରହିଯାଅ ବୋଲି କହିଥିଲେ। ହେଲେ ଆମେ ୨ଟି ରୁମ୍‌ର ଆବଶ୍ୟକତା ଅଛି ବୋଲି କହିବାରୁ ସେ ପାଲଟା କହିଥିଲେ, ଦେଖନ୍ତୁ ଆପଣ ଭାଗ୍ୟବାନ। ଯେଉଁ ଦାମ୍‌ରେ ଆପଣ ବର୍ତ୍ତମାନ ଗୋଟିଏ ରୁମ୍ ପାଉଛନ୍ତି, ଦିନକ ପୂର୍ବରୁ ତାହା ଆପଣ ଦେଉଥିବା ମୂଲ୍ୟର ୪ଗୁଣା ଅଧିକ ଥିଲା। ହୋଟେଲ ମାଲିକଙ୍କ ଏହି କଥାରୁ ବୁଝାପଡୁଛି, ରାଜନେତାମାନେ କେବଳ ହୋଟେଲରେ ରହଣି ବାବଦକୁ ଗତ ୧୦ଦିନ ମଧ୍ୟରେ କେତେ ଖର୍ଚ୍ଚ କରିଥିବେ। କାରଣ କିଛି ସମୟ ଆଲୋଚନା ଭିତରେ ଉକ୍ତ ହୋଟେଲ ମାଲିକ ଜଣାଇଥିଲେ, ଏଠାରେ ୧୦ଜଣ ବିଧାୟକ ଏବଂ ୨ଜଣ ମନ୍ତ୍ରୀ ରହୁଥିଲେ।

ନିର୍ବାଚନ ଆଚରଣ ବିଧି ଅନୁଯାୟୀ ଶନିବାର ୪ଟା ସୁଦ୍ଧା ସମସ୍ତ ବାହାର ନେତା, ମନ୍ତ୍ରୀ ପଦ୍ମପୁର ଛାଡ଼ି ଦେଇଥିଲେ। ତେଣୁ ଭୁବନେଶ୍ୱର ଏବଂ ଅନ୍ୟ ଅଞ୍ଚଳରୁ ଆସିଥିବା ମାଳ ମାଳ ନେତା, ମନ୍ତ୍ରୀଙ୍କୁ ରବିବାର ପଦ୍ମପୁର ଅଞ୍ଚଳରେ ଦେଖିବାକୁ ମିଳି ନ ଥିଲା। ହେଲେ ଉକ୍ତ ନେତା, ମନ୍ତ୍ରୀଙ୍କ ଜଣେ ଲେଖାଏ ସହଯୋଗୀ ବିଭିନ୍ନ ହୋଟେଲରେ ଲୁଚି ରହିଥିବା ଆମ ଦୃଷ୍ଟିକୁ ଆସିଥିଲା। ଆମେ ରହୁଥିବା ହୋଟେଲରେ କଟକ ଅଞ୍ଚଳର ଜଣେ ଯୁବନେତାଙ୍କ ସହିତ ଭେଟ ହୋଇଥିଲା। ସିଏ ଯେଉଁ ନେତାଙ୍କ ଟିମ୍‌ରେ ରହି ଗୋଟିଏ ପଞ୍ଚାୟତର ଦାୟିତ୍ୱ ବୁଝୁଥିଲେ ଭୋଟ୍ ନ ସରିବା ପର୍ଯ୍ୟନ୍ତ ସେଠାରେ ରହିବାକୁ ତାଙ୍କୁ ନିର୍ଦ୍ଦେଶ ମିଳିଥିବା ସେ ଜଣାଇଥିଲେ। ଅବଶ୍ୟ ସେ କୌଣସି ଗାଡ଼ି, ମୋଟର ନ ରଖି ସାଧାରଣ ଲୋକଙ୍କ ଭଳି ଚଲାବୁଲା କରି ନିଜ କାମ କରୁଥିଲେ। ପଦ୍ମପୁର ସ୍ଥିତି କ'ଣ ବୋଲି ପଚାରିବାରୁ ତାଙ୍କ ନାମ ନ କହିବା ସର୍ତ୍ତରେ ସେ ଜଣାଇଥିଲେ, ସେ ଯେଉଁ ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି, ସେଠାରେ ଭୋଜିଭାତ, ପୋଷ୍ଟର, ବ୍ୟାନର, ମଦ ଖର୍ଚ୍ଚ ଛାଡ଼ି ବିଜେଡି ଭୋଟର ପ୍ରତି ହଜାରେ ଟଙ୍କା ଲେଖାଏ ଦେଇଛି। ଏହା ସହ କୌଣସି ବଡ଼ ବଡ଼ ନେତାମାନେ ମଧ୍ୟ ଭୋଟ୍ ନ ସରିବା ଯାଏ ଜିଲାର ଅନ୍ୟତ୍ର ରହି ନିଜ କାର୍ଯ୍ୟ ଚଳାଇଥିବା ସେ କହିଥିଲେ।

ଆମେ ଭେଉଁରିଆ ଛକରୁ ବାହାରି ପାଇକମାଳ ବ୍ଲକରେ ପହଞ୍ଚିଥିଲୁ। ପାଇକମାଳର ହୀରାପୁର, କେଛୋଦାଦର, ମହାରାଣୀ ମେରିପୁର ଭଳି କେତେଗୁଡ଼ିଏ ଗ୍ରାମକୁ ଗସ୍ତ କରି ସେଠାରେ ବିଭିନ୍ନ ବର୍ଗର ଭୋଟରଙ୍କୁ ଭେଟିଥିଲୁ। ଏହି ଗ୍ରାମର ଲୋକମାନେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରୁଥିବାବେଳେ ବହୁ ପ୍ରକାର ସୁବିଧା, ସୁଯୋଗଠାରୁ ଏମାନେ ଦୂରରେ ରହିଛନ୍ତି। ତଥାପି ମତାମତ ନେବା ପରେ ସେମାନେ ଯେ ଅତ୍ୟନ୍ତ ସଚେତନ ଭୋଟର ଏକଥାକୁ ଏଡ଼ାଇ ଦିଆଯାଇ ନ ପାରେ। ଆମେ ଭେଟିଥିବା ଏକାଧିକ ଭୋଟର ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉପରେ ଭରସା ରଖି ନ ଥିବା କହିଥିଲେ ହେଁ ଦଳ ନୁହେଁ, ପ୍ରାର୍ଥୀ ଦେଖି ଭୋଟ୍ ଦେବେ ବୋଲି ଜଣାଇଥିଲେ। ଗ୍ରାମାଞ୍ଚଳର ଏହି ଭୋଟରଙ୍କ ମତାମତ ହିଁ ଅନେକ କିଛି ସଙ୍କେତ ଦେଉଥିଲା। ଏହାସହ ଗାଁ ଗାଁରେ ବନ୍ଧୁକଧାରୀ ଫୋର୍ସ ଘୂରି ବୁଲୁଥିଲେ। ତେବେ କିଛି ଭୋଟରଙ୍କୁ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଇନ୍‌ପୁଟ ସବସିଡ଼ି, ପଦ୍ମପୁରକୁ ଜିଲା ମାନ୍ୟତା ଏବଂ କୁଲିତା ସମାଜ ପାଇଁ ପୁରୀରେ ଧର୍ମଶାଳା ବିଷୟ ନେଇ ବୁଝିଥିଲୁ। ହେଲେ ଲୋକମାନଙ୍କର ସେହି କଥା ପ୍ରତି କୌଣସି ପ୍ରକାର ଗୁରୁତ୍ୱ ନ ଥିବା ସେମାନେ କହିଥିଲେ। ପ୍ରଥମକରି ସେମାନେ ଏହିପରି ବ୍ୟୟବହୁଳ ଏବଂ ଜନବହୁଳ ଉପନିର୍ବାଚନ ଦେଖି ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ସମାଧାନ କରିଦେବେ ବୋଲି କହି ଫେରିଥିବା ନେତାମାନେ ଆଗକୁ କ'ଣ କରୁଛନ୍ତି ବୋଲି ସେମାନେ ଅପେକ୍ଷା କରିଥିବା ମତ ରଖିଥିଲେ। ତେବେ ଶାସକ ଦଳ ଭଳି ନ ହେଲେ ମଧ୍ୟ ଭାଜପା ଭୋଟର ପିଛା ୫୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିଥିବା କିଛି ଗ୍ରାମକୁ ଗଲା ପରେ ଭାଜପା ସମର୍ଥିତ କର୍ମୀଙ୍କ ମୁହଁରୁ ଶୁଣିବାକୁ ମିଳିଛି। ଅନ୍ୟପଟେ ଉପକୂଳ ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଆସିଥିବା ବିଜେଡି ଏବଂ ଭାଜପା ନେତାମାନେ ଏବେ ପଦ୍ମପୁର ନିର୍ବାଚନ ମଣ୍ଡଳୀରୁ ବାହାରି ଯାଇ ଗାଇସିଲେଟ, ନୂଆପଡ଼ା, ସୋହେଲା, ବରଗଡ଼ ହେଡ୍‌କ୍ୱାର୍ଟର୍ସର ବିଭିନ୍ନ ହୋଟେଲରେ ରହି ଭୋଟ୍ ନ ସରିବା ପର୍ଯ୍ୟନ୍ତ ଉପନିର୍ବାଚନର ଟିକିନିଖି ଖବର ରଖି ତଦାରଖ ଚଳାଇଥିବା ଜଣାପଡ଼ିଛି। ଧାମନଗର ଭଳି ପଦ୍ମପୁର ଉପନିର୍ବାଚନ ଫଳାଫଳ ଯେଭଳି ଖରାପ ନ ହୁଏ, ସେଥିଲାଗି ଦାୟିତ୍ୱରେ ଥିବା ଶାସକ ଦଳ ନେତାଙ୍କ ମୁଣ୍ଡରେ ଖଣ୍ଡା ଝୁଲୁଛି। ତେଣୁ ସେମାନେ ଏବେ କର ବା ମର ସ୍ଥିତିରେ କାର୍ଯ୍ୟ ଜାରି ରଖିଥିବା ଜଣେ ବରିଷ୍ଠ ବିଜେଡି ନେତା କହିଛନ୍ତି। ଅନୁରୂପ ଭାବେ ପଦ୍ମପୁର ଉପନିର୍ବାଚନ ଫଳାଫଳ ନିଜ ସପକ୍ଷରେ ନେଇ ରାଜ୍ୟ ରାଜନୀତିରେ ଏକ ପରିବର୍ତ୍ତନର ସୁନିଶ୍ଚିତ ବାର୍ତ୍ତା ଦେବାକୁ ଭାଜପା ନେତାମାନେ କଳବଳ ଲଗାଇ ଦେଇଛନ୍ତି। ହେଲେ ବିଗତ ଦିନରେ ଏକାଧିକବାର ଏହି ଆସନ ନିଜ ହାତରେ ରଖି ଆସିଥିବା କଂଗ୍ରେସ ବ୍ୟାନର, ପୋଷ୍ଟର ଏବଂ ପ୍ରଚାର ରାଜନୀତିରେ ବହୁପଛରେ ରହିଛି। ଅନେକ ଭୋଟର କଂଗ୍ରେସ ପ୍ରାର୍ଥୀଙ୍କ ନାମ ମଧ୍ୟ ଜାଣି ନ ଥିବା ସିଧାସଳଖ ଧରିତ୍ରୀ ଲାଇଭ୍‌ରେ ମତ ରଖିଛନ୍ତି।

## ସ୍ତ୍ରୀଙ୍କ କଟୁରି ମାଡ଼ରେ ସ୍ୱାମୀ ମୃତ

**ବାଲେଶ୍ୱର ଅଫିସ,୪।୧୨**

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ଚାରିଗୋଛିଆ ଗ୍ରାମରେ ଘରୋଇ କଳହକୁ ନେଇ ସ୍ତ୍ରୀଙ୍କ କଟୁରି ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋବିନ୍ଦ ମାରାଣ୍ଡି (୫୮)। ହତ୍ୟାକାରୀ ସ୍ତ୍ରୀ ଜବା(୪୫)ଙ୍କୁ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୧୧୬/୨୨) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗୋବିନ୍ଦ ଓ ଜବାଙ୍କ ମଧ୍ୟରେ ଘରୋଇ କଥାକୁ ନେଇ ୨ଦିନ ହେବ ଝଗଡ଼ା ଲାଗିରହିଥିଲା। ଶନିବାର ମଧ୍ୟରାତିରେ ଗୋବିନ୍ଦ ଜବାଙ୍କୁ ମାଡ଼ ମାରିବା ପାଇଁ ଗୋଡ଼ାଉ ଥିବା ବେଳେ ଜବା ରାଗିଯାଇ ପାଖରେ ଥିବା ଏକ କଟୁରିରେ ତାଙ୍କ ମୁଣ୍ଡ ଏବଂ କାନ ପାଖକୁ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ଗୋବିନ୍ଦ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଚାନ୍ଦିପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତାଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ କଟୁରି ଜବତ ହୋଇଛି।

## ମହାପ୍ରଭୁ, ଓଡ଼ିଶାବାସୀଙ୍କୁ କ୍ଷମା ମାଗିଲେ ଅନିମେଷ

ପୁରୀ ଅଫିସ, ୪।୧୨: ଶ୍ରୀମନ୍ଦିର ଭିଡିଓ ଭାଇରାଲ ଘଟଣା ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇବା ପରେ ରବିବାର କୋଲକାତାର ୟୁଟ୍ୟୁବର ଅନିମେଶ ଚକ୍ରବର୍ତ୍ତୀ ଏକ ଭିଡିଓ ଜାରି କରି ଭୁଲ୍ ମାଗିଛନ୍ତି। ଶ୍ରୀମନ୍ଦିରର ଏହି ଭିଡିଓ ଉତ୍ତୋଳନ ବେଆଇନ ହୋଇଥିବା ବେଳେ ସେ ଏ ସଂକ୍ରାନ୍ତରେ ଅବଗତ ନ ଥିବା କହିଛନ୍ତି। ଏ ନେଇ ସେ ମହାପ୍ରଭୁ ଏବଂ ପୁରୀ ପୋଲିସ ସମେତ ଚାରିକୋଟି ଓଡ଼ିଆଙ୍କଠାରୁ କ୍ଷମା ପ୍ରାର୍ଥନା କରିଛନ୍ତି। ଏହି ଭୁଲ ପାଇଁ ସେ ନିଜକୁ ଦାୟୀ କରିଥିବାବେଳେ ଏଭଳି ଭୁଲ ଆଗକୁ କରିବେ ନାହିଁ ବୋଲି କହିବା ସହ ସମ୍ପୃକ୍ତ ଭିଡିଓକୁ ଡିଲିଟ କରିଛନ୍ତି। ସେ ୩ ମାସ ତଳେ ପୁରୀ ଆସିଥିଲେ ଓ ରହିଥିଲେ। ସେତେବେଳେ ବର୍ଷା ଲାଗିରହିଥିଲା। ସେ ଫେରିଯିବା ଦିନ ଅପରାହ୍ଣରେ ପାଗ ଭଲ ଥିବାରୁ ଡ୍ରୋନ ସାହାଯ୍ୟରେ ଭିଡିଓ କରିଥିଲେ। ତେବେ ତାଙ୍କର କୌଣସି ମନ୍ଦ ଉଦେଶ୍ୟ ନ ଥିଲା। ଡ୍ରୋନ ଉଡାଇ ଭିଡିଓ ଶୁଟ୍ କଲା ବେଳେ ନୋ ଫ୍ଲାଇଂ ଜୋନ ବାବଦରେ ଜାଣି ନ ଥିଲେ କି ତାଙ୍କୁ ସେପରି କିଛି ସୂଚନା ମିଳି ନ ଥିଲା ବୋଲି ଅନିମେଶ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

### ମୋରାଲିଟି ପୋଲିସ...

ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ଅହମାଦିନେଜାଦଙ୍କ ଅମଳରେ ମୋରାଲିଟି ପୋଲିସ (ଗସ୍‌ହତ୍-ଇ-ଏର୍ଶାଦ) ବା ଗାଇଡେନ୍ସ ପାଟ୍ରୋଲ ପ୍ରତିଷ୍ଠା କରାଯାଇଥିଲା। ମର୍ଯ୍ୟାଦା ଓ ହିଜାବ ସଂସ୍କୃତିର ପ୍ରସାର ଥିଲା ସୁପ୍ରିମ କାଉନ୍‌ସିଲ ଅଧୀନ ଏହି ପୋଲିସର ଦାୟିତ୍ୱ। ୧୯୮୩ରେ ହିଜାବ ପରିଧାନକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ୨୦୦୬ରୁ ମୋରାଲିଟି ପୋଲିସ ୟୁନିଟ୍ ଡ୍ରେସ୍ କୋଡ୍ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିଆସୁଥିଲା। ଛୋଟ ବସ୍ତ୍ର କିମ୍ବା ଜିନ୍ସ ପିନ୍ଧିବା ମହିଳାଙ୍କ ପାଇଁ ସ୍ୱପ୍ନ ହୋଇଯାଇଥିଲା। ଏବେ ରାଷ୍ଟ୍ରପତି ଇବ୍ରାହିମ୍ ରଇସିଙ୍କ ଅଧୀନରେ ଥିବା ସୁପ୍ରିମ କାଉନ୍‌ସିଲ ହିଜାବ ପରିଧାନକୁ ଆହୁରି କଡ଼ାକଡ଼ି କରିଥିଲା, ଯାହାର ପରିଣାମ ସ୍ୱରୂପ ମହସାଙ୍କୁ ପ୍ରାଣବଳି ଦେବାକୁ ପଡ଼ିଲା। ମହସାଙ୍କ ମୃତ୍ୟୁ ପରେ ଆନ୍ଦୋଳନକାରୀ ଯୁବତୀମାନେ ନିଜ ଚୁଟି କାଟି ନିଜ ନିଜ ହିଜାବକୁ ଜାଳିବାରେ ଲାଗିଥିଲେ। ସରକାର ବିରୋଧୀ ସ୍ଲୋଗାନର ଧ୍ୱନିରେ ରାଜଧାନୀ ତେହରାନ ପ୍ରକମ୍ପିତ ହୋଇଥିଲା। ପୋଲିସ ସେମାନଙ୍କୁ ଘଉଡ଼ିବାକୁ ଯାଇ ଅନେକ ସ୍ଥାନରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଆନ୍ଦୋଳନକାରୀମାନେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ବିରୋଧରେ ନାରାବାଜି କରି ଦେଶରେ ଇସ୍‌ଲାମିକ୍ ସରକାର ଉଚ୍ଛେଦ ପାଇଁ ମଧ ଦାବି କରିଥିଲେ। ସାମାଜିକ ଗଣମାଧମରେ ଏସବୁ ବହୁଳ ପ୍ରସାରିତ ହେବା ପରେ ଆମେରିକା ସମେତ ବିଭିନ୍ନ ଦେଶରେ ଇରାନ ବିରୋଧୀ ମନୋଭାବ ବଢ଼ିବାରେ ଲାଗିଥିଲା। ପୋଲିସର ଲାଠିମାଡ଼ ଓ ଗୁଳିରେ ପ୍ରାୟ ୩୦୦ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ବହୁସଂଖ୍ୟକ ଲୋକ ଆହତ ହୋଇଥିବା ଜାତିସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମୃତକଙ୍କ ପ୍ରକୃତ ସଂଖ୍ୟା ୪୪୮ ବୋଲି ଓସ୍‌ଲୋର ଏନ୍‌ଜିଓ ଇରାନ ହ୍ୟୁମାନ୍ ରାଇଟ୍ସ ଗତ ମଙ୍ଗଳବାର କହିଥିଲା। କିନ୍ତୁ ଇରାନର ସିକ୍ୟୁରିଟି କାଉନ୍‌ସିଲ ଏହାକୁ ଖଣ୍ଡନ କରିବା ସହ ମୃତ୍ୟୁସଂଖ୍ୟା ୨୦୦ ମଧ୍ୟରେ ସୀମିତ ବୋଲି କହିଛି। ଏଥିସହ ଆନ୍ଦୋଳନ ପଛରେ ବିଦେଶୀ ଶକ୍ତିଙ୍କ ହାତ ଥିବା ସମାଲୋଚନା କରିଛି। ରଷ୍ଟ୍ରେପତି ରଇସି ବୁଧବାର ଷ୍ଟୁଡେଣ୍ଟ ଡେ ପାଳନ ଅବସରରେ ତେହରାନ ୟୁନିଭର୍ସିଟିରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବାକୁ ଥିବାବେଳେ ଛାତ୍ରୀଛାତ୍ରମାନେ ରବିବାରଠାରୁ ୩ ଦିନିଆ ଷ୍ଟ୍ରାଇକ୍‌ର ଆହ୍ୱାନ ଦେଇଥିଲେ। ଏହାର ଅବ୍ୟବହିତ ପୂର୍ବରୁ ରଇସି ସରକାର ଦେଶ ଭିତର ଓ ବାହାର ଚାପରେ ଆସି ମୁଣ୍ଡ ନୁଆଁଇଥିବା କୁହାଯାଉଛି।

### ପଦ୍ମପୁର ଉପନିର୍ବାଚନ, ...

ଉକ୍ତ ନିର୍ବାଚନ ମଣ୍ଡଳୀରେ ୭୯ ବୁଥ୍‌କୁ ଅଧୀନ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଫଳରେ ଏହି ବୁଥ୍ ସମେତ ୧୨୦ ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା ହୋଇଛି। ୬୬ ବୁଥ୍‌ରେ ସିସିଟିଭି ସଂଲଗ୍ନ କରାଯାଇଛି। ସେହିପରି ୯୧ ମାଇକ୍ରୋ ଅବଜର୍ଭରଙ୍କୁ ନିୟୋଜିତ କରାଯାଇଛି ଏବଂ ସେମାନେ ସମସ୍ତେ କେନ୍ଦ୍ର ସରକାର ଅଧୀନରେ କାର୍ଯ୍ୟରତ କର୍ମଚାରୀ ହୋଇଥିବା ବେଳେ ସାଧାରଣ ପର୍ଯ୍ୟବେକ୍ଷଙ୍କ ତତ୍ତ୍ୱାବଧାନରେ ଦାୟିତ୍ୱ ତୁଲାଉଛନ୍ତି। ମତଦାନ ସମୟରେ ଆଇନଶୃଙ୍ଖଳା ପ୍ରତି ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଏଥିପାଇଁ ୨୦୬ ପୋଲିସ ଅଧିକାରୀ, ୨୧ପ୍ଲାଟୁନ ଆର୍ମସ୍ ଫୋର୍ସ, ୪୪୫ ହୋମ୍‌ଗାର୍ଡଙ୍କ ସମେତ ସମୁଦାୟ ୧୪୧୩ ପୋଲିସ କର୍ମଚାରୀ ଏବଂ ୯ କମ୍ପାନୀ ସିଏପିଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଛି।

ମତଦାନ ଯେଭଳି ସୁରୁଖୁରୁରେ ସମାପନ ହେବ ସେଥିପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୧୨୭୬ ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନେ ପଦ୍ମପୁର ଆର୍‌ଏମ୍‌ସି ପରିସରରୁ ଇଭିଏମ୍ ଏବଂ ଅନ୍ୟ ସାମଗ୍ରୀ ଧରି ନିର୍ଦ୍ଧାରିତ ବୁଥ୍‌ଗୁଡ଼ିକରେ ପହଞ୍ଚି ସାରିଛନ୍ତି। ପ୍ରତି ବୁଥ୍‌ରେ ୪ଜଣ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଅତିରିକ୍ତ ୧୨୮ ପୋଲିଂ କର୍ମଚାରୀ ରହିଛନ୍ତି ଏବଂ କେଉଁଠି କିଛି ଅସୁବିଧା ହେଲେ ସେମାନେ ସେଠାକୁ ପହଞ୍ଚି ପୋଲିଂ ଦାୟିତ୍ୱ ନିର୍ବାହ କରିବେ। ସେହିପରି ସ୍ୱତନ୍ତ୍ର ଇଭିଏମ୍ ମଧ୍ୟ ସୁରକ୍ଷିତ ରଖାଯାଇଛି। କୌଣସି ବୁଥ୍‌ରେ ଇଭିଏମ୍ ତ୍ରୁଟି ଦେଖାଗଲେ ଅଧ ଘଣ୍ଟା ମଧ୍ୟରେ ସେଠାକୁ ଅନ୍ୟ ଇଭିଏମ୍ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷେ ମତାଦାନର ୪୮ଘଣ୍ଟା ପୂର୍ବରୁ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଥିବା ସବୁ ମଦ ଦୋକାନକୁ ସିଲ୍ କରାଯାଇଛି। ହୋଟେଲ, ବାର୍, ରେଷ୍ଟୁରାଣ୍ଟ, ଦୋକାନ ଏବଂ ଅନ୍ୟ ସ୍ଥାନରେ ମଦ ବିକ୍ରି କିମ୍ବା ବଣ୍ଟନକୁ ବାରଣ କରାଯାଇଛି। ସେହିପରି ମତଦାନ ବେଳେ ଏକ୍‌ଜିଟ୍ ପୋଲ୍ ଉପରେ ରୋକ୍ ଲଗାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ଆକାଶରେ ୧୫ କି.ମି....

ଧୂଳି ଓ ବର୍ଷା ଯୋଗୁ ରାସ୍ତାଗୁଡ଼ିକୁ ବନ୍ଦ କରିଦିଆଯାଇଛି। ୮ କି.ମି ଅଞ୍ଚଳକୁ ଡେଞ୍ଜର ଜୋନ୍ ଘୋଷଣା କରାଯାଇଥିବା ଭୋଲ୍‌କାନୋଲୋଜି ଆଣ୍ଡ ଜିଓଲୋଜିକାଲ ହାଜାର୍ଡ ମିଟିଗେଶନ୍ ସେଣ୍ଟର ମୁଖ୍ୟ ହେନ୍ଦ୍ରା ଗୁନାୱନ୍ କହିଛନ୍ତି। ତେବେ ଏଥିଯୋଗୁ କେହି ମୃତାହତ ହୋଇ ନ ଥିବା ପରିବହନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଜଧାନୀ ଜାକର୍ତ୍ତାରୁ ୬୪୦ କି.ମି. ଦୂରରେ ଅବସ୍ଥିତ ସୁମେରୁ ମହାମେରୁ ନାମରେ ମଧ ପରିଚିତ। ଗତବର୍ଷ ଡିସେମ୍ବରରେ ଶେଷ ଥର ପାଇଁ ସେମେରୁରୁ ବଡ଼ ଧରଣର ଲାଭା ଉଦ୍‌ଗିରଣ ହୋଇଥିଲା। ଜନବସତିକୁ ଲାଭା ମାଡ଼ିଯିବାରୁ ଶତାଧିକ ଘର ମାଟିରେ ମିଶିଯାଇଥିଲା। ଏହାର ପ୍ରଭାବରେ ୫୧ ଜଣଙ୍କ ମୃତ୍ୟୁ ଘଟିଥିଲା।

### ସରିଲା ନିବେଶ ...

୩ୟ ଓ ୪ର୍ଥ ଦିନରେ ମୋଟ ୪୦ଟି ସ୍ୱତନ୍ତ୍ର ସମ୍ମିଳନୀଭିତ୍ତିକ କାର୍ଯ୍ୟକ୍ରମ ସହ ନିବେଶ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏପରିକି ରାଜ୍ୟର ବିକାଶ ପାଇଁ ଅନେକ କ୍ଷେତ୍ର ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ ହୋଇଥିଲା। କନ୍‌କ୍ଲେଭର ଶେଷ ଦିନର ପ୍ରଥମ ପର୍ଯ୍ୟାୟରେ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ବେଳେ ୨ୟ ପର୍ଯ୍ୟାୟରେ ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ କନ୍‌କ୍ଲେଭ ପରିସରରେ ମୋଟ ୩ୟ ସ୍ୱତନ୍ତ୍ର କକ୍ଷରେ ୧୧୪ ଶିଳ୍ପସଂସ୍ଥା ଓ ଅନ୍ୟାନ୍ୟ ସଂସ୍ଥାର ମଣ୍ଡପ (ଷ୍ଟଲ) ରହିଥିବା ବେଳେ ୮ଟି ସ୍ୱତନ୍ତ୍ର କକ୍ଷ ଓ ୧୪ଟି ବିଶେଷ ସ୍ଥାନ ଏବଂ ୧୨ଟି ଫୁଡ୍ ଷ୍ଟଲ ରହିଥିଲା। ସେହିପରି ରବିବାର ସକାଳେ ପ୍ରାୟ ୫ହଜାରରୁ ଅଧିକ ଲୋକ ପ୍ରଦର୍ଶନୀ ପରିଭ୍ରମଣ କରିଥିବା ବେଳେ ସନ୍ଧ୍ୟା ସମୟରେ ୧୦ରୁ ୧୫ ହଜାର ଲୋକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଶିଳ୍ପ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

### ବାଦ୍ୟ, ସଙ୍ଗୀତରେ ...

ପ୍ରଭୁ ଗଣେଶଙ୍କୁ ଆବାହନ ପୂର୍ବକ 'ବକ୍ର ତୁଣ୍ଡ ମହାକାୟ...' ବନ୍ଦନା ସହ ବାଦ୍ୟଯନ୍ତ୍ରର ଶାନ୍ତ, ସୁଶୀତଳ ଧ୍ୱନି ଉପସ୍ଥିତ ଅତିଥି ଓ ହଜାର ହଜାର ଜନତାଙ୍କ ମନରେ ଭକ୍ତିଭାବ ସୃଷ୍ଟି କରିଥିଲା। ବେହେଲାରେ ଅଗ୍ନିମିତ୍ରା ବେହେରା, ବଂଶୀରେ ଶ୍ରୀନିବାସ ଶତପଥୀ, ଗିଟାରରେ ଦେବ ରଞ୍ଜନ ନାୟକ ଓ ପ୍ରଣବ ପ୍ରଧାନ, କିବୋର୍ଡରେ ରମେଶ ଚନ୍ଦ୍ର ବେହେରା, ତବଲାରେ ବିଶ୍ୱ ରଞ୍ଜନ ନନ୍ଦ, ପରକ୍ୟୁଶନରେ ବୈଭବ କୁମାର ଦାସ ଓ ସମୀର ରଞ୍ଜନ ପ୍ରଧାନ, ଡ୍ରମ୍‌ରେ ବିକସିତ୍ ସାହୁ ଏବଂ କଣ୍ଠରେ ମିଲନ୍ କୁମାର ପଣ୍ଡା ରହିଥିଲେ। ପରବର୍ତ୍ତୀ ପ୍ରସ୍ତୁତି ଇମ୍ପ୍ରୋଭିଜେଶନ୍‌ରେ ଶିଳ୍ପୀଙ୍କ ଉତ୍ସାହ ଓ ଶକ୍ତି ଦେଖିବାକୁ ମିଳିଥିଲା। ପରେ ଶ୍ରୋତାଙ୍କୁ ଆଉଟିକେ ମନୋରଞ୍ଜନ ଦେବାକୁ ଯାଇ ଶିଳ୍ପୀମାନେ ଓଡ଼ିଶୀ ଫ୍ୟୁଜନ ପରିବେଷଣ କରିଥିଲେ, ଯାହା ସେମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହା ପରେ ଆରମ୍ଭ ହୋଇଥିଲା ସଙ୍ଗୀତ କାର୍ଯ୍ୟକ୍ରମ। କଣ୍ଠଶିଳ୍ପୀ ବିଶ୍ୱମୋହନ କବିଙ୍କ 'ଓଡ଼ିଶା ମୋ ଓଡ଼ିଶା...' ସଙ୍ଗୀତ ଉପସ୍ଥିତ ଶ୍ରୋତାଙ୍କୁ ଆତ୍ମୀୟତାର ଅନୁଭବ ଆଣିଦେଇଥିଲା। ଏଥିସହ ବାହାର ଅତିଥିଙ୍କୁ ଓଡ଼ିଶାର କଳା, ସଂସ୍କୃତି, ଇତିହାସ, ପର୍ଯ୍ୟଟନ ଆଦିର ସ୍ପର୍ଶ ଭରିଦେଇଥିଲା। ସେହିପରି କଣ୍ଠଶିଳ୍ପୀ ଶଶାଙ୍କ ଶେଖର, ବର୍ଣ୍ଣାଳୀ ହୋତା ଓ ଭାଗ୍ୟଶ୍ରୀଙ୍କ ସଙ୍ଗୀତ ବେଶ୍ ମନଛୁଆଁ ଥିଲା। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ଓ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁଯୁକ୍ତ ଚନ୍ଦ୍ର ଯୋଗୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଗଡ଼ାର ଆଶଙ୍କା ରହିଛି। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟିଜନିତ ସମସ୍ୟା କିମ୍ବା କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। କେବଳ କର୍ମକ୍ଷେତ୍ର ପ୍ରଶସ୍ତ ରହିବା ସହ ଶାରୀରିକ ସୁସ୍ଥତା ମନ୍ଦ ହେବନି।

**ବୃଷ** ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ। ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ମୃଗଶିରା ନକ୍ଷତ୍ର ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ପ୍ରକାଶ ପାଇବ।

**ମିଥୁନ** ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ, ମାତ୍ର ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହେବେ। ଜଣେ ସହକର୍ମୀଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ବାଧ୍ୟବାଧକତାରେ ମନୋରଞ୍ଜନ ସମ୍ପର୍କିତ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ।

**କର୍କଟ** ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଆଜି ଆକସ୍ମିକ ଭାବରେ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣବଶତଃ ବିରକ୍ତିକର କଥାବାର୍ତ୍ତା କରି ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ପରକଥାରେ ପ୍ରଭାବିତ ହେଲେ ଭୁଲ୍ ମାର୍ଗର ଅନୁସରଣ କରିବେ। ପୁଷ୍ୟା ନକ୍ଷତ୍ର ଜମିଜମା କାରବାର ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ସନ୍ତାନହେତୁକ ଚିନ୍ତା ବଢ଼ିବ।

**ସିଂହ** କର୍ମକ୍ଷେତ୍ରରେ ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୋଇପାରନ୍ତି। ବ୍ୟବସାୟରେ ସନ୍ତୋଷଜନକ ଫଳ ଦେଖାଦେଇପାରେ। ସ୍ୱାର୍ଥସାଧନର ଅଭିଳାଷ ପୂରଣ ନ ହେବାରୁ ମିତ୍ର କେହି ଛଳନା କରି ଦୂରେଇଯିବେ। ସବୁ ଭଲ ଥିଲେ ସୁଦ୍ଧା କେତେକ କଥାକୁ କେନ୍ଦ୍ରକରି ମାନସିକ ସ୍ତରରେ କଷ୍ଟ ପାଇବେ।

**କନ୍ୟା** ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଶତ୍ରୁତା ଅର୍ଜନ କରିପାରନ୍ତି। ଉପରିସ୍ଥ ଆଦେଶାନୁସାରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। କାଳକ୍ଷେପଣ ନୀତି ହେତୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ।

**ତୁଳା** ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସାଙ୍ଗକୁ ବିଳାସ ବ୍ୟସନରେ ସମୟ ଅତିବାହିତ କରିପାରନ୍ତି। ବନ୍ଧୁମାନେ ବିଭ୍ରାନ୍ତିକର ଖବର ପରିବେଷଣ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ଆନୁଷ୍ଠାନିକ କାମ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। କ୍ରନିକ୍ ରୋଗପୀଡ଼ା ଜନିତ ସ୍ୱାସ୍ଥ୍ୟରେ ଅବନତି ଘଟିପାରେ।

**ବିଛା** ଆଜି ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ଦୁଃଖ ଭୁଲି ଯାଇପାରନ୍ତି। ସହକର୍ମୀଙ୍କ କାର୍ଯ୍ୟକଳାପ ମନରେ ବିରକ୍ତିଭାବ ସୃଷ୍ଟି କରିବ। ପରିସ୍ଥିତିରେ ପଡ଼ି ଖର୍ଚ୍ଚ କରିବାକୁ ବାଧ୍ୟ ହେବେ ଓ ମନସ୍ତାପ ମଧ୍ୟ କରିବେ। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ଅପରାହ୍ନେ ଖୁସି ବାର୍ତ୍ତା ପାଇବେ।

**ଧନୁ** ହାତରୁ ପଇସା ଖର୍ଚ୍ଚ କରି ବନ୍ଧୁଙ୍କ କାର୍ଯ୍ୟରେ କୌଣସି ନିର୍ଦ୍ଦିଷ୍ଟ ଅଭିସନ୍ଧିମୂଳକ ଉଦେଶ୍ୟ ନିହିତ ରହିଥିବାର ଅନୁମାନ କରିପାରନ୍ତି। ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତାରିତ ହେବା ସମ୍ଭାବନା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ପୂର୍ବାଷାଢ଼ା ନକ୍ଷତ୍ରର ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**ମକର** ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ସୂଚନାକୁ ଅସ୍ୱୀକାର କରିପାରିବେ ନାହିଁ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କର୍ମକ୍ଷେତ୍ରରେ ଭଲ କାମ କରି ମଧ ନିନ୍ଦା ଶୁଣିବେ। ଆର୍ଥିକ ସ୍ଥିତି ବଦଳିଯିବା କାରଣରୁ ଉଦ୍‌ବିଗ୍ନତା ବୃଦ୍ଧି ପାଇବ। ପାରିବାରିକ ସମସ୍ୟା କେତେକାଂଶରେ ନିୟନ୍ତ୍ରିତ ରହିବ।

**କୁମ୍ଭ** ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ କର୍ମକ୍ଷେତ୍ରରେ ଶିଥିଳତା ଦେଖାଦେବ। ପରକଥାରେ ମୁଣ୍ଡ ପୂରାଇ ଭୁଲ୍ ମାର୍ଗରେ ଗତି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଶେୟାର ବଜାରରେ କ୍ଷତିର ଆଶଙ୍କା ରହିଛି। ମାତ୍ର ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲିପାରିବେ ନାହିଁ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସଜାରେ ମଜ୍ଜିରହିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ସୁଦ୍ଧା ସମାଲୋଚିତ ହେବେ। ପ୍ରଶାସନ, ସଙ୍ଗଠନ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ଗୃହ ନିର୍ମାଣ କାମରେ ଉନ୍ନତି ଘଟିବ। ପ୍ରତ୍ୟେକ କାମରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

ଆଜି ଡିସେମ୍ବର ୫ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ଅନଙ୍ଗ ତ୍ରୟୋଦଶୀ ସୋମବାର, ଅଦ୍ୟ ଗୀତା ଜୟନ୍ତୀ, ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ, ବିଶ୍ୱ ସ୍ୱେଚ୍ଛାସେବୀ ଦିବସ, ବିଶ୍ୱ ମୃତ୍ତିକା ଦିବସ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୧ ମି. ଗତେ ଘ.୦୭।୩୨ ମଧ୍ୟେ, ଘ.୦୯।୦୪ ଗତେ ଘ.୧୧।୧୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୩୨ ମି. ଗତେ ଘ.୦୮।୫୪ ମି. ମଧ୍ୟେ ରାହୁକାଳ।

# ଓଲଟିଲା ଗ୍ୟାସ ବୋଝେଇ ଟ୍ୟାଙ୍କର

■ ଭବାନୀପାଟଣା-ରାୟପୁର ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ
■ ଗ୍ୟାସ ଲିକ୍ ପରେ ଗ୍ରାମବାସୀଙ୍କୁ ସ୍ଥାନାନ୍ତର

ଭବାନୀପାଟଣା,୪।୧୨(ସ୍ୱ.ପ୍ର.)


ଓଲଟି ପଡ଼ିଥିବା ଟ୍ୟାଙ୍କର।

କଳାହାଣ୍ଡି ଜିଲା ଭବାନୀପାଟଣା-ରାୟପୁର ୧୬ନଂ ଜାତୀୟ ରାଜପଥର ପାଷ୍ଟିପଡ଼ା ନିକଟରେ ରବିବାର ସକାଳେ ଭାରସାମ୍ୟ ହରାଇ ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର ରାସ୍ତା ପାର୍ଶ୍ୱକୁ ଓଲଟି ପଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରବଳ କୁହୁଡ଼ି ଯୋଗୁ ବାଟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଏଥିଯୋଗୁ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଛି। ଏହି ରାସ୍ତାରେ ଯାଉଥିବା ଲୋକମାନେ ଏବେ ପାଷ୍ଟିକୁଡି ଦେଇ ଖରିଆର, ରାୟପୁରକୁ ଯାଉଥିବା ଜଣାପଡିଛି।

ପ୍ରକାଶ ଯେ, ବିଶାଖାପାଟଣାରୁ ରାୟପୁର ଅଭିମୁଖେ ଯାଉଥିବା ଏହି ଟ୍ୟାଙ୍କର ଓଲଟି ପଡିବାରୁ ଅଧିକ ପରିମାଣର ଗ୍ୟାସ ଲିକ୍ ହୋଇଥିଲା । ଏଥିଯୋଗୁ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏପରି କି ଗ୍ୟାସ ଯୋଗୁ ଚାରିଆଡ଼େ କୁହୁଡ଼ି ଭଳି ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ, ଅଗ୍ନିଶମ ବାହିନୀ ଓ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଭବାନୀପାଟଣା-ରାୟପୁର ରାସ୍ତାରେ ଯାତାୟାତକୁ ବନ୍ଦ କରାଯାଇଥିବା ବେଳେ ଅଗ୍ନିଶମ କର୍ମଚାରୀ ଗ୍ୟାସ ଲିକ୍ ହେଉଥିବା ସ୍ଥାନକୁ କିଭଳି ବନ୍ଦ କରାଯିବ ସେ ନେଇ ଉଦ୍ୟମ ଆରମ୍ଭ କରିଥିଲେ। ସେହିପରି ନିକଟରେ ଥିବା କୁବୁଡି ଗାଁର ପାଖାପାଖି ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅନ୍ୟତ୍ର ପଠାଯାଇଥିଲା। ପ୍ରଶାସନ ପକ୍ଷରୁ ଲୋକଙ୍କୁ ରିଲିଫ ଯୋଗାଇ ଦିଆଯାଇଥିଲା। ଖବର ପାଇ ଭାରତ ପେଟ୍ରୋଲିୟମ୍‌ର ଏକ ସ୍ୱତନ୍ତ୍ର ଟିମ୍ ଆସି ଗ୍ୟାସ ଲିକ୍ ରୋକିବାକୁ ଉଦ୍ୟମ କରିଥିଲେ। ତେବେ ସନ୍ଧ୍ୟାରେ ଏହି ଟିମ୍ ଗ୍ୟାସ ଲିକ୍‌କୁ ରୋକିବାରେ ସଫଳ ହୋଇଥିବା ଜଣାପଡ଼ିଛି। ଏହାପରେ ସ୍ଥାନାନ୍ତର ହୋଇଥିବା ଗ୍ରାମବାସୀ ନିଜ ଗାଁକୁ ଚାଲି ଆସିଥିଲେ। ତେବେ ସ୍ଥାନୀୟ ଲୋକଙ୍କୁ ଘରେ ରୋଷେଇ ବନ୍ଦ କରିବା ସହ ନିଆଁ ନ ଲଗାଇବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏପରି କି ରାତିରେ ମଧ୍ୟ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ରିଲିଫ ଦିଆଯାଇଥିବା ଜଣାପଡିଛି। ଗ୍ୟାସ ଲିକ୍ ବନ୍ଦ ହୋଇଥିଲେ ମଧ୍ୟ ଭବାନୀପାଟଣା-ରାୟପୁର ରାସ୍ତାରେ ଯାତାୟାତ ବନ୍ଦ ରହିଥିବା ପୋଲିସଠାରୁ ସୂଚନା ମିଳିଛି।


ସ୍ଥାନାନ୍ତର କରାଯାଇଥିବା ଗ୍ରାମବାସୀ।

# ସୀମାନ୍ତରେ ମାଓବାଦୀ-ପୋଲିସ ଗୁଳି ବିନିମୟ

## ୪ ମାଓବାଦୀଙ୍କ ମୃତଦେହ ଜବତ

ମାଲକାନଗିରି, ୪।୧୨(ଡି.ଏନ୍.ଏ.)


ଜବତ ଅସ୍ତ୍ରଶସ୍ତ୍ର।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ପେର୍ମା ନିକଟରେ ଶନିବାର ରାତିରେ ହୋଇଥିବା ଏନକାଉଣ୍ଟରରେ ୪ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ସହ ୪ଟି ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

ଛତିଶଗଡ଼ ବିଜାପୁର ଜିଲା ପେର୍ମାଠାରେ ଶନିବାର ରାତିରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୪ ଜଣ ମାଓବାଦୀ ନିହତ ହୋଇଥିଲେ। ଘଟଣା ସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା। ତେବେ ଆଶ୍ଚର୍ଯ୍ୟର ବିଷୟ ଯେ, ମାଓବାଦୀଙ୍କ ନିକଟରୁ ମିଳିଥିବା ୪ଟି ଅସ୍ତ୍ର ମଧ୍ୟରୁ ଗୋଟିଏ ଆମେରିକାରେ ନିର୍ମିତ ସ୍ୱୟଂଚାଳିତ ଅସ୍ତ୍ର ବୋଲି ଜଣାପଡିଛି। ଏଠାରୁ କାରବାଇନ କ୍ୟାଲେବର୍ ୩୦ ଏମ୍-୧ ରାଇଫଲ ମଧ୍ୟ ମିଳିଛି। ଏହି ରାଇଫଲ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆମେରିକାର ସୈନ୍ୟମାନେ ବ୍ୟବହାର କରୁଥିଲେ। ମାଓବାଦୀଙ୍କ ନିକଟକୁ ଆମେରିକା ନିର୍ମିତ ଅସ୍ତ୍ରଶସ୍ତ୍ର କିପରି ଆସିଲା ସେନେଇ ତଦନ୍ତ ଚାଲିଥିବା ବିଜାପୁର ଏସ୍‌ପି ଅଞ୍ଜାନେ ଭାରସାମି ପ୍ରକାଶ କରିଛନ୍ତି। ବିଜାପୁରରୁ ମାଓବାଦୀମାନଙ୍କ ନିକଟରୁ ମିଳିଥିବା ଆମେରିକୀୟ ଅସ୍ତ୍ରର ଅଗ୍ନିଶକ୍ତି ୩୦୦ ୟାର୍ଡ ବୋଲି କୁହାଯାଉଛି, ଯେଉଁଥିରେ ୧୫ରୁ ୨୦ ରାଉଣ୍ଡ ଗୁଳି ଏକା ସାଙ୍ଗରେ ଚଳାଇହେବ, ଯାହା ଅତ୍ୟନ୍ତ ମାରାତ୍ମକ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ନାରାୟଣପୁରର ମାଡ ଅଞ୍ଚଳରେ ଏନକାଉଣ୍ଟର ପରେ ଜର୍ମାନୀ ନିର୍ମିତ ରାଇଫଲ ମିଳିଥିଲା।







# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୪।୧୨(ବ୍ୟୁରୋ): କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଅଂଶୁପା ହ୍ରଦ ନିକଟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ଘଟଣାସ୍ଥଳରୁ ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନେ ଆସିଥିବା ଏକ କାର୍ (ଓଡି୦୯ଇ୫୧୧୧)କୁ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜୁମେଶ କୁମାର ସାହୁ ଓ ଆଠଗଡ଼ ଥାନା ଅଞ୍ଚଳର ହେମନ୍ତ କୁମାର ପ୍ରଧାନ। ଉଭୟଙ୍କଠାରୁ ୧ କେଜି ୩୩୫ ଗ୍ରାମ ବ୍ରାଉନସୁଗାର ମିଳିଛି। ଏନେଇ ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟର ୨୧(ସି) ଓ ୨୯ ଦଫାରେ ଏକ ମାମଲା (ନଂ.୨୯/୨୦୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ରବିବାର କଟକ ଜିଲା ଓ ଦୌର ଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ଟିଏଫ୍ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରୁଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର କିମ୍ବା ଆଖପାଖ ଅଞ୍ଚଳରେ ବ୍ରାଉନସୁଗାରର ବଡ଼ ଡିଲ୍ ପାଇଁ ଅନୁଗୋଳରୁ କେତେଜଣ ବ୍ରାଉନସୁଗାର ବେପାରି କାର୍‌ରେ ଆସୁଥିବା ନେଇ ଏସ୍‌ଟିଏଫ୍ ସୂଚନା ପାଇଥିଲା। ର୍‌ୟାକେଟକୁ ଧରିବାକୁ କଟକ ଜିଲା ପୋଲିସକୁ ଏସ୍‌ଟିଏଫ୍ ଜଣାଇବା ସହ ଚଢ଼ାଉ ଯୋଜନା ହୋଇଥିଲା। ଶନିବାର ସନ୍ଧ୍ୟାରେ ଅଂଶୁପା ହ୍ରଦ ନିକଟରେ ମିଳିତ ପୋଲିସ୍ ଟିମ୍ ପୂର୍ବପ୍ରସ୍ତୁତି ଅନୁଯାୟୀ ଛକି ରହିଥିଲେ। ସନ୍ଦିଗ୍ଧ କାର୍‌ଟି ଉକ୍ତ ବାଟଦେଇ ଯିବା ସମୟରେ ଏସ୍‌ଟିଏଫ୍ ଓ ପୋଲିସ ଟିମ୍ ଅଟକାଇ ଯାଞ୍ଚ କରିବା ପରେ ବ୍ରାଉନସୁଗାର ମିଳିଥିଲା।

# ଆସନ୍ତା ବର୍ଷରୁ ପେପରଲେସ୍ ହେବ ଏମ୍ସ

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

## ବହୁମୁଖୀ ଅଟ୍ଟାଳିକା ଉଦ୍‌ଘାଟନ କଲେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ



■ ଖୁବ୍‌ଶୀଘ୍ର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଓ ସାଟେଲାଇଟ୍ ସେଣ୍ଟର ହେବ
■ ରୋଗୀ ଓ ସମ୍ପର୍କୀୟଙ୍କ ରହଣି ନିମନ୍ତେ ହେବ ବିଶ୍ରାମ କେନ୍ଦ୍ର

ଆସନ୍ତା ବର୍ଷରୁ ଭୁବନେଶ୍ୱର ଏମ୍ସରେ ଇ-ହସ୍ପିଟାଲ କାର୍ଯ୍ୟକ୍ଷମ ହେବ। ଅର୍ଥାତ୍ ଏହି ଜାତୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ସମ୍ପୂର୍ଣ୍ଣ ପେପରଲେସ୍ ହେବ। ଫଳରେ ଚିକିତ୍ସା ସମ୍ପର୍କିତ ସମସ୍ତ ପଞ୍ଜୀକରଣ ବ୍ୟବସ୍ଥାରେ ସୁଧାର ଆସିପାରିବ। ଏମ୍ସରେ ପ୍ରତିଦିନ ୧୦ ହଜାରରୁ ଅଧିକ ରୋଗୀଙ୍କ ଭିଡ଼ ଲାଗୁଥିବାରୁ ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା କରାଯାଇଛି। ରବିବାର ଏମ୍ସ ପରିଦର୍ଶନ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡା. ଭାରତୀ ପ୍ରବୀଣ ପାୱାର ଏହି ସୂଚନା ଦେଇଛନ୍ତି। ସେ ଏମ୍ସରେ ସ୍ୱାସ୍ଥ୍ୟସେବା ସ୍ଥିତି ଅନୁଧ୍ୟାନ କରିବା ସହ ପରିସରରେ ଏକ ବହୁମୁଖୀ ଅଟ୍ଟାଳିକାକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଲେ, ବିଶେଷକରି ଗୁରୁତର ରୋଗୀଙ୍କୁ ଏମ୍ସରେ ଚିକିତ୍ସା ପାଇଁ ଅଧିକ ଗୁରୁତ୍ୱ ଦିଆଯିବ। ବିଭିନ୍ନ ହସ୍ପିଟାଲରୁ ସାଧାରଣ ରୋଗୀଙ୍କୁ ଏମ୍ସ ରେଫର କରାଯାଉଥିବାରୁ ଗୁରୁତର ରୋଗୀଙ୍କ ଚିକିତ୍ସା ପ୍ରଭାବିତ ହେଉଛି। ତେଣୁ ସାଧାରଣ ରୋଗୀଙ୍କୁ ଏଠାକୁ ନ ପଠାଇବାକୁ ସବୁ ହସ୍ପିଟାଲ ସହ ଆଲୋଚନା କରାଯିବ। ଓଡ଼ିଶାବାସୀଙ୍କ ଚିକିତ୍ସା ସୁବିଧା ପାଇଁ କେନ୍ଦ୍ରୀୟ ଆୟୁଷ୍ମାନ ଯୋଜନା ଲାଗୁ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ଏହାଦ୍ୱାରା ଗରିବ ଲୋକେ ଚିକିତ୍ସା କ୍ଷେତ୍ରରେ ୫ ଲକ୍ଷ ଟଙ୍କା ବୀମାର ସୁବିଧା ପାଇପାରିବେ। କେନ୍ଦ୍ର ସରକାର ଏମ୍ସର ଉନ୍ନତୀକରଣ ନିମନ୍ତେ ପଦକ୍ଷେପ ନେଉଛନ୍ତି। ଖୁବ୍‌ଶୀଘ୍ର ଏଠାରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଓ ସାଟେଲାଇଟ୍ ସେଣ୍ଟର ହେବାକୁ ଯାଉଛି। ରୋଗୀ ଓ ସମ୍ପର୍କୀୟଙ୍କ ରହଣି ନିମନ୍ତେ ବିଶ୍ରାମ କେନ୍ଦ୍ର ପ୍ରତିଷ୍ଠା କରାଯିବ। ତେବେ କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ ଗୋଟିଏ ଲେଖାଏ ଏମ୍ସ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଖୁବ୍‌ଶୀଘ୍ର ଦେଶରେ ୨୨ଟି ଏମ୍ସ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବାକୁ ଯାଉଥିବା ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଏମ୍ସରେ ଚିକିତ୍ସା, ଗବେଷଣା, ନିଯୁକ୍ତି, ଆର୍ଥିକ ଏବଂ ଅନ୍ୟାନ୍ୟ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଠାରେ ବୃକ୍କ ପ୍ରତିରୋପଣ ଚିକିତ୍ସା ଆରମ୍ଭ କରାଯାଇଥିବାରୁ ସେ ପ୍ରଶଂସା କରିବା ସହିତ ଆଗକୁ ଅନ୍ୟାନ୍ୟ ଅଙ୍ଗ ପ୍ରତିରୋପଣ ଚିକିତ୍ସା ଆରମ୍ଭ କରିବା ପାଇଁ ଉତ୍ସାହିତ କରିଥିଲେ।

ଏହି ବୈଠକରେ ଭୁବନେଶ୍ୱର ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଏସ୍. ଏନ୍. ମହାନ୍ତି, ଡିନ୍ ଡା. ପି. ଆର୍. ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ସମସ୍ତ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ। ଏଥିସହ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଆଇଆଇସି ଗିରଫ: ମାମଲାରୁ ନାଁ କାଟିବାକୁ ନେଉଥିଲେ ୨୫ହଜାର ଟଙ୍କା

ବଲାଙ୍ଗୀର ଅଫିସ, ୪।୧୨


ଆଇଆଇସି ଆଲୋକ ବେହେରା

ଏକ ମାମଲାରୁ ନାଁ କାଟିଦେବାକୁ ଲାଞ୍ଚ ନେବାବେଳେ ରବିବାର ଭିଜିଲାନ୍ସ ଜାଲରେ ପଡିଛନ୍ତି ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଆଇଆଇସି ଆଲୋକ କୁମାର ବେହେରା। ଅଫିସ୍ ଚାମ୍ବରରେ ଅଜିତ ଘଡେଇ ନାମକ ବ୍ୟକ୍ତିଙ୍କଠାରୁ ସେ ଉକ୍ତ ଟଙ୍କା ନେଉଥିବାବେଳେ ବଲାଙ୍ଗୀର, ବରଗଡ ଏବଂ ସମ୍ବଲପୁରର ମିଳିତ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିନେଇଥିଲା। ତାଙ୍କଠାରୁ ଲାଞ୍ଚ ବାବଦକୁ ନେଉଥିବା ୨୫ହଜାର ଟଙ୍କା ଜବତ କରାଯାଇଥିଲା। ୨୦୨୦ ମସିହାର ଟଙ୍କା ହେରଫେର ଘଟଣାକୁ ନେଇ ଏକ ମାମଲା ରୁଜୁ ହୋଇଥିଲା। ଏଥିରୁ ନାଁ କାଟି ଦେବାକୁ ଆଇଆଇସି ବେହେରା ଘଡେଇଙ୍କଠାରୁ ୨୫ ହଜାର ଟଙ୍କା ଦାବି କରିଥିଲେ। ଏହାପରେ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଘଡେଇ ଆଇଆଇସି ବେହେରାଙ୍କ ଅଫିସ ଚାମ୍ବରକୁ ଯାଇ ଟଙ୍କା ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଆଇଆଇସିଙ୍କଠାରୁ ୨୫ ହଜାର ଟଙ୍କା ଜବତ କରିଥିଲା। ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (୪୧/୨୨) ରୁଜୁ ହୋଇଛି। ସୋମବାର ଗିରଫ ଆଇଆଇସିଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ଡିଏସ୍‌ପି ପୌଲସ୍ତି ଛତ୍ରିଆ ସୂଚନା ଦେଇଛନ୍ତି। ଭିଜିଲାନ୍ସ ଟିମ୍ ବେହେରାଙ୍କୁ ଗିରଫ କରିବା ପରେ ସିନ୍ଧେକେଲାସ୍ଥିତ ସରକାରୀ କ୍ୱାର୍ଟର୍ସ ଏବଂ କଟକ ଜିଲା ଆଓଲପୁରସ୍ଥିତ ପୈତୃକ ଘରେ ଚଢ଼ାଉ କରିଛି।






## ତେଲେନପାଲି ମହାଲକ୍ଷ୍ମୀ ପୂଜା ଆରମ୍ଭ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ସଦର ମହକୁମାରେ ୩୪ତମ ମହାଲକ୍ଷ୍ମୀ ପୂଜା ରବିବାର ଆରମ୍ଭ ହୋଇଛି। ଏହି ଅବସରରେ ମହିଳାମାନେ ଗାଁ ପୋଖରୀରୁ ପୂର୍ଣ୍ଣ ଜଳ କସ ଆଣି ପୂଜା ମଣ୍ଡପରେ ପହଞ୍ଚିବା ପରେ ମହାଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥିଲା। ଆଗାମୀ ୧୦ ତାରିଖ ଯାଏ ପୂଜା ଅନୁଷ୍ଠିତ ହେବ ବୋଲି ପୂଜା କମିଟି ତରଫରୁ ଜଣାଯାଇଛି। ଏହି ଅବସରରେ ପୂଜା କମିଟି ସଭାପତି ସୋମନାଥ ଛତ୍ରିଆ, ସମ୍ପାଦକ ପାରେଶ୍ୱର ମାଝି, ମହାଦେବ ମାଝି, ସୁଖି ରାମ ସାଣ୍ଡ, ବିପ୍ର ବିଶି, ମହେନ୍ଦ୍ର ଭୋଇ, ଗୋଲାପ ପୋଡ, ଶଶି ସାଣ୍ଡ ପ୍ରମୁଖ ପୂଜା କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ମୃତାଙ୍କ ବାପା**

**ଦେଓଗାଁ,୪।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ତଥା ତୁଷୁରା ଥାନା ଅନ୍ତର୍ଗତ ରୁଗୁଡିପାଲି ନିକଟ ଏକ କ୍ଷେତରୁ ଝୁଲନ୍ତା ଅବସ୍ଥାରେ ଜନୈକା ମହିଳାଙ୍କ ମୃତଦେହ ପୋଲିସ ରବିବାର ଅପରାହ୍ନରେ ଜବତ କରିଛି। ସେ ହେଲେ ଛତାପିପଲ ଗାଁର ଜୟନ୍ତୀ ଅମାତ୍। ହତ୍ୟା କରି ଝିଅକୁ ଗଛରେ ଝୁଲାଇ ଦିଆଯାଇଥିବା ମୃତାଙ୍କ ବାପା ଲିଙ୍ଗ ମେର୍ଲି ଥାନାରେ ଅଭିଯୋଗ କରିଛନ୍ତି। ହତ୍ୟା ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନାଧିକାରୀ ସୁରେଶ କୁମାର ପ୍ରଧାନ କହିଛନ୍ତି। ଅଭିଯୋଗ ଅନୁସାରେ ରୁଗୁଡିପାଲି ଜୟନ୍ତୀ ଛତାପିପଲର ଗଜେନ୍ଦ୍ର ଅମାତଙ୍କୁ ବିବାହ କରିଥିଲେ। ରବିବାର ସକାଳେ ଗଜେନ୍ଦ୍ର ଓ ଜୟନ୍ତୀ ରୁଗୁଡିପାଲିକୁ ଧାନ କାଟିବା ପାଇଁ ଯାଇଥିଲେ। ସ୍ତ୍ରୀଙ୍କ ସହ ଗଜେନ୍ଦ୍ର ସେଠାରେ ଶଶୁର ଲିଙ୍ଗ ମେର୍ଲିଙ୍କ କ୍ଷେତରେ ଧାନ କାଟୁଥିଲେ। ଏହି ସମୟରେ ସ୍ୱାମୀ ସ୍ତ୍ରୀଙ୍କ ମଧରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗଜେନ୍ଦ୍ର ଜୟନ୍ତୀଙ୍କୁ ମାଡ ମାରିଥିଲେ। ବାରଣ କରିବାରୁ ଶ୍ୱଶୁରଙ୍କୁ ମଧ ମାର ପିଟ କରିଥିଲେ। କିଛି ସମୟ ପରେ ଜମି ନିକଟ ଗଛରେ ଜୟନ୍ତୀଙ୍କ ମୃତଦେହ ଝୁଲୁଥିବା ନଜରକୁ ଆସିଥିଲା। ଜ୍ୱାଇଁ ଗଜେନ୍ଦ୍ର ମୋ ଝିଅକୁ ମାରି ଗଛରେ ଝୁଲାଇ ଦେଇ ଫେରାର ହୋଇଯାଇଥିବା ନେଇ ଲିଙ୍ଗ ମେର୍ଲି ଥାନାରେ ଲିଖିତଭାବେ ଅଭିଯୋଗ କରଛନ୍ତି। ତୁଷୁରା ପୋଲିସ ଟିମ ଓ ବଲାଙ୍ଗୀରରୁ ସାଇଣ୍ଟିଫିକ ଦଳ ପହଞ୍ଚି ଘଟଣାର ସରଜମିନ ତଦନ୍ତ ଜାରି ରଖିଛି।

### ଏକ୍ସ କ୍ୟାଡର ମହାସଂଘର ଦାବିପତ୍ର ପ୍ରଦାନ

**ବଲାଙ୍ଗୀର ଅଫିସ,୪।୧୨:** ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ସହକାରୀ ଶିକ୍ଷକ ଏକ୍ସ କ୍ୟାଡର ମହାସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୮ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧରେ ଯୋଗ୍ୟ ଗଣଶିକ୍ଷକଙ୍କୁ ନିୟମିତ କରିବା, ଏକ୍ସ କ୍ୟାଡର ଉଚ୍ଛେଦ କରି ଏଲିମେଣ୍ଟେରି କ୍ୟାଡରଭୁକ୍ତ କରିବା, ସମସ୍ତ ଏକ୍ସ କ୍ୟାଡର ଶିକ୍ଷକଙ୍କୁ ତା୩୧।୩।୨୦୧୯ରିଖଠାରୁ ବାର୍ଷିକ ଇନକ୍ରିମେଣ୍ଟ ପ୍ରଦାନ କରିବା, ଟ୍ରେଜେରି ମାଧମରେ ଦରମା ପ୍ରଦାନ, ଏନ୍‌ପିଏସ୍ କର୍ତ୍ତନ କରିବା ଉଲ୍ଲେଖ କରାଯାଇଛି। ଶିକ୍ଷକ, ଶିକ୍ଷୟତ୍ରୀମାନେ ଏକ ରାଲିରେ ପୁଇଁତଲା ହାଇସ୍କୁଲଠାରୁ ବାହାରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ବ୍ଲକ ଶିକ୍ଷା ଅଧିକାରୀଙ୍କ ତରଫରୁ ସହକାରୀ ବ୍ଲକ ଶିକ୍ଷାଧିକାରୀ ଗୋପାଳ ବୁଡେକ ଦାବିପତ୍ର ଗ୍ରହଣ କରିଥିଲେ। ଉକ୍ତ ରାଲିରେ ବ୍ଲକ ସଭାପତି ତରଣୀସେନ ପ୍ରଧାନ, ସମ୍ପାଦକ ଲୀଳାମୟ ମହାକୁର, ଉପସଭାପତି ଉକାଲୁ ସା, ନାରାୟଣ କମ୍ପ, ଉପଦେଷ୍ଟା ନୀଳମଣି ପଣ୍ଡା, ସୂର୍ଯ୍ୟମଣି ସୁନାଙ୍କ ସହ ଶତାଧିକ ଶିକ୍ଷକ ଉପସ୍ଥିତ ଥିଲେ।

### ବିପଦସଙ୍କୁଳ କଲଭର୍ଟ ଭାଙ୍ଗ, ନୂତନ ନିର୍ମାଣ କର

**ଲୋଇସିଂହା,୪।୧୨(ଡି.ଏନ.ଏ):** ବରଗଡ-ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି। ଏହି ରାଜପଥର ଲୋଇସିଂହା ଥାନା ବୁର୍ଡା ପଞ୍ଚାୟତ ଅଫିସ ନିକଟ ବାଇପାସ୍ ରାସ୍ତାରେ ଏକ ପୁରୁଣା କଲଭର୍ଟ ଶୋଚନୀୟ ଅବସ୍ଥାରେ ରହିଛି। ଏଠାରେ ନୂତନ କଲଭର୍ଟ ନିର୍ମାଣ ନକରି ଠିକାସଂସ୍ଥା ମରାମତି କରିବାକୁ ଉଦ୍ୟାମ କରୁଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସ୍ଥାନରେ ନୂତନ କଲଭର୍ଟ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି। ବୁର୍ଡା ଗ୍ରାମ ଦେଇ ବରଗଡ-ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥ ଯାଇଛି। ବୁର୍ଡା ପଞ୍ଚାୟତ ଅଫିସ ବାଇପାସ୍ ରାସ୍ତା ତଥା ପାଣି ଟାଙ୍କି ଆଗରେ ଏକ ପରୁଣା କଲଭର୍ଟ ରହିଛି। ବୁର୍ଡା ଗାଇଗୋଠ ବାଞ୍ଜିପାଲି ଦାଦରରୁ ବର୍ଷାଦିନେ ଅସୁଥିବା ଉଦବୃତ୍ତ ବର୍ଷା ଜଳ ଏହି କଲର୍ଭଟ ଦେଇ କଂସରୁକଟାଁ ଏବଂ ଚେଡ଼ିବନ୍ଧରେ ସଂରକ୍ଷିତ କରି ରଖାଯାଇଥାଏ। ବଳକା ପାଣି ଲୋଇସିଂହା ସାଗରକୁ ବହି ଯାଇଥାଏ। ତେବେ ଉକ୍ତ କଲଭର୍ଟ ବହୁ ପରୁଣା। ଗତକିଛି ଦଶନ୍ଧି ହେଲା ୨୬ ନଂ ଜାତୀୟ ରାଜପଥ ବ୍ୟସ୍ତବହୁଳ ହୋଇ ପଡିଛି। ବହୁମାତ୍ରାରେ ଭାରି ଯାନ ଯିବାଆସିବା କରୁଛି। କଲଭର୍ଟ ଦୁର୍ବଳ ଥିବାରୁ ଅଘଟଣ ଘଟିବା ଆଶଙ୍କା କରାଯାଉଛି। ଏଥିପ୍ରତି ଏନଏଚ ଡିଭିଜନ ଓ ଜିଲା ପ୍ରଶାସନ ଗୁରୁତର ସହ ନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# କେନ୍ଦ୍ରର ଶ୍ରମିକମାରଣ ନୀତି ଯୋଗୁ କ୍ଷତିଗ୍ରସ୍ତ

**ବଲାଙ୍ଗୀର ଅଫିସ, ୪।୧୨**



ଓଶ୍ରୁର ଜିଲା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ଓଶ୍ରୁର ଜିଲା ସମ୍ମିଳନୀ, କର୍ମକର୍ତ୍ତା ଚୟନ**
- ସୁରୁଲାଲ ସଭାପତି, ଲୋପନ ସମ୍ପାଦକ

ଓଡିଶା ସେଲ୍ସ ରିପ୍ରେଜେନ୍‌ଟିଭ୍ ୟୁନିଅନ୍ (ଓଶ୍ରୁ) ବଲାଙ୍ଗୀର ଜିଲା ଶାଖାର ୧୭ତମ ଜିଲା ସମ୍ମିଳନୀ ରବିବାର ସ୍ଥାନୀୟ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ଯୋଗଦେଇ ସଙ୍ଗଠନର ମୂଳ ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଆଗାମୀ ଦିନ ଶ୍ରମିକ ସଂଗ୍ରାମ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ଯୋଗୁଁ ବିଶେଷ କରି ଔଷଧ ଶିଳ୍ପରେ କାମ କରୁଥିବା ମେଡିକାଲ ଓ ସେଲ୍ସ ରିପ୍ରେଜେନ୍‌ଟିଭ୍‌ମାନେ କ୍ଷତିଗ୍ରସ୍ତ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ଭୁଲ ଶ୍ରମିକ ନୀତି ସବୁବେଳେ ପୁଞ୍ଜିପତି, ମୁନାଫାଖୋରମାନଙ୍କୁ ସୁହାଉଛି। ତେଣୁ ଆଗାମୀ ଦିନରେ ଶ୍ରମିକ ଆନ୍ଦୋଳନରେ ମେଡିକାଲ ରିପ୍ରେଜେନ୍‌ଟିଭ୍‌ମାନେ ଆଗ ଧାଡିରେ ନେତୃତ୍ୱ ନେବାର ସମୟ ଆସିଛି ବୋଲି କହିଥିଲେ। ଶ୍ରମିକ ବର୍ଗରେ ମେଡିକାଲ ରିପ୍ରେଜେନ୍‌ଟିଭ୍‌ଙ୍କ ଆନ୍ଦୋଳନ ଦେଶର ସାମୂହିକ ସ୍ୱାର୍ଥ ପାଇଁ ସବୁବେଳେ ଚାଲିଛି। ମେଡିକାଲ ଡିଭାଇସର ଦାମ କମ୍ କରିବା ଦାବି ହେଉ କି ମେଡିସିନ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଉଚ୍ଛେଦ ଦାବି ହେଉ ସବୁ ଥିରେ ମେଡିକାଲ ରିପ୍ରେଜେନ୍‌ଟିଭ୍‌ଙ୍କ ଆନ୍ଦୋଳନ ଆଗରେ ଅଛି। ତା ସହ ଦରଦାମ ବୃଦ୍ଧି, ଶ୍ରମିକ ତଥା ସାଧାରଣ ଲୋକଙ୍କ ସାମାଜିକ ସୁରକ୍ଷା, ଚାଷୀଙ୍କୁ ତାଙ୍କ ହକ୍ ପ୍ରଦାନ କରିବା ଏ ସବୁ ଜନ ହିତକର ଦାବିକୁ ନେଇ କେବଳ ରାଜ୍ୟ ନୁହେଁ ସାରା ଦେଶରେ ମେଡିକାଲ ରିପ୍ରେଜେନ୍‌ଟିଭ୍ ମାନେ ଆଗ ଧାଡିର ସଂଗ୍ରାମୀ ଅଟନ୍ତି ବୋଲି କହିଥିଲେ। ରାଜ୍ୟ ଉପସଭାପତି ଅନିରୁଦ୍ଧ ମହାପାତ୍ର ଏବଂ କାର୍ଯ୍ୟକାରିଣୀ ସଦସ୍ୟ ବାପୁନୀ ସାହୁଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଏସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜିଲା ସମ୍ପାଦକ ସୁରୁଲାଲ ମଟାରୀ ନିଜ ସମ୍ପାଦକୀୟ ବିବରଣୀରେ ସ୍ଥାନୀୟ, ରାଜ୍ୟ ଓ ଜାତୀୟ ତଥା ଅନ୍ତର୍ଜାତୀୟ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏଥି ସହ ଆଗାମୀ ଦିନରେ ଏସବୁ ସଠିକ୍ ମୁକାବିଲା ପାଇଁ ଜିଲାସ୍ତରରୁ ସଭ୍ୟମାନଙ୍କୁ ଆହୁରି ସଙ୍ଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ପରେ ଜିଲା କୋଷାଧ୍ୟକ୍ଷ ସତ୍ୟନାରାୟଣ ରଥଙ୍କ ପକ୍ଷରୁ ବାର୍ଷିକ ଆୟବ୍ୟୟ ବିବରଣୀ ଗୃହୀତ କରାଯାଇଥିଲା। ଭାତୃପ୍ରତିମ ସଙ୍ଗଠନର ପୁଲିନ ମିଶ୍ର, ପବିତ୍ର ଖୁଣ୍ଟିଆ, ଶରତ ଚନ୍ଦ୍ର ହୋତା ଶ୍ରମିକ ଏକତାକୁ ନେଇ ଉଦ୍‌ବୋଧନ ଦେଇଥିଲେ। ଶେଷରେ ଆଗାମୀ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ସୁରୁଲାଲ ମଟାରୀ, ଉପସଭାପତି ଭାବେ ଭରତ ଚନ୍ଦ୍ର ଶତପଥୀ, ଜିଲା ସମ୍ପାଦକ ଭାବେ ଲୋପନ ମିଶ୍ର, କୋଷାଧ୍ୟକ୍ଷ ଭାବେ ସତ୍ୟନାରାୟଣ ରଥ, କାଉନସିଲ ସବ୍‌କମିଟି କନ୍‌ଭେନରଭାବେ ସତବନ ସାହୁ ଏବଂ ଜିଲା କମିଟି ସଭ୍ୟଭାବେ ସୁଶାନ୍ତ କୁମାର ମିଶ୍ର, ସୁନୀଲ କୁମାର ପଣ୍ଡା, ସୁଜିତ କୁମାର ପାତ୍ର, ଗିରିଶ କୁମାର ମିଶ୍ର, ମନୁ ରଞ୍ଜନ ବେହେରା, ଘନଶ୍ୟାମ ସାହୁ, ସିଦ୍ଧାର୍ଥ ମିଶ୍ର, ରାଜ କିଶୋର ଦ୍ୱିବେଦୀ, ସୁଦୀପ୍ତ କୁମାର ନାଇତି ଏବଂ ଅଭିଷେକ ପାଣିଗ୍ରାହୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। କୋଷାଧ୍ୟକ୍ଷ ସତ୍ୟନାରାୟଣ ରଥ ଧନ୍ୟବାଦ ଦେଇଥିଲେ।

# ଆନ୍ଦୋଳନ ପାଇଁ ରାଜଧାନୀମୁହାଁ ଆଶାକର୍ମୀ

**ଲୋଇସିଂହା, ୪।୧୨(ଡି.ଏନ.ଏ)**

ଆଶା କର୍ମୀଙ୍କ ଭତ୍ତା ବୃଦ୍ଧି, ସାମାଜିକ ନିରାପତ୍ତା ଓ ଅନ୍ୟାନ୍ୟ ସୁବିଧା ଦାବିରେ ସୋମବାର ଭୁବନେଶ୍ୱରଠାରେ ବିକ୍ଷୋଭ କାର୍ଯ୍ୟକ୍ରମ ରହିଛି। ନିଖିଳ ଓଡିଶା ଅଶାକର୍ମୀ ସଂଘ ଡାକରାକ୍ରମେ ଏହି ଆନ୍ଦୋଳନରେ ଯୋଗଦେବା ପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକରୁ ଶତାଧିକ କର୍ମୀ ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟିରେ ରବିବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ଲୋଇସିଂହା ବ୍ଲକ ୨୦ ପଞ୍ଚାୟତରେ କାର୍ଯ୍ୟରତ ୧୬୮କର୍ମୀ ବ୍ଲକ ସଂଘ ସଭାନେତ୍ରୀ ମାଧବୀ ବେହେରାଙ୍କ ନେତୃତ୍ୱରେ ଯାଇଛନ୍ତି। ସେହିପରି ଆଗଲପୁର ବ୍ଲକର ୧୬୫ଆଶାକର୍ମୀ ମଧ୍ୟ ଭୁବନେଶ୍ୱର ଯାଇଥିବା ବ୍ଲକ ସଂଘ ସଭାନେତ୍ରୀ କହିଛନ୍ତି। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଗ୍ରାମାଞ୍ଚଳରେ ମା’ ଓ ଶିଶୁର ବିକାଶ ସହିତ ନିରାପଦ ମାତୃତ୍ୱ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟରେ ଆଶାକର୍ମୀମାନେ କାମ କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଶାକର୍ମୀଙ୍କ କାମକୁ ପ୍ରଶଂସା କରିବା ସହ ଗ୍ଲୋବାଲ ହେଲଥ ଲିଡର ଭାବେ ଦର୍ଶାଇଛି। ଏହା ସତ୍ତ୍ୱେ ସରକାର ସେମାନଙ୍କୁ ସର୍ବନିମ୍ନ ସୁବିଧା ଦେବାରୁ ଉପେକ୍ଷା କରିଥିବା ସେମାନେ ଅଭିଯୋଗ କରିଛନ୍ତି। ସମସ୍ତ ପ୍ରୋତ୍ସାହାନ ରାଶିକୁ ମିଶାଇ ୨୧ହଜାର ଟଙ୍କା ଭତ୍ତା, ଅବସର ବୟସ ସୀମା ୬୫ବର୍ଷକୁ ବୃଦ୍ଧି, ୫ଲକ୍ଷ ଟଙ୍କା ଅବସରକାଳୀନ ସହାୟତା, ଜନନୀ ସୁରକ୍ଷା ଯୋଜନା ଅନୁଦାନ ବୃଦ୍ଧି, ଘରୋଇ ହସ୍ପିଟାଲରେ ଶିଶୁ ଜନ୍ମର ସହାୟତା, ଅଭିଜ୍ଞତା ଅନୁଯାୟୀ ଏଏନଏମ, ୫ବର୍ଷ ଅଭିଜ୍ଞଙ୍କୁ ନର୍ସିଂ ସ୍କୁଲ କଲେଜରେ ତାଲିମ ପାଇଁ ସଂରକ୍ଷଣ ଆଦି ଦାବି ପ୍ରସଙ୍ଗ ନେଇ ସରକାରଙ୍କ ନିକଟରେ ଦାବି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।


ଲୋଇସିଂହା ରେଳଷ୍ଟେଶନରେ ଆଶାକର୍ମୀ।

# ୬୦ଜଣିଆ କୋର କମିଟି ଗଠିତ

**ଟିଟିଲାଗଡ, ୪।୧୨(ଡି.ଏନ.ଏ.)**

**ଜିଲା ଦାବି ନେଇ କ୍ରିୟାନୁଷ୍ଠାନ କମିଟିର ବୈଠକ**
- ଜନମଞ୍ଚ ମାଧମରେ ରଣନୀତି ନିର୍ଦ୍ଧାରଣ
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ କ୍ରିୟାନୁଷ୍ଠାନ କମିଟିର ସ୍ୱତନ୍ତ୍ର ଦଳ

ଟିଟିଲାଗଡ ଓକିଲ ସଂଘ ସଭାଗୃହରେ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲା ଦାବିକୁ ନେଇ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସଞ୍ଜୟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟି ପକ୍ଷରୁ ନିଆଯାଇଥିବା ପୂର୍ବ ନିଷ୍ପତି ଅନୁଯାୟୀ ରାଜ୍ୟ ସରକାରଙ୍କୁ ୧୫ଦିନ ମଧରେ ଜିଲା ଦାବି ସମ୍ବନ୍ଧରେ ବିଚାର କରିବାକୁ ଦିଆଯାଇଥିବା ସମୟ ରବିବାର ସମାପ୍ତ ହୋଇଥିବାରୁ ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। ତିନି ଦଶନ୍ଧି ଧରି ଟିଟିଲାଗଡ ଉପଖଣ୍ଡକୁ ଜିଲା ମାନ୍ୟତା ପ୍ରଦାନ କରିବାକୁ ଦାବି ଉଠି ଆସୁଛି। ପଦ୍ମପୁର ଉପଖଣ୍ଡକୁ ୩୧ତମ ଜିଲା ଭାବେ ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ପୂର୍ବରୁ ଜିଲା ପାଇଁ ପ୍ରତିଶ୍ରୁତି ପାଇ ଅପେକ୍ଷାରେ ଥିବା ଟିଟିଲାଗଡ ଉପଖଣ୍ଡ ପ୍ରତାରିତ ହେବା ସହ ଏହା ଏହି ଆନ୍ଦୋଳନରେ ଘିଅ ଢାଳିବା ସଦୃଶ ହୋଇଥିଲା। ତେବେ ନୂତନ ଜିଲା ଗଠନ ସମ୍ବନ୍ଧରେ ବିଧାନ ସଭାରେ ଉଠିଥିବା ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ କୌଣସି ନୂତନ ଜିଲା ଗଠନ ହେବାକୁ ସରକାରୀସ୍ତରରେ ପ୍ରସ୍ତାବ ନ ଥିବା କହିବା ପରେ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୈଠକ ଡକାଯାଇଥିଲା। ବୈଠକରେ ୬୦ଜଣ ସଦସ୍ୟ ବିଶିଷ୍ଟ ଏକ କୋର କମିଟି ଗଠନ କରାଯାଇଛି। ମାଟି ପାଇଁ ଏହି ଲଢେଇରେ ଦଳ ମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳର ବରିଷ୍ଠ ନେତା ଆୟୋଜିତ ଜନମଞ୍ଚରେ ଭାଗ ନେବେ। ଏହା ପରେ ଆଗାମୀ ରଣନୀତି ପ୍ରସ୍ତୁତ କରିବାକୁ ସର୍ବସମ୍ମତି ନିଷ୍ପତି ଗ୍ରହଣ କରାଯାଇଛି। ପ୍ରଥମେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିବେ। ଏଥିସହ ମୁଖ୍ୟମନ୍ତ୍ରୀ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ମନେ ପକାଇ ଦେବା ସହ ପୁନର୍ବାର ଏହି ଦାବି ତାଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ। ଏ ସମ୍ପର୍କରେ ଶୀଘ୍ର ନିଷ୍ପତ୍ତି ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବାକୁ ସର୍ବସମ୍ମତିକ୍ରମେ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକ ରେ ପୌରଧକ୍ଷା ମମତା ଦେବୀ ଜୈନ, ଉପାଧକ୍ଷା ପୁଷ୍ପା ମଞ୍ଜରୀ ଜାଲ, ଭବାନୀ ହୋତା, ପ୍ରମୋଦ ପ୍ରଧାନ, ଘିନୁ ଆଡୟୁଆଡ, ବୀରେନ୍ଦ୍ର ବାଗ, ସୁଧୀର ଅଗ୍ରୱାଲ, ଦୀପକ ସମାଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ।

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ଅର୍ଥବ




**କୁନାଗଡ,୪।୧୨(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୁନାଗଡ ବ୍ଲକ ଦେଉଣ୍ଡି ଗ୍ରାମର ୫ ବର୍ଷର କୁନି ପୁଅ ଅର୍ଥବ ଆରିୟନ ପାଢୀ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। କମ୍ ବୟସରେ ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସରେ ସେ ଭାଗ ନେଇ ଅତି ସ୍ପଷ୍ଟ ଓ ନିର୍ଦ୍ଧାରିତ ସମୟ ଭିତରେ ୧୨ଟିରଙ୍ଗ, ୭ଟିପର୍ବ, ସପ୍ତାହର ଦିନ, ୧୨ମାସର ନାମ, ୬ ଋତୁ, ୧୪ଟି ଫୁଲ, ୨୨ପକ୍ଷୀ, ୧୯ଟି ଫଳ, ୨୨ଟି ପନିପରିବା, ୧୪ଟି ଯାନବାହାନ, ଶରୀରର ୨୫ଟି ଅଙ୍ଗ,ଆକୃତି, ୧୪ଟି ଜାତୀୟ ଚିହ୍ନ, ୭ଟି ମହାଦେଶ, ୧୦ଟି ଗୃହପାଳିତ ପଶୁଙ୍କ ନାମ ଆଦି କହି ପାରିଥିଲେ। ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସରେ ଅର୍ଥବ ସ୍ଥାନ ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଭବିଷ୍ୟତରେ ଜଣେ ମହାକାଶଚାରୀ ହେବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ବାପା ସିତେଶ କୁମାର ପାଢୀ କୁନାଗଡ ବ୍ଲକ ବଙ୍କିତୁଲସୀପାଲି ଗ୍ରାମର ଅପଗ୍ରେଡ ହାଇସ୍କୁଲରେ ସହକାରୀ ଶିକ୍ଷକ ଥିବା ବେଳେ ମା’ ପ୍ରିୟଙ୍କା ସାବତ ଖର୍ଲାବେଡା ପିୟୁପିଏସ୍‌ରେ ସହକାରୀ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ବର୍ତ୍ତମାନ ଅର୍ଥବଙ୍କ ପରିବାର କୁନାଗଡ ଫତେନଗର ପଡାରେ ରହୁଛନ୍ତି।

# ବିଜ୍ଞାନ ମେଳାରେ ୧୧୬ ପ୍ରକଳ୍ପ

**ବେଲପଡା, ୪।୧୨(ଡି.ଏନ.ଏ.)**

ବେଲପଡା ଆସ୍ଥା ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଲ୍ଲା ସରକାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ଅତିଥିଭାବେ ଚେୟାରମ୍ୟାନ ଶଙ୍କର ପ୍ରସାଦ ଜୈନ, ନଳିନି ଜୈନ, ଅନନ୍ତ ପ୍ରସାଦ ଜୈନ ଯୋଗଦେଇ ଥିଲେ। ୧୧୬ କୁନି ବୈଜ୍ଞାନିକ ନିଜ ତିଆରି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ବଦ୍ରିନାଥ ମିଶ୍ର, ଭି.ଭି.ରମନ୍ନା ମୂର୍ତ୍ତି, ଦିପ୍ତୀରାଣି ସିଂ ଯୋଗଦେଇଥିଲେ। ଚାରୋଟି ବିଭାଗରୁ ତିନୋଟି ଲେଖାଏ ବିଜୟୀଙ୍କୁ ପୁରସ୍କୃତ କରାଯାଇଥିଲା।


ପିଲାମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ରେଳଷ୍ଟେଶନରୁ ୨୪ ଦାଦନ ଶ୍ରମିକ ଉଦ୍ଧାର

**ବଲାଙ୍ଗୀର ଅଫିସ, ୪।୧୨**

ରାଜ୍ୟ ବାହାରକୁ ଚାଲାଣ ହେଉଥିବା ୨୪ ଜଣ ଦାଦନ ଶ୍ରମିକଙ୍କୁ ବଲାଙ୍ଗୀର ରେଳଷ୍ଟେଶନ୍‌ରୁ ରେଳବାଇ ପୋଲିସ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ ବରଗଡ ଜିଲା ଗାଇସିଲେଟ୍ ବ୍ଲକ୍ ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କୁ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିଲା। ଏନେଇ ରେଳବାଇ ପୋଲିସ ଖବର ପାଇବା ପରେ ବଲାଙ୍ଗୀର ରେଳଷ୍ଟେଶନ୍‌ରେ ସମସ୍ତ ଦାଦନ ଶ୍ରମିକଙ୍କୁ ଅଟକାଇ ଥିଲା। ଉଦ୍ଧାର ହୋଇଥିବା ଦାଦନ ଶ୍ରମିକଙ୍କ ମଧ୍ୟରେ ୧୧ ପୁରୁଷ, ୧୩ ମହିଳା ରହିଛନ୍ତି। ସେମାନଙ୍କ ସହ ୬ ଜଣ ଶିଶୁ ରହିଥିଲେ। ସେମାନଙ୍କ ପଞ୍ଜୀକରଣ ହୋଇ ନ ଥିବା ଜଣାପଡିଥିଲା। ଏହାପରେ ରେଳବାଇ ପୋଲିସ ଶ୍ରମ ବିଭାଗ ଅଧିକାରୀଙ୍କୁ ଖବର କରିଥିଲେ। ସମସ୍ତ ଉଦ୍ଧାର ଶ୍ରମିକଙ୍କୁ ନିଜ ଗାଁକୁ ଫେରାଇବା ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଥିଲା।

# ଫୁଟବଲ ଟୁର୍ନାମେଣ୍ଟ: ଟିକ୍ରାପଡା ଚାମ୍ପିୟନ


ଚାମ୍ପିୟନ ଦଳ ସହ ଅତିଥିମାନେ।

**ମୁରିବାହାଲ, ୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁଡିଘାଟ ଖେଳ ପଡିଆରେ ଗତ ୨୭ ତାରିଖରୁ ଚାଲିଥିବା ମା’ ବସ୍ତ୍ରେନ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଟିକ୍ରାପଡା ଚାମ୍ପିୟନ ହୋଇଛି। ଇନ୍ଦିରା ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଟିକ୍ରାପଡା ଓ ଚନ୍ଦ୍ରପୁର ମୁହାଁମୁହିଁ ହୋଇଥିଲେ। ନିର୍ଦ୍ଧାରିତ ସମୟ ଗୋଲଶୂନ୍ୟ ରହିବାରୁ ଟାଇବ୍ରେକରରେ ଟିକ୍ରାପଡା ୫-୪ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଏହି ଅବସରରେ ଯୁବ ବିଜେଡି ନେତା ଫିରୋଜ ଖାଁ ମୁଖ୍ୟ ଅତିଥିଭାବେ ଗୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ଉପାଧକ୍ଷ ମିଥିଳା ମାଝି, ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର, ପ୍ରିୟବ୍ରତ ପ୍ରଧାନୀ, ଗିରିଧାରୀ ମହାନନ୍ଦ, ଜଳନ୍ଧର ପ୍ରଧାନୀ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ନଗଦ ୭,୦୦୧ ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୪,୦୦୧ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଉକ୍ତ ଖେଳକୁ ଦୁଷ୍ମନ୍ତ ସାହୁ, ଦୁଷ୍ମନ୍ତ ବେହେରା, ଓ ବୁଲୁ ମାଝି ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ମେଘ ରାଜପାଲିଆ, ଶ୍ରେଷ୍ଠ ଡ଼ିଫେନ୍ସ କୁରୁକୁଟୁ ଦାସଙ୍କୁ ଟ୍ରଫି ପ୍ରଦାନ କରାଯାଇଛି। ଆୟୋଜକ କମିଟି ସଭାପତି ସୌରଭ ସିଂ ମାଝି, ସମ୍ପାଦକ ବିପେନ ବିଶି, ସଂଯୋଜକ ମକୁନ୍ଦ ବଗର୍ତ୍ତିଙ୍କ ନେତୃତ୍ୱରେ ଟୁର୍ନାମେଣ୍ଟର ସଫଳ ସମାପନ ହୋଇଥିଲା।

# କୋଶଳ ରାଜ୍ୟ ଦାବିରେ ବାହାରିଲା ପଦଯାତ୍ରା

**ଖପ୍ରାଖୋଲ, ୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରୁ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିରେ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ତରଫରୁ ରବିବାର ପଦଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ନେତା ସୁଶିଲ କୁମାର ଗୁରୁଙ୍କ ନେତୃତ୍ୱରେ କୋଶଳ ସଂଗ୍ରାମୀମାନେ ହରିଶଙ୍କର ମନ୍ଦିରରେ ପୂଜା ପାଠ କରି ପଦଯାତ୍ରା ଆରମ୍ଭ କରିଥିଲା। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସେବା ପାଇଁ ପଶ୍ଚିମ ଓଡ଼ିଶାକୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ସ୍ୱତନ୍ତ୍ର କୋଶଳ ରାଜ୍ୟ ଏହାର ଏକମାତ୍ର ସମାଧାନ ବାଟ। ପଦଯାତ୍ରା କାଳରେ ରାସ୍ତାରେ ଲୋକଙ୍କୁ ସଚେତନ କରାଯିବ। ପଦଯାତ୍ରା ଦଳ ଆଗାମୀ ୧୦ ତାରିଖରେ ଭୁବନେଶ୍ୱରରେ ସମାବେଶ କରି ଦାବି ଉପସ୍ଥାପନ କରିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ପଦଯାତ୍ରାରେ ସୁବାସ ଆଚାର୍ଯ୍ୟ, ଜନ୍ମେଜୟ ସାହୁ, ଅମର ବରିହା ପ୍ରମୁଖ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା କର୍ମକର୍ତ୍ତା ସାମିଲ ହୋଇଥିଲେ।

ଭୁବନେଶ୍ୱର ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।


# ଜଗଜୋତଙ୍କ ଶତକ: ବିଦର୍ଭ-୪୪୩/୯

**ବଲାଙ୍ଗୀର ଅଫିସ, ୪।୧୨**


ଶତକ ହାସଲକାରି ଜଗ୍‌ଜୋତ୍।


୯୯ ରନ୍ କରିଥିବା ମହମ୍ମଦ ଫୈଜ୍।

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଓଡିଶା ବିପକ୍ଷ ସର୍ବଭାରତୀୟ ୧୯ବର୍ଷ ବର୍ଗ କୁଚ୍ ବିହାର ଟ୍ରଫି କ୍ରିକେଟ୍ ମ୍ୟାଚର ଦ୍ୱିତୀୟ ଦିବସ ରବିବାର ବିଦର୍ଭ ଦଳ ୧୧୪ ଓଭରରେ ୯ ଉଇକେଟ୍ ବିନିମୟରେ ୪୪୩ ରନ୍ ସଂଗ୍ରହ କରିଛି। ବିଦର୍ଭ ବ୍ୟାଟ୍ସମ୍ୟାନ୍ ଜଗଜୋତ୍ ଚମତ୍କାର ଶତକ ଅର୍ଜନ କରିଥିଲେ। ୧୦୨ ବଲରେ ସେ ୧୦୧ ରନ୍ ସଂଗ୍ରହ କରିଥିଲେ। ତାଙ୍କ ଦର୍ଶନୀୟ ଇନିଂସ୍‌ରେ ସେ ୫ ଛକା ଓ ୯ ଚୌକା ମାରିଥିଲେ। ବିଦର୍ଭର ଦ୍ୱିତୀୟ ସଫଳ ବ୍ୟାଟ୍ସମ୍ୟାନ୍ ଭାବେ ଅଧିନାୟକ ମହମ୍ମଦ ଫୈଜ୍ ୧୫୩ ବଲରେ ୯୯ ରନ୍ କରି ଲେଗ୍ ବିଫୋର ଉଇକେଟ୍ ଆଉଟ୍ ହୋଇଥିଲେ। ସେ ୪ ଛକା ଓ ୧୦ ଚୌକା ମାରିଥିଲେ। ତୃତୀୟ ସଫଳ ବ୍ୟାଟ୍ସମ୍ୟାନ୍ ଭାବେ ଦାନିସ ମାଲେୱର ୧୧ଟି ଚୌକା ବଳରେ ୭୨ ରନ୍ (୧୧୪ ବଲ) ସଂଗ୍ରହ କରିଥିଲେ। ଶତକୀୟ ଇନିଂସ୍ ଖେଳିଥିବା ଜଗଜୋତ୍ ଓ ୯୯ ରନ୍ କରିଥିବା ଅଧିନାୟକ ମହମ୍ମଜ ଫୈଜ୍ ଭାରତୀୟ ଦଳରେ ଖେଳୁଛନ୍ତି। ଦ୍ୱିତୀୟ ଦିନ ଶେଷ ସୁଦ୍ଧା ବ୍ୟାଟ୍ସମ୍ୟାନ୍ ପାର୍ଥମ ମହେଶ୍ୱରୀ ଅପରାଜିତ ୪୦ ରନ୍ ଓ ସଂଯୋଗ ଶ୍ୟାମ ଭଗତ ୧୮ ରନ୍ କରି ଅପରାଜିତ ଅଛନ୍ତି।

**ଓଡିଶା-ବିଦର୍ଭ କୁଚବିହାର ଟ୍ରଫି**

ପ୍ରଥମ ଦିନ ଓଡିଶା ଦଳ ବ୍ୟାଟିଂ କରି ୧୪୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହାପରେ ବିଦର୍ଭ ଦଳ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୨ ଉଇକେଟ୍ ବିନିମୟରେ ୬୯ ରନ୍ ସଂଗ୍ରହ କରିଥିଲା। ବିଦର୍ଭ ଦଳ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୨୯୪ ରନ୍‌ରେ ଅଗ୍ରଣୀ ରହିଛି। ଓଡିଶା ଦଳ ପକ୍ଷରୁ ଆଦିତ୍ୟ ଜୟସିଂ, ସାଇଦୀପ ମହାପାତ୍ର ଓ ଏମ୍.ଡି ସୋହେଲ ଖାନ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଆଉ ଦୁଇଦିନ ଖେଳ ବାକି ରହିଥିବାରୁ ମ୍ୟାଚ୍ ନିର୍ଣ୍ଣାୟକ ହେବ ବୋଲି ଅନୁମାନ କରାଯାଉଛି।

## ସଂକ୍ଷେପରେ

### ୬ରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଦିନିକିଆ ବୌଦ୍ଧ ଗସ୍ତ

## ଭାଜପାର ପ୍ରସ୍ତୁତି ବୈଠକ

ବାଉଁଶୁଣୀ,୪।୧୨(ଡି.ଏନ.ଏ.): କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଇ ଆସନ୍ତା ୬ ତାରିଖ ମଙ୍ଗଳବାର ଦିନ ଦିନିକିଆ ବୌଦ୍ଧ ଗସ୍ତରେ ଆସିବାର ଅଛି । ଏଥିପାଇଁ ଜିଲା ଭାଜପା ପକ୍ଷରୁ ବୌଦ୍ଧ ବ୍ଲକର ଦହ୍ୟାଠାରେ ଏକ ପ୍ରସ୍ତୁତି ବୈଠକ ଜିଲା ସଭାପତିଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମନ୍ତ୍ରୀଙ୍କ ଗସ୍ତକୁ କିପରି ସଫଳ କରାଯିବ ସେନେଇ ଆଲୋଚନା କରାଯାଇଥିଲା । ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନାଇ ଚରଣ ଡାଙ୍ଗ , ୫ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, କନ୍ଧମାଳ ନିର୍ବାଚନମଣ୍ଡଳୀ ପ୍ରଭାରୀ ପ୍ରେମାନନ୍ଦ ମିଶ୍ର, ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ଜିଲା ଉପସଭାପତି ଚିତ୍ତରଞ୍ଜନ ପାତ୍ର, ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, ଅନୀଲ କୁମାର ପ୍ରଧାନ, ପଞ୍ଚମନ ଜଗଦଲାଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

### କାମ କରିବାକୁ ଯାଇଥିଲେ ଆନ୍ଧ୍ରପ୍ରଦେଶ

ବିନିକା,୪।୧୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅନ୍ତର୍ଗତ ୱାର୍ଡ ନଂ ୧୦ ଉର୍ଲେ ଗ୍ରାମର ମନୋଜ ବେହେରା(୨୨) ଦାଦନ ଖଟିବାକୁ ଯାଇଥିଲେ ଆନ୍ଧ୍ରପ୍ରଦେଶ। ରବିବାର ଏଠାକୁ ଫେରିଛି ତାଙ୍କ ମୃତଦେହ। ମୃତଦେହ ଫେରିବା ପରେ ଗାଁରେ ସୃଷ୍ଟି ହୋଇଥିଲା ଏକ ଶୋକାକୂଳ ପରିବେଶ। ବିନିକା ପାପକ୍ଷୟ ଘାଟରେ ତାଙ୍କର ଶେଷକୃତ ସମ୍ପନ୍ନ କରାଯାଇଥିଲା। ମନୋଜଙ୍କ ମୃତ୍ୟୁ ପରେ ତାଙ୍କ ବୃଦ୍ଧ ମା'ବାପା ଭାଙ୍ଗି ପଡିଛନ୍ତି। ପୁଅର ମୃତ୍ୟୁ ପରେ ଏବେ ସେମାନେ କିପରି ଜୀବନ ଜିଇଁବେ ଚିନ୍ତାରେ ପଡିଥିବା କହିଛନ୍ତି ବୃଦ୍ଧ ସନ୍ତୋଷ ବେହେରା। ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଘରର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ୨ମାସ ତଳେ ମନୋଜ ଆନ୍ଧ୍ରପ୍ରଦେଶକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ସେଠାରେ କିଛିଦିନ କାମ କରିବା ପରେ ପେଟରେ ଯନ୍ତ୍ରଣା ହେବାରୁ ନିକଟସ୍ଥ ଏକ ଡାକ୍ତରଖାନା ଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଆନ୍ଧ୍ରପ୍ରଦେଶରୁ ଏକ ଆମ୍ବୁଲାନ୍ସରେ ମୃତଦେହ ଉର୍ଲେ ଅଣାଯାଇଥିଲା। ଖବର ପାଇ ଜିଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାକା ୧୫ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ସେହିଭଳି ସ୍ଥାନୀୟ ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ ରେଡକ୍ରସ ପାଣ୍ଠିରୁ ମୃତ ଶ୍ରମିକଙ୍କ ପରିବାରକୁ ୧୦ହଜାର ଟଙ୍କା ଏବଂ ଏନଏସି ପ୍ରଶାସନ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା।

# ମଣ୍ଡି ଖୋଲିନି, ଧାନର ଅଭାବୀ ବିକ୍ରି

ସୋନପୁର,୪।୧୨(ନି.ପ୍ର.)


ମଣ୍ଡି ଖୋଲି ନ ଥିବାରୁ ବିନିକାର ଜଣେ ଚାଷୀ ଖଳାରେ ଧାନ ଗଦାକରି ରଖିଛନ୍ତି।

ପଡୋଶି ବରଗଡ, ସମ୍ବଲପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲାରେ ଖରିଫ ଧାନ ସଂଗ୍ରହ ଆରମ୍ଭ ହେଲାଣି। କିନ୍ତୁ ସୁବର୍ଣ୍ଣପୁର ଜିଲାରେ ଏ ପର୍ଯ୍ୟନ୍ତ ଧାନ କିଣା ଆରମ୍ଭ ହୋଇନି। ଜିଲାର ୬ଟି ବ୍ଲକ ମଧ୍ୟରୁ ଜଳସେଚିତ ଡୁଙ୍ଗୁରିପାଲି ଓ ବିନିକା ବ୍ଲକରେ ଧାନ ଅମଳ ଶୀଘ୍ର ହୋଇଥାଏ। ଏହି ଦୁଇ ବ୍ଲକର କେତେକ ଚାଷୀ ଧାନ ଅମଳ ସାରି ଆସନ୍ତା ରବି ଧାନ ଚାଷ ପାଇଁ ଜମି ପ୍ରସ୍ତୁତ କରି ତଳି ପକାଇଲେଣି। ମାତ୍ର ଏ ପର୍ଯ୍ୟନ୍ତ ସରକାରଙ୍କ ମଣ୍ଡି ଖୋଲିନି। ସୋମବାର ଡୁଙ୍ଗୁରିପାଲି ବ୍ଲକର ଦିଗଶିରା ମଣ୍ଡି ଓ ବିନିକା ମାର୍କେଟ୍ ୟାର୍ଡରେ ଧାନ କିଣା ଆରମ୍ଭ ହେବ ବୋଲି ଜଣାପଡିଛି। ତେଣୁ ଚାଷୀ ବାଧ ହୋଇ କମ୍‌ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ଅସାଧୁ ବ୍ୟବସାୟୀ ଚାଷୀଙ୍କ ନିକଟରୁ କୁଇଣ୍ଟାଲ ପ୍ରତି ୧୪୦୦ଟଙ୍କାରେ ଧାନ କିଣି ମାଲେମାଲ ହେଉଛନ୍ତି। ଜିଲାରେ ବିଳମ୍ବିତ ଧାନ କିଣା ପାଇଁ ଚାଷୀ ଅଭାବି ବିକ୍ରିର ସମ୍ମୁଖୀନ ହେଉଥିବା ବେଳେ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଏଥିପ୍ରତି ଚିନ୍ତା ନାହିଁ।

ଜିଲାର ଅଣଜଳସେଚିତ ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରେ ସାମାନ୍ୟ ବିଳମ୍ବରେ ଧାନ ଅମଳ ହୁଏ। ଏହି ସବୁ ଅଞ୍ଚଳରେ ୩୦ ପ୍ରତିଶତ ଜମିରେ ଧାନ ଅମଳ ସରିଲାଣି। ଚାଷୀ ଧାନ ଅମଳ କରି ବିକ୍ରି ପାଇଁ ଖଳାରେ ଗଦା କରିଛନ୍ତି। ଅକ୍ଟୋବର ୩୧ରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ୨୦୨୨-୨୩ ଖରିଫ ଧାନ କିଣା ନଭେମ୍ବର ୩୦ରୁ ଜିଲାରେ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା। କୌଣସି କାରଣରୁ ପରେ ଏହି ନିଷ୍ପତ୍ତି ବଦଳିଗଲା। ଡିସେମ୍ବର ୫ରୁ ବିନିକା ଓ ଡୁଙ୍ଗୁରିପାଲି ବ୍ଲକରୁ ଏବଂ ଡିସେମ୍ବର ୧୨ରୁ ଜିଲାର ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରୁ ଧାନ ସଂଗ୍ରହ ଆରମ୍ଭ ହେବ ବୋଲି ସ୍ଥିର ହେଲା। ନଭେମ୍ବର ମାସରୁ ଧାନ କିଣା ଆରମ୍ଭ ହେଲେ ଚାଷୀଙ୍କ ଟୋକନ ଲାପ୍‌ସ ହେବ ଯୁକ୍ତି ଦର୍ଶାଇ ଧାନ କିଣାକୁ ବିଳମ୍ବ କରାଗଲା। ପ୍ରଶାସନର ଏଭଳି ଏକତରଫା ନିଷ୍ପତ୍ତିକୁ ଜିଲା କୃଷକ ସଂଗଠନ ପକ୍ଷରୁ ବିରୋଧ କରାଯାଇଥିଲା। ମାତ୍ର ପ୍ରଶାସନ ଏହି ଦାବିକୁ ଅଣଦେଖା କରିଛି। ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ ୪୦ ପ୍ରତିଶତ ଧାନ ଅମଳ ସରିଲାଣି। ଚାଷୀ ଅମଳ ଧାନକୁ ଖଳାରୁ ବିକ୍ରି କରି ଦେଉଛି। ଆସନ୍ତା ରବି ଧାନ ଚାଷ ପାଇଁ ହଳ, ବିହନ ଓ ସାର ସକାଶେ ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ଚାଷୀଙ୍କୁ ଟଙ୍କା ଆବଶ୍ୟକ। ସଅଳ ଧାନ ଅମଳ ସରି ଥିବାରୁ କୃଷି ଶ୍ରମିକଙ୍କ ମଜୁରୀ, ଚାଷ ପାଇଁ ବ୍ୟବହୃତ ଯନ୍ତ୍ରପାତିର ଭଡା ଓ ଋଣ ଟଙ୍କା ପରିଶୋଧ ପାଇଁ ଜିଲାର ଚାଷୀ କମ ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ଚାଷୀ ସରକାରୀ ଦରରେ ଧାନ ବିକ୍ରି କରି ନପାରି କ୍ଷତି ସହୁଛି। ଚାଷୀଙ୍କୁ ସରକାରୀ ମଣ୍ଡିରୁ ବିମୁଖ କରି ମିଲର୍ସ ଓ ଅସାଧୁ ବ୍ୟବସାୟୀଙ୍କ ହାତରେ ସେମାନଙ୍କ କଷ୍ଟ ଉପାର୍ଜିତ ଧାନକୁ ଟେକି ଦେବାକୁ ଏକ ଷଡଯନ୍ତ୍ର ହୋଇଥିବା ଜିଲା କୃଷକ ସଂଗଠନର ସଭାପତି ବୈକୁଣ୍ଠନାଥ ଶତପଥୀ ଅଭିଯୋଗ କରିଛନ୍ତି। ତେବେ ଜିଲାପାଳଙ୍କୁ କୃଷକ ସଂଗଠନର ଲିଖିତ ଅଭିଯୋଗ ଓ ଆନ୍ଦୋଳନ ଚେତାବନୀ ପରେ ଜିଲା ପ୍ରଶାସନ ଅଣଜଳସେଚିତ ୪ ବ୍ଲକର ଧାନ କିଣା ନିଷ୍ପତ୍ତି ବଦଳାଇଛନ୍ତି। ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରେ ଆସନ୍ତା ୧୨ ତାରିଖ ବଦଳରେ ୯ ତାରିଖରୁ ଧାନ କିଣିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ମାତ୍ର ଚାଷୀ ମାନେ ଏଥିରେ ସନ୍ତୁଷ୍ଟ ହୋଇ ନାହାନ୍ତି। ଏ ସମ୍ପର୍କରେ ଜିଲା କୃଷକ ସଂଗଠନର ସଭାପତି ଶତପଥୀ କୁହନ୍ତି, ଆଗୁଆ ଧାନ କିଣିବା ପାଇଁ ଆମେ ବୈଠକରେ ଅନୁରୋଧ କରିଥିଲୁ। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଆମ କଥାକୁ ଶୁଣାଗଲାନି। ଯେଉଁ ନିଷ୍ପତ୍ତି ନିଆଗଲା ତାହା ପରେ ମିଲର୍ସଙ୍କ ଲାଭ ପାଇଁ ବଦଳା ଗଲା। ମଣ୍ଡି ଖୋଲିବା ପୂର୍ବରୁ କମ୍ ଦରରେ ଧାନ କିଣି ମିଲର୍ସ ଗୋଦାମ ଭର୍ତ୍ତି କରିବାକୁ ସୁଯୋଗ ଦିଆଗଲା। ପ୍ରଶାସନ ଚାଷୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନ ଦେଲେ ଜିଲା କୃଷକ ସଂଗଠନ ଆନ୍ଦୋଳନ କରିବ। ଜିଲାରେ ୬୩ପ୍ୟାକ୍ସ ଓ ୩୮ଟି ଏସ୍ଏଚ୍‌ଜି ଜରିଆରେ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଜିଲାର ଚାଷୀଙ୍କ ଧାନ କିଣିବ। ଧାନ କ୍ରୟ ପାଇଁ ଜିଲାରେ ୧୦୭ଟି ମଣ୍ଡି ଖୋଲାଯିବ। ଧାନ ବିକ୍ରି କରିବା ପାଇଁ ଚଳିତ ଥର ୬୫ହଜାର ୫୨୩ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି।

### ସୁବର୍ଣ୍ଣପୁର ଜିଲା
### ମାଲାମାଲ ହେଉଛନ୍ତି ଅସାଧୁ ବ୍ୟବସାୟୀ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷକ ସଂଘର ସ୍ମାରକପତ୍ର



ସୋନପୁର ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକ ମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ସୋନପୁର,୪।୧୨(ନି.ପ୍ର.)

ସୋନପୁର ବ୍ଲକ ପ୍ରାଥମିକ ଶିକ୍ଷକ(ଏକ୍ସ କ୍ୟାଡର) ସଂଘ ପକ୍ଷରୁ ୮ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକ ସଂଘ ପକ୍ଷରୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଟ୍ରେଜେରି ମାଧ୍ୟମରେ ଦରମା ପ୍ରଦାନ, ସମଗ୍ର ଶିକ୍ଷାର ଡେପୁଟେସନକୁ ବାତିଲ କରି ମାର୍ଚ୍ଚ ୧ତାରିଖ ୨୦୨୦ ମସିହାରୁ ସମସ୍ତ ଏକ୍ସ କ୍ୟାଡର ଶିକ୍ଷକଙ୍କୁ କ୍ୟାଡର ଭୁକ୍ତ କରିବା, ସମସ୍ତ ଶିକ୍ଷକଙ୍କୁ ଇନକ୍ରିମେଣ୍ଟ ପ୍ରଦାନ କରିବା ଓ ସମସ୍ତ ଗଣଶିକ୍ଷକଙ୍କୁ ନିୟମିତ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି । ଡିସେମ୍ବର ୨୫ ତାରିଖ ସୁଦ୍ଧା ଦାବି ଗୁଡିକ ପୂରଣ ନ ହେଲେ ୨୭ ତାରିଖରେ ଭୁବନେଶ୍ୱରରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଲେନିନ ମେହେର, ସମ୍ପାଦକ ସଞ୍ଜୀବ କୁମାର ମିଶ୍ର, ସତ୍ୟ ନାଏକ, ଜୟକୃଷ୍ଣ ମହାକୁର, ହୃଷିକେଶ ମହାକୁର ଓ ଘନଶ୍ୟାମ ମିଶ୍ରଙ୍କ ସମେତ ଅନ୍ୟ ଗଣଶିକ୍ଷକ ଉପସ୍ଥିତ ଥିଲେ।

# ଅର୍ଘାସୁର ବଧ, କଂସ ମର୍ମାହତ

ବିନିକା, ୪।୧୨(ଡି.ଏନ.ଏ.)

### ଫୁଲମୁଠୀ ଗୋକୁଳାଷ୍ଟମୀ ଯାତ୍ରାର ସପ୍ତମ ସନ୍ଧ୍ୟା

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଫୁଲମୁଠି ବ୍ରଜବିହାରୀ ନୃତ୍ୟ କଳା ପରିଷଦ ପକ୍ଷରୁ ଚାଲିଥିବା ଗୋକୁଳାଷ୍ଟମୀ ଯାତ୍ରାର ରବିବାର ଥିଲା ସପ୍ତମ ସନ୍ଧ୍ୟା। ଏହି ଅବସରରେ ଆୟୋଜିତ କଂସ ଦରବାରରେ ଅଭିନୀତ ହୋଇଥିଲା ଗୋପପୁର ଅର୍ଘସୁର ବଧ ଦୃଶ୍ୟ। ଅର୍ଘାସୁର ବଧ ପରେ ମହାରାଜ କଂସ ମର୍ମାହତ ହୋଇ ପଡିଥିଲେ। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟକୁ ଦର୍ଶକ ବେଶ ଉପଭୋଗ କରିଥିଲେ। ରାଜ ଅତିଥିଭାବେ ଶିଳ୍ପପତି ପ୍ରଶାନ୍ତ ବାବୁ, ପିସିସି ସଦସ୍ୟ ପ୍ରଦୀପ ସେଠୀ, ସରକାରୀ ଓକିଲ ସୁଧାଂଶୁ ଶେଖର ଦାସ, ସମବାୟ ସଭାପତି ବାଉଶୁଣୀ ଚଞ୍ଚଳ ସା ଉପସ୍ଥିତ ଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ସୃଜନ ପଣ୍ଡା, ରବୀନ୍ଦ୍ର ହୋତା, ଅଶୋକ ପଣ୍ଡା, ହିମାଂଶୁ ଶେଖର ପୁଟେଲ, ରାମ ଗୋପାଳ ବାଘ, ବ୍ରହ୍ମା ପୂଜାରୀ, ଜୟରାମ ସେଠୀ, ଶାନ୍ତନୁ ପଣ୍ଡା, ପ୍ରମୁଖଙ୍କୁ କଂସ ଦରବାରରେ ସମ୍ମାନୀତ କରାଯାଇଥିଲା

ସେହିପରି ଯାତ୍ରାର ଷଷ୍ଠ ସନ୍ଧ୍ୟା ଶନିବାର ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ରାଜ ଅତିଥିଭାବେ ଯୋଗଦେଇ ମଥୁରା ନଗରୀବାସୀଙ୍କୁ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ନିଜେ ଗୀତ ଗାଇ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଚରଦା ସରପଞ୍ଚ ବୃନ୍ଦାବତୀ ନାୟକ, ଶିଳ୍ପଦ୍ୟୋଗୀ ମୁନତାଜ ପଣ୍ଡା, ଭାଗବତ ସାହୁ, ସଞ୍ଜୟ ମିଶ୍ର, ଚଞ୍ଚଳ ସା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ଉପଦେଷ୍ଟା ପ୍ରମୋଦ ଦାଶ, ପ୍ରସନ୍ନ ରଥ, ଯୁବନେତା ବାବୁଲା ପଣ୍ଡା, ଚାଷୀନେତା ଭୀମସେନ ସାହୁ, ନୀଳାମ୍ବର ସାହୁ ଉପସ୍ଥିତ ଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ଜସ୍ମିନ ରଥ ଦରବାରର ମୁଖ୍ୟ ଅକର୍ଷଣ ଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ମହୁଲଟିକ୍ରା ପଡିଆ ମଥୁରା ନଗରୀ ରାଜଦରବାରକୁ ମହାରାଜ କଂସ ତାଙ୍କ ସୈନ୍ୟ ସାମନ୍ତଙ୍କ ସହ ଆସିଥିଲେ। କୃଷ୍ଣଙ୍କୁ ମାରିବା ପାଇଁ ପଠାଇଥିବା ବକାସୁର ମୃତ୍ୟୁ ଖବର ଶୁଣି ଭାଙ୍ଗି ପଡିଥିଲେ। ଅନ୍ୟପକ୍ଷରେ ଗୋପପୁରରେ କୃଷ୍ଣ ବଳରାମ କଂସ ପ୍ରେରିତ ରାକ୍ଷସଙ୍କୁ ନିଧନ କରିବା ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। କମିଟି ସଭାପତି ଆନନ୍ଦ ହୋତା ଓ ପରିଚାଳନା କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଚାରିଶମ୍ଭୁ ବ୍ରହ୍ମ ସମାଜ ପକ୍ଷରୁ ଗୀତା ଜୟନ୍ତୀ ପାଳିତ

ବାଉଁଶୁଣୀ,୪।୧୨(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଐତିହାସିକ ଗନ୍ଧରାଡି ପୀଠର ନୀଳମାଧବ ମନ୍ଦିର ପରିସରରେ ଚାରିଶମ୍ଭୁ ବ୍ରହ୍ମ ସମାଜ ପକ୍ଷରୁ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ସମାଜର ସଭାପତି କିଶୋର ଚନ୍ଦ୍ର ପୁରୋହିତ ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ରାମଚନ୍ଦ୍ର ପାଣିଗ୍ରାହୀ ଓ ସିଦ୍ଧେଶ୍ୱର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଏହାପରେ ବ୍ରାହ୍ମଣ ସମାଜ ଦ୍ୱାରା ସାମୁହିକ ଗୀତା ପାଠ କରାଯାଇଥିଲା। ପୂର୍ବାହ୍ନ ୧୦ ଟାରୁ ଗୀତା ପାଠ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। ସଞ୍ଜୀବ ପଣ୍ଡା, ଶ୍ରୀକାନ୍ତ ମହାପାତ୍ର, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ ପଣ୍ଡା, ପରମେଶ୍ୱର ଦାସ, ସୀତାରାମ ପଣ୍ଡା ପ୍ରମୁଖ ଗୀତା ପାଠ କରିଥିଲେ। ଆହୁତି ଦଧିବାମନ ପଣ୍ଡା ଦେଇଥିଲେ। ପୂଜକ ନୀଳକଣ୍ଠ ପାଣିଗ୍ରାହୀ, କୁମୁଦ ପାଣିଗ୍ରାହୀ, ଅଜିତ ପାଣିଗ୍ରାହୀ, ପ୍ରଭାତ ଶତପଥୀ,ସଂପାଦକ ସୁଶୀଳ ପାଣିଗ୍ରାହୀ, ଏସ. ଚାନ୍ଦ, ସନ୍ତୋଷ ମିଶ୍ର, ଜିତେନ୍ଦ୍ର ହୋତା, ନବୀନ ହୋତା, ଶ୍ରୀନିବାସ ପୁରୋହିତ, ଧନଞ୍ଜୟ ଶତପଥୀ,ବିଭୀଷଣ ଚାନ୍ଦ , ରବି ନାରାୟଣ ହୋତା, ନାରାୟଣ ମିଶ୍ର, ସୁଧାଂଶୁ ଶେଖର ମିଶ୍ର, ନବୀନ ହୋତା, ଅଶୋକ ପାଣିଆ, ସତ୍ୟ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# ପୁତନା ବଧ, କୃଷ୍ଣ ବଧ ପାଇଁ ଅଷ୍ଟମଲ୍ଲ ପ୍ରେରଣ


ମଞ୍ଚରେ ପାତ୍ରମନ୍ତ୍ରୀ ଓ ଅତିଥିଙ୍କ ସହିତ କଂସ ମହାରାଜ।

ଅମରପାଲି,୪।୧୨(ଡି.ଏନ.ଏ.)

### ବୀରମହାରାଜପୁର ଧନୁଯାତ୍ରାର ଚତୁର୍ଥ ରଜନୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ଧନୁଯାତ୍ରାର ରବିବାର ଥିଲା ଚତୁର୍ଥ ରଜନୀ। ମୁକ୍ତାକାଶ ରଙ୍ଗମଞ୍ଚର ନାଟ୍ୟାଭିକ୍ରମରେ ଧନୁଯାତ୍ରାର ଲୀଳା ନାଟକ ପରିବେଷଣ କରାଯାଇଥିଲ। ନାଟ୍ୟାଭିକ୍ରମରେ ପୁତନା ବଧ ପରେ କଂସ ବିଚଳିତ ହୋଇପଡିଛନ୍ତି। କୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଅଷ୍ଟମଲ୍ଲ ପ୍ରେରଣ କରାଯାଇଛି। ରବିବାର ଅନୁଷ୍ଠିତ ସାଂସ୍କୃତିକ ମଞ୍ଚରେ ଆୟୋଜକ କମିଟି ସଭାପତି କିଶୋର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ଜେଲ ଅଧିକ୍ଷକ ଅଞ୍ଜଳି ପଟେଲ ମୁଖ୍ୟ ଅତିଥି, କୋଶଳ ସଂଗ୍ରାମୀ ସାକେତ ଭୂଷଣ ସାହୁ ରାଜ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଜେଲ ଅଧିକ୍ଷକ କଂସଙ୍କୁ ବୀରମହାରାଜପୁରକୁ ନିମନ୍ତ୍ରଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସାଂସ୍କୃତିକ ସଭାରେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢୀ, ଅକ୍ଷୟ ମିଶ୍ର, ପୂର୍ବତନ କୃଷି ଅଧିକାରୀ ଦୟାନିଧି ହୋତା, ଖବରଦାତା ସତ୍ୟବାନ ପୁରୋହିତ, ନୀଳକମଳ ମିଶ୍ର, ରାଜେଶ ସେଠୀ ଓ ଶତୃଘ୍ନ ମେହେର ରାଜ ଅତିଥିଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ମଞ୍ଚରେ କଂସଙ୍କ ବଳିଷ୍ଠ ଅଭିନୟ ସହିତ ସମ୍ବଲପୁରୀ ଓ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଏହା ଦେଖିବାକୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଛି।

# କ୍ରୀଡ଼ାରେ ବିକାଶର ସଫଳତା



ବିକାଶ ଗ୍ରୁପ୍‌ର କୃତୀ ଖେଳାଳିମାନେ।

ବରଗଡ଼ ଅଫିସ୍,୪।୧୨

ବରଗଡ଼ର ବିକାଶ ଆବାସିକ ସ୍କୁଲ କ୍ଲଷ୍ଟର ମିଟ୍‌ରେ କବାଡ଼ି, ବାସ୍କେଟବଲ ଏବଂ ଫୁଟବଲରେ ଭାଗ ନେଇ ବିକାଶ ଟିମ୍ ପ୍ରଥମ ମ୍ୟାଚ୍‌ଗୁଡ଼ିକ ଜିତି ନେଇଛି । ସେହିପରି ଫାର୍ ଇଷ୍ଟ ଚାମ୍ପିୟନଶିପ୍‌ରେ ସ୍କେଟିଂ ଏବଂ ବ୍ୟାଡ୍‌ମିଣ୍ଟନରେ ଭାଗ ନେବା ପାଇଁ ବିକାଶ ଟିମ୍ ରାୟପୁର ଓ ଆସାମ ଗସ୍ତରେ ଯାଇଥିବା ବିକାଶ ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି । ଏହା ସହିତ ପଶ୍ଚିମବଙ୍ଗ ବ୍ରନପୁରରେ ଚାଲିଥିବା କ୍ଲଷ୍ଟର-୨ ବାସ୍କେଟ ବଲ ଚାମ୍ପିୟନଶିପ୍‌ରେ ବିକାଶ ଦଳ ଉତ୍କୃଷ୍ଟମାନର ଖେଳ ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛି। ଇତିମଧ୍ୟରେ ଓସିଏ ଭିଜନ-୨୦୨୪ ଆନୁକୂଲ୍ୟରେ ବରଗଡ଼ ଜିଲାରେ ଆୟୋଜିତ ଆନ୍ତଃ କ୍ଲବ ଜୁନିୟର କ୍ରିକେଟର ଓପନିଂ ମ୍ୟାଚ୍‌ରେ ବିକାଶ ଟିମ୍‌ର ଆୟୁଷ୍ମାନ ମେହେରଙ୍କ ୧୦୫ରନ ଏବଂ ଅମରେନ୍ଦ୍ର ସିଂଙ୍କ ୭୯ରନର ପ୍ରମୁଖ ଯୋଗଦାନରେ ୯ଉଇକେଟ୍ ହରାଇ ୪୨୮ରନର ବିଶାଳ ସ୍କୋର କରିଥିଲେ। ଜବାବରେ ବୋଡ଼ାସମ୍ବର କ୍ଲବ ୧୦୪ରନ କରି ଅଲଆଉଟ୍ ହେବା ଫଳରେ ୩୦୪ ରନ୍‌ର ବଡ଼ ବ୍ୟବଧାନରେ ବିକାଶ ଟିମ୍ ବିଜୟୀ ହୋଇଛି। ବିକାଶ ଷ୍ଟାଡ଼ିୟମରେ ବ୍ଲୁ ଡାଇମଣ୍ଡ ଏବଂ ରୋଟାରୀ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଜିଲା କ୍ରିକେଟ ଆସୋସିଏଶନର ହରିହର ପ୍ରଧାନ, ରବି ପଣ୍ଡା, ପ୍ରଦୀପ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ନଗରପାଳଙ୍କ ସ୍ତ୍ରୀଙ୍କୁ ଗୁଳିମାଡ଼

ତରଭା, ୪।୧୨(ଡି.ଏନ.ଏ.)


ଗିରଫ ଅଭିଯୁକ୍ତ।


ଜବତ ବନ୍ଧୁକ।

- ଗୁଳିମାଡ଼ କରିଥିବା ପୁତୁରା ଗିରଫ
- ବ୍ୟବହୃତ ପିସ୍ତଲ, ଅଫୁଟା ଗୁଳି ଜବତ

ସୁବର୍ଣ୍ଣପୁର ଜିଲା ତରଭା ଏନ୍ଏସିର ପୂର୍ବତନ ନଗରପାଳ ପଞ୍ଚାନନ ମହାପାତ୍ରଙ୍କ ସ୍ତ୍ରୀ ଅନିମା ମହାପାତ୍ର(୫୫)ଙ୍କୁ ଗୁଳିମାଡ ହୋଇଛି। ସେ ଏନ୍ଏସି ଅନ୍ତର୍ଗତ ପଦରପଡାସ୍ଥିତ ଘରେ ଥିବାବେଳେ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ତାଙ୍କ ପୁତୁରା ଦେବପ୍ରକାଶ ମହାପାତ୍ର (୩୪) ଓରଫ ମୁକୁଳ ଦେଶୀ ପିସ୍ତଲରୁ ଖୁଡ଼ୀଙ୍କୁ ଗୁଳିମାଡ କରିଥିଲେ। ଅନିମାଙ୍କ ବାମ ପଟ ଅଣ୍ଟା ଉପରେ ଗୁଳି ବାଜିବା ପରେ ସେ ତଳେ ପଡିଯାଇଥିଲେ। ରକ୍ତ ଜୁଡୁବୁଡୁ ହୋଇ ତଳେ ପଡି ଚିତ୍କାର କରୁଥିବା ବେଳେ ଘରେ ଥିବା ପରିବାରର ଅନ୍ୟ ସଦସ୍ୟମାନେ ସେଠାକୁ ଆସିଥିଲେ। ଏହି ସମୟରେ ସେଠାରୁ ଖସି ପଳାଇଥିଲେ ଦେବପ୍ରକାଶ। ଗୁରୁତର ଅବସ୍ଥାରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିଆଯାଇଥିଲା। ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅନିମାଙ୍କ ସ୍ୱାମୀ ପଞ୍ଚାନନ ମହାପାତ୍ରଙ୍କ ଏତଲାକୁ ଭିତ୍ତି କରି ତରଭା ଥାନାରେ ଏକ ମାମଲା(୨୬୬/୨୨) ରୁଜୁ ହୋଇଛି। ପୋଲିସ ତନାଘନା ଚଳାଇ ଅଭିଯୁକ୍ତ ଦେବପ୍ରକାଶଙ୍କୁ ତରଭା ଏଇଏସ୍ କଲେଜ ନିକଟରୁ ଗିରଫ କରିଛି। ତାଙ୍କଠାରୁ ଘଟଣାରେ ବ୍ୟବହୃତ ଦେଶୀ ପିସ୍ତଲ ଓ ତିନୋଟି ଅଫୁଟା ଗୁଳି ଜବତ ହୋଇଛି। ଅଭିଯୁକ୍ତଙ୍କ ଏଭେଞ୍ଜର ବାଇକ (କେଏ ୪୧ଇଓ ୩୪୦୮)କୁ ପୋଲିସ ଜବତ କରିଛି। କେଉଁ କାରଣରୁ ଏପରି ଘଟଣା ଘଟିଲା ତା'ର ଅନୁସନ୍ଧାନ ଚାଲିଥିବା ତରଭା ଥାନାଧିକାରୀ ସୁବ୍ରତ ପାଣିଗ୍ରାହୀ କହିଛନ୍ତି। ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

# ବ୍ରିଜ୍‌କୁ ପିଟିଲା ବାଇକ୍, ଶିଶୁପୁତ୍ର ମୃତ

ସରଣ୍ଡା,୪।୧୨(ଡି.ଏନ.ଏ.)

- ଗୁରୁତର ଦମ୍ପତି ଡାକ୍ତରଖାନାରେ ଭର୍ତ୍ତି
- ଉତ୍ତ୍ୟକ୍ତ ଲୋକଙ୍କ ରାଜପଥ ଅବରୋଧ

ବରଗଡ଼ ଜିଲା ଅତାବିରା ଥାନା ଅଧୀନ ସରଣ୍ଡା ମନ୍ଦିର ଛକ ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ୱୟଂ ସାହୁ(୧୧)। ଏହି ଦୁର୍ଘଟଣାରେ ମୃତକଙ୍କ ମା' ବାପା ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷେ ରାସ୍ତା ନିର୍ମାଣକାରୀ ସଂସ୍ଥାର ତ୍ରୁଟି ଯୋଗୁ ରାସ୍ତା ମରଣଯନ୍ତା ପାଲଟିଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ବଲପୁର-ବରଗଡ଼ ୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ।

ସୂଚନା ଅନୁସାରେ, ବରଗଡ଼ ଜିଲା ଭେଡେନ ଥାନା ଅଧୀନ ରେମୁଣ୍ଡା ଗ୍ରାମର ଦିଲୀପ କୁମାର ସାହୁ ତାଙ୍କ ସ୍ତ୍ରୀ ମାମି ସାହୁ ଓ ଶିଶୁପୁତ୍ର ସ୍ୱୟଂଙ୍କୁ ଏକ ବାଇକ୍ (ନଂ.ଓଡ଼ି୧୭ୱାଇ/୫୭୪୫) ଯୋଗେ ସମ୍ବଲପୁର ପଟୁ ଘରକୁ ଫେରୁଥିବା ବେଳେ ସରଣ୍ଡା ମନ୍ଦିର ଛକ ନିକଟରେ ରାସ୍ତା କଡ଼ରେ ଥିବା ଏକ ବ୍ରିଜରେ ପିଟି ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ୩ଜଣଙ୍କୁ ଉଦ୍ଧାର କରି ଅତାବିରା ଡାକ୍ତରଖାନାକୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବୁର୍ଲା ଭିଏସ୍ଏସ୍ ମେଡିକାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁପୁତ୍ର ସ୍ୱୟଂଙ୍କ ମୃତ୍ୟୁ ହୋଇଥିଲା। ରାସ୍ତା ଦୁରବସ୍ଥା ପାଇଁ ଦୁର୍ଘଟଣା ହୋଇଥିବା ଦର୍ଶାଇ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଖବର ପାଇଁ ଅତାବିରା ଥାନା ଆଇଆଇସି ଅନିଲ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଗୋଡ଼ଭଗା ଫାଣ୍ଡି ଅଧିକାରୀ ବିପିନ ବାଗ ଓ ଅତାବିରା ଏସ୍ଆଇ ଅନିମା ଏକ୍କା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ସୋମବାରଠାରୁ ଲିଙ୍କ୍ ରାସ୍ତା କାମ ସମ୍ପୂର୍ଣ୍ଣ କରିବା ପରେ ଅନ୍ୟ ସାଇଟ୍ ରାସ୍ତା କାମ ଆରମ୍ଭ କରିବାକୁ ଫୋନ ମାଧ୍ୟମରେ ଏନ୍ଏଚ୍ ପ୍ରୋଜେକ୍ଟ ଅଧିକାରୀ ଉମାକାନ୍ତ ବାରିକ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା।

## ଫୁଟ୍‌ବଲ: ଅଇଁଠାପାଲି ଏଫ୍‌ସି ବିଜୟୀ

**ସମ୍ବଲପୁର,(ବ୍ୟୁରୋ):** ସମ୍ବଲପୁରରେ ପ୍ରଥମ ବିର୍ସାମୁଣ୍ଡା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅଇଁଠାପାଲି ଏଫ୍‌ସି ୨–୧ ଗୋଲରେ ସେଣ୍ଟଜୋନ ଏଫ୍‌ସିକୁ ହରାଇ ଟାଇଟଲ ଜିତିଛି। ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ରେଜିଷ୍ଟ୍ରାର କୋଅପରେଟିଭ ସୋସାଇଟି ଜରୋମେ କେର୍କେଟା, ସମ୍ମାନିତ ଅତିଥିଭାବେ ଫାଦର ରାଜେନ୍ଦ୍ର କୁମାର କୁଜୁର ଉପସ୍ଥିତ ରହିଥିଲେ। ସେଣ୍ଟ ଜୋନ ସ୍କୁଲ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଅଇଁଠାପାଲି ଦଳର ସନ୍ତୋଷ ମୁଣ୍ଡାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀଙ୍କ ଜୟନ୍ତୀ

**ସମ୍ବଲପୁର,୪।୧୨(ବ୍ୟୁରୋ):** ରାଜବୈଦ୍ୟ ସ୍ମୃତି ସମିତି ପକ୍ଷରୁ ସର୍ବସାଧାରଣ ପାଠାଗାର ସମ୍ବଲପୁରଠାରେ ପୂର୍ବତନ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀଙ୍କ ୩୧୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଭାରେ ଶିକ୍ଷାବିତ୍ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି ଓ ଆୟୁର୍ବେଦିକ ଚିକିତ୍ସକ ଡ. ବିଭୁଦତ୍ତ ପ୍ରମୋଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ରାଜବୈଦ୍ୟ ସ୍ମୃତି ସମିତି ସମ୍ପାଦକ ଜନ୍ମେଜୟ ବାବୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ମହାପାତ୍ର, ଶଶାଙ୍କ ଶେଖର ନନ୍ଦ, ଦିଲୀପ ପୃଷ୍ଟି, ଲକ୍ଷ୍ମୀ ନାରାୟଣ ପଣ୍ଡା, ବିଭୂତି ଭୂଷଣ ମିଶ୍ର, ଶଙ୍କର୍ଷଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସବିତା ମିଶ୍ର ଧନ୍ୟବାଦ ଦେଇଥିଲେ।

### ଚଳନ୍ତା ଗାଡ଼ିରୁ ପଡି ଡ୍ରାଇଭରଙ୍କ ମୃତ୍ୟୁ

**ବ୍ରଜରାଜନଗର,୪।୧୨(ଡି.ଏନ.ଏ.):** ବ୍ରଜରାଜନଗର ଥାନା ଅଧୀନରେ ଥିବା ଲାଜକୁରା ଖୋଲାମୁହଁ ଖଣିରେ କାର୍ଯ୍ୟ କରୁଥିବା ଜଣେ ଡମ୍ପର ଡ୍ରାଇଭରଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ଦେବଗଡ଼ ଜିଲାର ବିଜୟ ପ୍ରଧାନ (୪୫)। ବିଜୟ ଖଣିରେ ଓଡି୨୩ସି-୩୪୧୦ନଂ. ବିଶିଷ୍ଟ ଡମ୍ପର ଚଳାଉଥିଲେ। ଶୁକ୍ରବାର ରାତ୍ର ୧୧ଟା ସମୟରେ ସେ ଲୋଡ଼ ଗାଡି ରେଳ ସାଇଡିଂରେ ଖାଲିକରି ଫେରୁଥିବା ସମୟରେ କୌଣସି କାରଣରୁ ଗାଡି ଭାରସାମ୍ୟ ହରାଇବାରୁ ବିଜୟ ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ଅନ୍ୟ ଡ୍ରାଇଭରଙ୍କ ସହାୟତାରେ ତାଙ୍କୁ ନିକଟସ୍ଥ ମଣ୍ଡଳୀୟା ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଟ୍ରେନ୍ ଲାଇନ୍‌ରୁ ମୃତଦେହ ଜବତ

**ଝାରସୁଗୁଡ଼ା ଅଫିସ,୪।୧୨:** ଦକ୍ଷିଣ-ପୂର୍ବ ରେଳ ଡିଭିଜନ ଅନ୍ତର୍ଗତ ହାଓଡା-ବମ୍ବେ ରୁଟ୍‌ର ଧୁତୁରା ରେଲଷ୍ଟେଶନ ନିକଟ ଟ୍ରେନ୍ ଲାଇନ୍‌ରୁ ଝାରସୁଗୁଡା ଜିଆର୍‌ପି ରବିବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ନିକଟରୁ ଏକ ଟ୍ରେନ୍ ଟିକେଟ୍ ମିଳିଛି। ଏହା ଯାଞ୍ଚ ପରେ ଜଣାପଡିଛି ବ୍ୟକ୍ତି ଜଣଙ୍କ ଟ୍ରେନ୍ ଯାତ୍ରୀ ହୋଇଥିବାବେଳେ ସେ ଚକୁଳିଆରୁ ରାଉରକେଲା ଯାଉଥିଲେ। ଏହି ଉତ୍କଳ ଏକ୍ସପ୍ରେସ୍ ପୁରୀରୁ ବାହାରି ଋଷିକେଶ ଯାଉଥିଲା। ଯାତ୍ରୀ ଜଣଙ୍କ ରାଉରକେଲାରେ ଓହ୍ଲାଇ ନ ପାରି ଅସାବଧାନତା ବଶତଃ ଟ୍ରେନ୍‌ରୁ ଖସିପଡିଥିବା ଜିଆର୍‌ପି ସନ୍ଦେହ କରୁଛି। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ୫୮/୨୨) ରୁଜୁ ହୋଇଛି।

### ଏଫ୍‌ଆଇଏପି ଦ୍ୱାରା କରୁଣାକର ଶତପଥୀସମ୍ମାନିତ

**ସମ୍ବଲପୁର,୪।୧୨(ବ୍ୟୁରୋ):** ସମ୍ବଲପୁରର ବିଶିଷ୍ଟ ଛାୟାକାର କରୁଣାକର



ଶତପଥିଙ୍କୁ ସମ୍ମାନିତ କରାଯାଇଛି। ୟୁନୋସ୍କୋ ଦ୍ୱାରା ମାନପ୍ରାପ୍ତ ଫ୍ରାନ୍ସର ଫଟୋଗ୍ରାଫି ସଂସ୍ଥା ଏଫ୍‌ଆଇଏପି ତାଙ୍କୁ ସମ୍ମାନିତ କରିଛି। ଏହି ପ୍ରତିଯୋଗିତାରେ ୯୦ରୁ ଉର୍ଦ୍ଧ୍ୱ ଦେଶ ଭାଗ ନେଇଥିଲେ। ଶତପଥି ତିନୋଟି ସ୍ତରରେ ଚୟନ ହେବାପରେ ତାଙ୍କୁ ଏହି ସମ୍ମାନ ମିଳିଛି। କରୁଣାକର ଅନ୍ତରାଷ୍ଟ୍ରୀୟ ଫଟୋଗ୍ରାଫି ୱାର୍କସପ ସେମିନାରରେ ଭାଗନେଇ ପୂର୍ବରୁ ଅନେକ ଥର ସମ୍ମାନିତ ହୋଇଛନ୍ତି।

# କ୍ୟାମ୍ପ ଷ୍ଟୋର ରୁମ୍‌ରେ ଔଷଧ ଖୁଆଇ ମାଡ଼

- ଠିକା କମ୍ପାନୀର ବର୍ବରତା
- ୪ ଡ୍ରାଇଭରଙ୍କୁ ଉଦ୍ଧାର କଲା ପୋଲିସ

**ସମ୍ବଲପୁର,୪।୧୨(ବ୍ୟୁରୋ)**

ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକା ସଂସ୍ଥାର କ୍ୟାମ୍ପ ଷ୍ଟୋର ରୁମ୍‌ରୁ ଯୁଯୁମୁରା ପୋଲିସ ରବିବାର କ୪ଜଣ ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଛି। ସେମାନେ ହେଲେ ବିହାର ଛପରା ଜିଲାର କମଲେଶ କୁମାର, ଅମିତ କୁମାର ରଏ, ରାଜା କୁମାର ଓ ମଣ୍ଟୁ ପ୍ରସାଦ ରଏ। ଏମାନଙ୍କ ହାତ, ଗୋଡ଼, ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବାରୁ ଚିକିତ୍ସା ପାଇଁ ଯୁଯୁମୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବନ୍ଦ ଷ୍ଟୋର ରୁମ୍‌କୁ ସୁରକ୍ଷା ଦେଉଥିବା କମ୍ପାନୀର ସୁରକ୍ଷା କର୍ମୀଙ୍କୁ ମଧ୍ୟ ପୋଲିସ ଥାନାରେ ଅଟକ ରଖିଛି। ଆହତ ଡ୍ରାଇଭରମାନେ କହିଛନ୍ତି, ଗତ ଶୁକ୍ରବାରଠାରୁ ଆମକୁ ଏକ ବନ୍ଦ କୋଠରିରେ ରଖି ମାଡ଼



ଡ୍ରାଇଭରମାନଙ୍କ ଶରୀରରେ ଥିବା କ୍ଷତ ଚିହ୍ନ।

ମରାଯାଉଛି। ଗାଡ଼ିରୁ ତେଲ ଚୋରି କରିବା ଅଭିଯୋଗରେ ମାଲିକଙ୍କ ସମେତ ସୁପରଭାଇଜର ବାଉନସର ଲଗାଇ ମାଡ଼ ମାରିଥିଲେ। ଠିକ୍ ଭାବେ ଖାଇବାକୁ ମଧ୍ୟ ଦେଇ ନ ଥିଲେ। ଔଷଧ ଖୁଆଇ ପୁଣି ମାରପିଟ କରୁଥିଲେ। ତେଲ ଚୋରି କରିଥିବା ସ୍ୱୀକାର କରିବାକୁ ବାଧ୍ୟ କରୁଥିଲେ। ଏପରି କି ଏଟିଏମ୍ ଓ ଟଙ୍କା ମଧ୍ୟ ନେଇଯାଇଛନ୍ତି। ଆମେ ତେଲ ଚୋରି କରିନାହୁଁ, ବିନା ଦୋଷରେ ମାରପିଟ କରାଯାଉଛି। ପୋଲିସ ଲଗାଇ ମିଥ୍ୟା ମାମଲାରେ ଜେଲ ପଠାଇଦେବାକୁ ମଧ୍ୟ ଧମକ ଦେଇଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଯୁଯୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି, ବାହାର ଲୋକଠାରୁ ଖବରପାଇ ପୋଲିସ ଟିମ୍ କମ୍ପାନୀରେ ଚଢ଼ାଉ କରିଥିଲା। ପୋଲିସ ଆହତ ଅବସ୍ଥାରେ ୪ଜଣ ଡ୍ରାଇଭରଙ୍କୁ ଉଦ୍ଧାର କରି ଯୁଯୁମୁରା ମେଡିକାଲରେ ଭର୍ତ୍ତି କରିଥିଲା। ହେଲେ ଡ୍ରାଇଭରମାନେ ଏପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି। ଫଳରେ ପୋଲିସ ନିଜ ପକ୍ଷରୁ ମାମଲା ରୁଜୁ କରିନାହିଁ। ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ଦିବ୍ୟାଙ୍ଗଙ୍କ ପାଇଁ ଖୋଲିବ ନିଯୁକ୍ତି ବ୍ୟୁରୋ

**ଘରୋଇ, ସରକାରୀ ସଂସ୍ଥାରେ ମିଳିବ ସୁଯୋଗ**

**ସମ୍ବଲପୁର,୪।୧୨(ବ୍ୟୁରୋ)**

ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରୀ ସ୍ତରରେ ଭତ୍ତା, ଟ୍ରାଇସାଇକେଲ, ୩ଚକିଆ ଗାଡ଼ି ଭଳି ବିଭିନ୍ନ ସୁବିଧା ଦିଆଯାଉଛି। ହେଲେ ରୋଜଗାର କରିବା ସେମାନଙ୍କ ପାଇଁ କଷ୍ଟସାଧ୍ୟ। ସମ୍ବଲପୁର ଜିଲାରେ ଦିବ୍ୟାଙ୍ଗମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ଓ ସରକାରୀ ତଥା ଘରୋଇ ସଂସ୍ଥାରେ ନିଯୁକ୍ତି ଦେବାକୁ ପ୍ରଶାସନ ପ୍ରୟାସ ଆରମ୍ଭ କରିଛି। ଜିଲାପାଳ ଅନନ୍ୟା ଦାସ ଏ ନେଇ ପଦକ୍ଷେପ ନେଇଛନ୍ତି। ସେ ଜିଲା ଭିନ୍ନକ୍ଷମ ବିଭାଗର ଅଧିକାରୀ ରବୀନ୍ଦ୍ର ଶତପଥୀଙ୍କୁ ଦିବ୍ୟାଙ୍ଗଙ୍କ ପାଇଁ ଏକ ନିଯୁକ୍ତି ବ୍ୟୁରୋ ଅଫିସ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ କରିବାକୁ ତାଗଦ ମଧ୍ୟ କରିଛନ୍ତି। ଏ ସମ୍ପର୍କରେ ଭିନ୍ନକ୍ଷମ ବିଭାଗର ଅଧିକାରୀ ଶତପଥି କହିଛନ୍ତି, ଶୀଘ୍ର ଏକ ଅଫିସ ଖୋଲାଯିବ। ଏଥିରେ ଜିଲାର ବିଭିନ୍ନ ବର୍ଗରେ ଥିବା ଦିବ୍ୟାଙ୍ଗମାନେ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ପଞ୍ଜିକରଣ କରିପାରିବେ। ଅଧିକାଂଶ ଦିବ୍ୟାଙ୍ଗ କାମ କରିବାକୁ ସକ୍ଷମ। ମୁକ, ବଧିର ଓ ସାମାନ୍ୟ ଭିନ୍ନକ୍ଷମ ବ୍ୟକ୍ତି କାମ କରି ରୋଜଗାର କରିପାରିବେ। ମେଡିସିନ ଷ୍ଟୋର, ମଲ, ଘରୋଇ କମ୍ପାନୀ, ବ୍ୟାଙ୍କ, ଟ୍ରେଡର, ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରିପାରିବେ। ସେମାନଙ୍କ ଆତ୍ମନିର୍ଭରଶୀଳ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବଲପୁର ଜିଲାରେ ୩୩ହଜାର ୧୭୫ଜଣ ଦିବ୍ୟାଙ୍ଗ ସରକାରୀ ସ୍ତରରେ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିକ୍ଷିତ ଓ ଉଚ୍ଚଶିକ୍ଷିତ ମଧ୍ୟ। ପଞ୍ଜିକରଣ ହେବା ଫଳରେ ନିଯୁକ୍ତିରେ ସେମାନଙ୍କୁ ସୁଯୋଗ ମିଳିବ। ସୂଚନାଯୋଗ୍ୟ, ଶନିବାର ବିଶ୍ୱ ଭିନ୍ନକ୍ଷମ ଦିବସରେ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## କମିଟି ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ



ସମ୍ବଲପୁର ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତା।

**ଲୋକ ମହୋତ୍ସବ ଆୟୋଜକ କମିଟି ବୈଠକ**

**ସମ୍ବଲପୁର,୪।୧୨(ବ୍ୟୁରୋ)**

ସମ୍ବଲପୁର ଲୋକ ମହୋତ୍ସବ ଆୟୋଜକ କମିଟି ବୈଠକ ଜିଲା ସଂସ୍କୃତି କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଯୋଜକ, ସବୁ ବିଭାଗର ଆବାହକ, ନୋଡାଲ ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତ ଲୋକ ମହୋତ୍ସବ ୨୫ ବର୍ଷରେ ପହଞ୍ଚିଛି। ଆରମ୍ଭ ଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ମହୋତ୍ସବର ଫଟୋ, ଭିଡିଓ ସଂଗ୍ରହ କରି ପ୍ରଦର୍ଶିତ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଅଇଁଠାପାଲି ପିଏଚ୍‌ଡି ପଡିଆରେ ଲୋକ ମହୋତ୍ସବ ସହ ପଲ୍ଲିଶ୍ରୀ ମେଳା ଆୟୋଜନ ହେବ। ଏହାସହ ହକି ବିଶ୍ୱକପ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ। ଏହା କିଭଳି ସୁରୁଖୁରୁରେ ହେବ ସେ ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବ୍ଲକ ସ୍ତରରେ ଥିବା କଳାକାରଙ୍କୁ ଚୟନ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ। ହୋର୍ଡିଂ ସହ ସମ୍ବଲପୁର ମହାନଗରୀର ୪୧ଟି ଯାକ ୱାର୍ଡରେ ପ୍ରଚାର ପ୍ରସାର କରାଯିବ। ଆବାହକ ମହମ୍ମଦ ସାନାଉଲ୍ଲା ଓ ନନ୍ଦ କିଶୋର ସାହୁ, ସ୍ମରଣିକା କମିଟି ଆବାହକ ଡ. ସତ୍ୟ ନାରାୟଣ ଠାକୁର, ଆଙ୍କରିଂ କମିଟି ଆବାହକ ମାନସ ମିଶ୍ର, ଗଣମାଧ୍ୟମ କମିଟି ଆବାହକ ଭବାନୀଶଙ୍କର ଭୋଇ, ସେମିନାର କମିଟି ଆବାହକ ଅତିଶ ଶତପଥୀ, ସ୍ୱଚ୍ଛତା କମିଟି ଆବାହକ କାଳିଦାସ ପଣ୍ଡା ପ୍ରମୁଖ ଲୋକ ମହୋତ୍ସବ ଆୟୋଜନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟ ନୋଡାଲ ଅଧିକାରୀ ପ୍ରଦୀପ ସାହୁ ଓ ସହ ନୋଡାଲ ଅଧିକାରୀ ପ୍ରଭାସ ଡନସନା ସବୁ କମିଟି ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଦିପକ କୁଲୁ ଧନ୍ୟବାଦ ଦେଇଥିଲେ।

## କଲେଜରେ ଭୋଟର ତାଲିକା ସଂଶୋଧନ କର୍ମଶାଳା

**ନାକଟିଦେଉଳ,୪।୧୨(ଡି.ଏନ.ଏ.)**

ନାକଟିଦେଉଳ ଡ଼ିଗ୍ରୀ ମହାବିଦ୍ୟାଳରେ ଶନିବାର ବ୍ଲକ ପ୍ରଶାସନ ପକ୍ଷରୁ ଭୋଟର ତାଲିକା ସଂଶୋଧନ କର୍ମଶାଳା ଆୟୋଜିତ ହୋଇଯାଇଛି। ଯେଉଁ ଛାତ୍ରୀଛାତ୍ରଙ୍କ ୧୮ବର୍ଷ ହୋଇଥିବ ଓ ଭୋଟର ଭାବେ ନାମ ପଞ୍ଜୀକୃତ ହୋଇ ନ ଥିବ ସେମାନଙ୍କ ନାମ ଭୋଟର ତାଲିକାରେ କିପରି ପଞ୍ଜୀକରଣ ହୋଇପାରିବ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟେଜିତ କର୍ମଶାଳାରେ ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ ମୁଖ୍ୟଅତିଥି, ମଙ୍ଗଳ ସମ୍ପ୍ରସାରଣ ଅଧକାରୀ ସୁଶାନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରଣିତ ନୂତନ ନିୟମ ଓ ସଂଶୋଧନ ପାଇଁ ପୋର୍ଟାଲର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଓ ବିନୋଦ ବିହାରୀ ପ୍ରଧାନ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କର୍ମଶାଳାରେ ମହାବିଦ୍ୟାଳୟର ୨୫୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## କୋଇଲା ଚୋରା ଚାଲାଣ: ୩ ଗିରଫ

**ରେଙ୍ଗାଲି,୪।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ ଖଣିରୁ କୋଇଲା ଚୋରା ଚାଲାଣ ବେଳେ ୩ ଗିରଫ ହୋଇଥିବା ବେଳେ ୨ ଟ୍ରେଲର ଜବତ ହୋଇଛି। ସିଜି ୧୩ଏଲ–୩୨୭୯ ଓ ସିଜି୧୦ଏଇ–୮୮୧୧ନଂ. ବିଶିଷ୍ଟ ଟ୍ରେଲର ଯୋଗେ ୩୩ ଟନ ଲେଖାଏ କୋଇଲା ଆର୍ଯ୍ୟନ ଇସ୍ପାତକୁ ଯିବାର ଥିଲା। କିନ୍ତୁ ଉକ୍ତ ଟ୍ରେଲର ଦୁଇଟି ଝାରସୁଗୁଡା ଜିଲା ମରାକୁଟାସ୍ଥିତ ଏକ ଇଟାଭାଟିକୁ କୋଇଲା ବିକ୍ରି କରି ଦେଇଥିଲେ। ପରେ ଟ୍ରେଲରରେ ପାଉଁଶ ନେଇ ଆର୍ଯ୍ୟନ ଇସ୍ପାତରେ ଖାଲି କରୁଥିଲେ। ଏହି ସମୟରେ ସେଠାରେ ନିଯୁକ୍ତ ସିକ୍ୟୁରିଟି ଗାର୍ଡ କୋଇଲା ବଦଳରେ ପାଉଁଶ କାହିଁକି ଖାଲି କରୁଛ କହି ଟ୍ରାନ୍ସପୋର୍ଟରଙ୍କୁ ଖବର ଦେଇଥିଲେ। ଟ୍ରାନ୍ସପୋର୍ଟର ଏ ନେଇ ଠେଲକଲୋଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଟ୍ରେଲର ଡ୍ରାଇଭର ହୁସେନ ଅଂସାରୀ ଓ ୱାସିମ ଅକ୍ତର ଏବଂ ମଧ୍ୟସ୍ଥି କାମ କରିଥିବା ପରିକ୍ଷୀତ ପଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ରେଢ଼ାଖୋଲ–ବନ୍ତଲୋଇ ରାସ୍ତା ଶୋଚନୀୟ

**ମରାମତି ନ ହେଲେ ଆନ୍ଦୋଳନ**

**ରେଢ଼ାଖୋଲ,୪।୧୨(ଡି.ଏନ.ଏ.)**

ରେଢାଖୋଲରୁ ବୁର୍ଡା ପଞ୍ଚାୟତ ସଦର ମହକୁମା ଦେଇ ବନ୍ତଲୋଇ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଶୋଚନୀୟ ହୋଇପଡିଛି। ଏ ନେଇ ବୁର୍ଡା ସରପଞ୍ଚ ରାଜା ପାଲଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ଆବଶ୍ୟକ ମରାମତି କରା ନ ଗଲେ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସରପଞ୍ଚ କହିଛନ୍ତି।

ସୂଚନା ଅନୁଯାୟୀ ୨୦୧୧ରେ ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବାବେଳେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ହୋଇଥିଲା। ପରବର୍ତ୍ତୀ ସମୟରେ ପ୍ରାୟ



ଶୋଚନୀୟ ହୋଇପଡିଥିବା ରେଢ଼ାଖୋଲ–ବନ୍ତଲୋଇ ରାସ୍ତା।

୫ବର୍ଷ ହେବ ପୂର୍ତ୍ତବିଭାଗ ଅଧୀନକୁ ଆସିବା ପରେ ରାସ୍ତାରେ ମେଟାଲଟିଏ ମଧ୍ୟ ପଡି ନ ଥିବା ପଞ୍ଚାୟତର ଜନସାଧାରଣ ଅଭିଯୋଗ କରିଛନ୍ତି। ବୁର୍ଡା ପଞ୍ଚାୟତ ସହ ଡାକ୍ତରଖାନା, ବ୍ଲକ, କୋର୍ଟ ଆଦିକୁ ଯିବା ପାଇଁ ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ହେଲେ ରାସ୍ତାର ଦୁରବସ୍ଥା ଯୋଗୁ ଗାଡିମୋଟର ଯୋଗେ ଯିବା ସମ୍ଭବ ହୋଇପାରୁନାହିଁ। ରେଢାଖୋଲ ସହର ଆରମ୍ଭରୁ ରାସ୍ତାଟି ଖାଲଖମା ହୋଇଥିବାବେଳେ ମେଟାଲ ଉଠି ରାସ୍ତା ଉପରେ ବିଛେଇ ହୋଇ ପଡିଥିବାରୁ ବିଭିନ୍ନ ସମୟରେ ବାଇକ୍ ଓ ସାଇକେଲ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନେଇ ରାସ୍ତା ମରାମତି କରିବାକୁ ପଞ୍ଚାୟତବାସୀ ଦାବି କରୁଛନ୍ତି।

## କୁନ୍ତରାଠାରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ




ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**କୁଚିଣ୍ଡା,୪।୧୨(ଡି.ଏନ.ଏ.)**

କୁନ୍ତରା ମନୋହର ସରକାରୀ ଉଚ୍ଚ ବିଦ୍ୟାଳୟରଠାରେ ରବିବାର କୁଚିଣ୍ଡା ବ୍ଲକ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବ୍ଲକସ୍ତରୀୟ ଶିଶୁଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ବ୍ଲକ ସଭାପତି ସୁଧିର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ ନାୟକ ମୁଖ୍ୟବକ୍ତା ଓ ସ୍କୁଲ ସଭାପତି ଶୁଶିଳା ମୁଣ୍ଡା, ପ୍ରଧାନ ଶିକ୍ଷକ କମଳ ଲୋଚନ ବେହେରା, ବେଦବ୍ୟାସ ପଟେଲ, ଚନ୍ଦ୍ରକାନ୍ତ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ଉତ୍ସବ ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକଶିତ ହୋଇଥାଏ ବୋଲି କହିଥିଲେ। ଉତ୍ସବରେ ୧୩ ଗୋଟି ହାଇସ୍କୁଲର ୧୫୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ତର୍କ, ସାଧାରଣଜ୍ଞାନ, କବିତା ଓ ଗଳ୍ପ ଲିଖନ, ଚିତ୍ରାଙ୍କନ, କୁଇଜ, ଏକକ ଅଭିନୟ ଆଦି ୧୦ଟି ବିଭାଗର ପ୍ରତିଯୋଗିତା ହୋଇଥିଲା। ମୋଟ ୨୦ ଛାତ୍ରୀଛାତ୍ର ଏଥିରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବ୍ଲକ ସମ୍ପାଦକ କମଳ ଲୋଚନ ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଅଶୋକ କୁମାର ନାୟକ ମୁଖ୍ୟଅତିଥି, ଜିଲା ଇସି ସଦସ୍ୟ ଜେହେରୁଲାଲ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ବ୍ଲକ ସହସମ୍ପାଦକ ଶୁଶିଳ ମହାକୁଲ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର/ ଝାରସୁଗୁଡ଼ା ଅଫିସ,୪।୧୨(ବ୍ୟୁରୋ)**

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଜିଲା ଶିଶୁ କଲ୍ୟାଣ କମିଟି ଓ ରାଜ୍ୟ ଶିଶୁ କଲ୍ୟାଣ ସମିତି ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ୧୩୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଜିଲା ଶିଶୁ କଲ୍ୟାଣ ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ଉପସ୍ଥିତ ରହି ପ୍ରତ୍ୟକ୍ଷ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା, ଅସିମ ପ୍ରଧାନ, ପ୍ରଦୀପ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀମାନେ ସହଯୋଗ କରିଥିଲେ। ବିଚାରକ ଭାବେ ଦେବାଶିଷ ପ୍ରଧାନ, ମନୋଜ ଚୌଧୁରୀ ଓ ଅଂଶୁପା ଧର ଯୋଗଦାନ କରିଥିଲେ।

ସେହିପରି ଝାରସୁଗୁଡ଼ା ମନମୋହନ ୟୁପି ସ୍କୁଲଠାରେ ରବିବାର ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ମିଳିତ ଆନୁକୂଲ୍ୟରେ ୫ ବର୍ଷରୁ ୧୬ବର୍ଷ ବୟସର ଶିଶୁମାନଙ୍କୁ ନେଇ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେଇଯାଇଛି। ଏଥିରେ ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନରୁ ୨ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଭୟ ସାଧାରଣ ଓ ଦିବ୍ୟାଙ୍ଗ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରତିଯୋଗିତାରେ ୫ଗୋଟି କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ (ରାଜସ୍ୱ ) ଯୋଗ ଦେଇ ଶ୍ରେଷ୍ଠ ୧୮ଜଣ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ପରିଚାଳନା କରିଥିଲେ ।

## ବ୍ରିଜ୍ ଉପରୁ ବାଇକ୍ ଉଦ୍ଧାର: ଜଳଭଣ୍ଡାରକୁ ଡେଇଁ ଆତ୍ମହତ୍ୟା ସନ୍ଦେହ

**ସମ୍ବଲପୁର/ରେଙ୍ଗାଲି, ୪।୧୨(ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ସପ୍ନେ ଗ୍ରାମ ନିକଟ ହୀରାକୁଦ ଜଳଭଣ୍ଡାର ଇବ୍ ସେତୁ ଉପରୁ ଏକ ବାଇକ୍‌କୁ ପୋଲିସ ଉଦ୍ଧାର କରିଛି। ଜଳଭଣ୍ଡାରକୁ ଡେଇଁ କେହି ଆତ୍ମହତ୍ୟା କରିଥିବା ସନ୍ଦେହ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅଗ୍ନିଶମ ବିଭାଗ ସହ ପୋଲିସ ଖୋଜା ଖୋଜି କରିଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ। ଉଦ୍ଧାର ହୋଇଥିବା ବାଇକ୍ ନମ୍ବର ହେଉଛି ଓଡି୧୬ବି୭୫୧୭। ଅନ୍ୟପକ୍ଷେ ପୋଲିସ ତଦନ୍ତରୁ ଜଣାପଡିଛି ଯେ, ସୁନ୍ଦରଗଡ଼ ଜିଲା ଶ୍ରୀରାମ ନଗର ମହେଶଡ଼ିହିର ସନ୍ତୋଷ କଉଡ଼ିଙ୍କ ପୁଅ ଆଶିଷ କଉଡ଼ି (୩୨) ଶନିବାରଠାରୁ ନିଖୋଜ ଥିଲେ। ଏ ନେଇ ସୁନ୍ଦରଗଡ ସଦର ଥାନାରେ ରିପୋର୍ଟ ହୋଇଛି।

## ଏମ୍‌ପିଏଫ୍–ପ୍ରେସ ଏକାଦଶ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ

**ଝାରସୁଗୁଡ଼ା ଅଫିସ/ବେଲପାହାଡ,୪।୧୨**

ବେଲପାହାଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଶନ ପ୍ଲାଣ୍ଟେଶନ ୟୁଥ୍ ଫିଟନେଶ (ଏମ୍‌ପିଏଫ୍) ଗ୍ରୁପ ଆନୁକୂଲ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପିଏଫ୍ ଓ ପ୍ରେସ ଏକାଦଶ ମଧ୍ୟରେ ରବିବାର ଖେଳ ଅନୁଷ୍ଠିତ ହୋଇଥିଲା। ବେଲପାହା ଡିଗ୍ରୀ କଲେଜ ଅଧକ୍ଷ ଆଶିଷ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ ଉଦ୍‌ଘାଟନ କରିଥିଲେ। ନର୍ଦ୍ଧାରିତ ୧୨ ଓଭରରେ ପ୍ରେସ ଏକାଦଶ ୬ ଉଇକେଟ ବିନିମୟରେ ୮୫ ରନ କରିଥିଲା। ଏମ୍‌ପିଏଫ୍ ଦଳ ୬.୨ ଓଭରରେ ୧ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଏମ୍‌ପିଏଫ୍ ୮ ଓଭରରେ ୭ ଉଇକେଟ ହରାଇ ୮୫ ରନ କରିଥିବା ବେଳେ ପ୍ରେସ ଏକାଦଶ ୭.୨ ଓଭରରେ ୮ ଉଇକେଟ ବିନିମୟରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା।



ଉଭୟ ଦଳର ଖେଳାଳିଙ୍କ ସହିତ ଅତିଥିବୃନ୍ଦ।

## ଡ୍ରେନ୍ ଜବରଦଖଲ: ରାସ୍ତାରେ ମଇଳା ପାଣି

**ଝାରସୁଗୁଡ଼ା ଅଫିସ,୪।୧୨**

ବନ୍ଧବାହାଲ ମାର୍କେଟ୍ ଦେଇ ଇବ୍ ଥର୍ମାଲକୁ ଯାଇଥିବା ମୁଖ୍ୟରାସ୍ତା ପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ଓ କଲ୍‌ଭର୍ଟ ନିର୍ମାଣ ହୋଇଥିଲା। ହେଲେ ଏହାକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲକରି ନିଜ ଅକ୍ତିଆରରେ ରଖିଛନ୍ତି। ଫଳରେ ସ୍ଥାନୀୟ ମହିମା ନଗରରୁ ଆସୁଥିବା ମଇଳା ପାଣି ମୁଖ୍ୟରାସ୍ତା ଉପରେ ମାଡି ସ୍ୱାଧୀନ କମ୍ପ୍ଲେକ୍ସ ସମ୍ମୁଖଦେଇ ସରଣ୍ଡାମାଲ ୪ଛକରେ ଜମି ରହୁଛି। ଏହି ରାସ୍ତାରେ ଯାନବାହନ ଚଳାଚଳ କରୁଥିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଲାଣି। ଏପରି କି



ରାସ୍ତା ଉପରେ ଡ୍ରେନ୍ ପାଣି ଜମି ରହିଛି।

ବଡ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଛୋଟବଡ ଦୁର୍ଘଟଣା ଘଟୁଥିବା ଦେଖାଯାଉଛି। ଏହି ରାସ୍ତା ଉପରେ ୩ନଂ ଜୋନ୍‌ର ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ପ୍ରତିଦିନ ଯା'ଆସ କରୁଛନ୍ତି। ସେମାନେ ଡ୍ରେନ୍‌ର ଅପରିଷ୍କାର ପାଣିରେ ଯିବାଆସିବା କରିବାକୁ ବାଧ୍ୟ ହେଉଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏହି ରାସ୍ତାର ରକ୍ଷଣାବେକ୍ଷଣ ଓପିଜିସି କରୁଥିବାବେଳ ପୂର୍ବରୁ ଜଳ ନିଷ୍କାସନ ପାଇଁ ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିଥିଲା। ଅଞ୍ଚଳରେ ଗଢିଉଠିଛି ଏମ୍‌ସିଏଲ୍ ଓ ଓପିଜିସି ଭଳି ପ୍ରତିଷ୍ଠିତ ଶିଳ୍ପାନୁଷ୍ଠାନ। ହେଲେ ପେରିଫେରି ଅଞ୍ଚଳର ସର୍ବସାଧାରଣ ଯାତାୟାତ ରାସ୍ତା ଶୋଚନୀୟ ହେଉଥିଲେ ମଧ୍ୟ ମରାମତି ହୋଇପାରୁନାହେ। ଜିଲା ପ୍ରଶାସନ ତୁରନ୍ତ ଜବରଦଖଲ ଉଚ୍ଛେଦକରି ଡ୍ରେନ ଓ କଲ୍‌ଭର୍ଟ ନିର୍ମାଣପାଇଁ ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଦାବି ହେଉଛି ।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



ନୂତନ ଜଗନ୍ନାଥ ମନ୍ଦିର ।

**କୋକସରା,୪।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହଲ ଗ୍ରାମରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅଧିବାସ ସହ କଳସ ଯାତ୍ରା ଓ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ ରବିବାର ପୂର୍ବ ନିର୍ଦ୍ଧାରିତ ସମୟରେ ରୀତିନୀତିରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ହୋଇଥିଲା। ଏଥିରେ ପୂଜା କର୍ତ୍ତା ଭାବେ ଅନିଲ କୁମାର ବେହେରା, ନମିତା ବେହେରା ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ। ପୂଜକ ରବି ନାରାୟଣ ମୁଣ୍ଡ, କିଶୋର ଠାକୁର, ବିଶ୍ୱରଞ୍ଜନ ଯୋଷୀ, ଭାସ୍କର ଠାକୁର, ଅନିରୁଦ୍ଧ ଠାକୁର, ମହେନ୍ଦ୍ର ଯୋଷୀ ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରତିଷ୍ଠା ଉତ୍ସବ ଦେଖିବା ପାଇଁ ଜିଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

### ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଜୁନାଗଡ଼,୪।୧୨(ଡି.ଏନ.ଏ.):** ଓଡିଶାର ସ୍କୁଲ କଲେଜ ଶିକ୍ଷକମାନେ କ୍ରମାଗତ ଭାବେ ସରକାରୀ କ୍ଷେତ୍ରରେ ଅବହେଳିତ ହେଉଥିବାର ଅଭିଯୋଗ କରିଛନ୍ତି। ସରକାର ଏମାନଙ୍କ ଦାବି ପୂରଣ କରିବା ପରିବର୍ତ୍ତେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସଂଘ ଅଭିଯୋଗ କରିଛି। ଏନେଇ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ରରେ ପୁରାତନ ପେନସନ ବ୍ୟବସ୍ଥା, ଅନୁଦାନପ୍ରାପ୍ତ ହାଇସ୍କୁଲଗୁଡିକୁ ସରକାରୀ କରିବା ଆଦି ଉଲ୍ଲେଖ ରହିଛି । ଜୁନାଗଡ଼ ବ୍ଲକର ଓଷ୍ଟା ସଭାପତି ସୁବାଷ ଚନ୍ଦ୍ର ନାଏକ,ସମ୍ପାଦକ ଚନ୍ଦ୍ରହାସ୍ୟ ମେହେର, ପ୍ରଶାନ୍ତ ନନ୍ଦ, ମନୋରଞ୍ଜନ ପାଣିଗ୍ରାହୀ, ନିରଞ୍ଜନ ସାହାଣୀ ତଥା ଜୁନାଗଡ଼ ବ୍ଲକର ସମସ୍ତ ଅନୁଦାନପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ନୂଆପଡ଼ା ଜିଲାରେ ବାଇକ୍ ଚୋର ର୍ୟାକେଟ ସକ୍ରିୟ

#### ସାପ୍ତାହିକ ବଜାରରୁ ବାଇକ୍ ଚୋରି

**ବୋଡେନ, ୪।୧୨(ଡି.ଏନ୍.ଏ.):** ବୋଡେନ ଥାନା ଖଇରା ସାପ୍ତାହିକ ବଜାରରୁ ରବିବାର ଏକ ବାଇକ୍ ଚୋରି ହୋଇଯାଇଛି। ବାତିବାହାଲ ଗ୍ରାମର ଋଷି ଚରଣ ନାଗ ତାଙ୍କ ବାଇକ ନଂ. ଓଡି ୨୬ ଡି ୯୬୬୦ରେ ଖଇରା ସାପ୍ତାହିକ ବଜାରକୁ ଯାଇଥିଲେ। ବାଇକ୍ ରଖି ସଉଦା କିଣିବାକୁ ଯାଇ ଫେରିବା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ଋଷି ବୋଡେନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଶନିବାର କୋମନା ସାପ୍ତାହିକ ବଜାରରୁ ବାଇକ୍ ଚୋରି ଅଭିଯୋଗ ହୋଇଥିଲା। ପୁଣି ରବିବାର ଖଇରାରୁ। ଖଇରା ସାପ୍ତାହିକ ବଜାରରୁ ଗତ ଏକ ବର୍ଷ ଭିତରେ ୭ଟି ବାଇକ୍ ଚୋରି ହୋଇଥିବା ଜଣାପଡିଛି। ପୁଣି ବୋଡେନ ବଜାରରୁ ମଧ ଅନେକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହା ପ୍ରମାଣିତ କରୁଛି ଯେ, ନୂଆପଡ଼ା ଜିଲାରେ ବାଇକ୍ ଚୋରି ର୍ୟାକେଟ ସକ୍ରିୟ ଥିବାବେଳେ ଚୋର ବିଭିନ୍ନ ସାପ୍ତାହିକ ବଜାରକୁ ଟାର୍ଗେଟ କରୁଛନ୍ତି। ଗତ ମାସରେ ଖଡିଆଳ ପୋଲିସ ଏକ ବାଇକ୍ ଚୋର ର୍ୟାକେଟକୁ ଠାବ କରିବାରେ ସଫଳ ହୋଇଥିଲେ ମଧ ପୁଣି ଲଗାତାର ବାଇକ୍ ଚୋରି ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇ ଦେଇଛି।

# ସଫଳ ଧାନ ଚାଷୀ ଟିକଚନ ଭୋଇ

**ଖଡ଼ିଆଳ,୪।୧୨(ଡି.ଏନ.ଏ.)**



ନିଜ ଜମିରେ ଚାଷୀ ଟିକଚନ ଓ ଅଲିଶା ସିଂ ଦଣ୍ଡସେନା।

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭୋଜପୁର ଗ୍ରାମର ଚାଷୀ ଟିକଚନ ଭୋଇ ଆଜି ଜଣେ ସଫଳ ଧାନଚାଷୀ ହୋଇପାରିଛନ୍ତି। ସେ ସମ୍ପୂର୍ଣ ଭାବରେ ଜୈବିକ ପଦ୍ଧତିରେ ୨ଏକର ଜମିରେ ଧାନ ଚାଷ ଏବଂ ଅଣଧାନ ଚାଷ କରିଥିଲେ। ସେ ଭୋଜପୁର ଗ୍ରାମର ଜଣେ ଆଦର୍ଶ ଚାଷୀ ଭାବରେ ମଧ୍ୟ ନିଜର ନାମ ଅର୍ଜନ କରିପାରିଛନ୍ତି। ତାଙ୍କର କହିବା ଅନୁସାରେ କୃଷି ବିଜ୍ଞାନ ଛାତ୍ରୀ କୁମାରୀ ଅଲିଶା ସିଂ ଦଣ୍ଡସେନା, ବ୍ଲକ କୃଷି ଅଧିକାରୀ ସଞ୍ଜୟ ପାତ୍ର ତାଙ୍କୁ ପ୍ରେରଣା ଦେବା ସହ ଉତ୍ସାହିତ କରିଛନ୍ତି। ଅଲିଶା ସିଂ ଦଣ୍ଡସେନା ବ୍ଲକ କୃଷି ଅଧିକାରୀ ପାତ୍ର, ସହକାରୀ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ଗାୟତ୍ରୀ ତାଣ୍ଡି, କୃଷି ଓଭରସିୟରଙ୍କୁ ବ୍ଲକ କୃଷି କାର୍ଯ୍ୟାଳୟରେ ଯାଇ ସାକ୍ଷାତ କରିଥିଲେ। ଅଲିଶା ସମସ୍ତଙ୍କ ସହିତ ନୂତନ କୃଷି ପ୍ରଣାଳୀ ଜ୍ଞାନ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ପରେ ସଞ୍ଜୟ ପାତ୍ର ଅଲିଶା ସିଂ ଦଣ୍ଡସେନାଙ୍କୁ ଜୈବିକ ଚାଷ ଉପରେ ଅଧିକ ବୁଝାଇ ଥିଲେ। ଆଲୋଚନା ପରେ ସଞ୍ଜୟ ପାତ୍ର ଅଲିଶା ସିଂ ଦଣ୍ଡସେନାଙ୍କୁ ଜୈବକ ଚାଷ ପ୍ରଣାଳୀ ଉପରେ ଅଧିକ ବୁଝାଇଥିଲେ। ପଦ୍ଧତିକୁ କିପରି ଚାଷୀମାନଙ୍କ ପାଖରେ ଅଧିକରୁ ଅଧିକ ପହଞ୍ଚା ଯାଇପାରିବ ତାହା ଉପରେ ଆଲୋଚନା କରିଥିଲେ ଏବଂ ଅଲିଶା ବ୍ଲକ କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁପ୍ରାଣିତ ହୋଇ ଖଡ଼ିଆଳ ବ୍ଲକ ଭୋଜପୁର ଗ୍ରାମର ଚାଷୀମାନଙ୍କୁ ନେଇ ଏକ ସଭା କରିଥିଲେ। ଉକ୍ତ ସଭାରେ ଜୈବିକ ପଦ୍ଧତି ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଚାଷୀମାନଙ୍କୁ ଜୈବିକ ଚାଷ ପଦ୍ଧତି ଉପରେ ନିଜର ଜ୍ଞାନ ବାଣ୍ଟିଥିଲେ। ମଞ୍ଜିଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ଯେଉଁ ସବୁ ପଦ୍ଧତି ଅଛି ତାହା କହିଥିଲେ। ମାଟିର ଗୁରୁତ୍ୱ, ପରିବେଶ ସୁରକ୍ଷା ଖତ ପ୍ରୟୋଗ, ଯିବାମୃତ, ପଞ୍ଚ ଗବ୍ୟର ବ୍ୟବହାର, ରୋଗ ପୋକ ନିୟନ୍ତ୍ରଣ, ଚାଷୀମାନେ ବିସ୍ତୃତ ଭାବରେ ବୁଝାଇଥିଲେ। ଭୋଜପୁର ଗ୍ରାମର ଟିକଚନ ଜଣେ ଚାଷୀ ସମ୍ପୂର୍ଣ୍ଣ ଭାବରେ ଜୈବିକ ପଦ୍ଧତିରେ ୨ ଏକର ଚାଷ ଜମିରେ ଏକ ଏକର ଧାନ ଚାଷ ଏବଂ ଅଣ ଧାନ ଚାଷ କରିଥିଲେ। ସେ ଭୋଜପୁର ଗ୍ରାମର ଜଣେ ଆଦର୍ଶ ଚାଷୀ ଭାବରେ ନିଜର ନାମ ଅର୍ଜନ କରିପାରିଛନ୍ତି। ତାଙ୍କର କହିବା ଅନୁସାରେ ଯାହାବି ଆଜି ଜୈବିକ ପଦ୍ଧତିରେ ସଫଳତା ପାଇଛି ତାହାହିଁ ଶ୍ରେୟ ଅଲିଶା ଏବଂ ବ୍ଲକ କୃଷି ଅଧିକାରୀଙ୍କ ଉନ୍ନତ କୌଶଳର ଉପଦେଶ ଆଜି ଗୋଟିଏ ଆଦର୍ଶ ଚାଷୀ ଭାବରେ ଖଡ଼ିଆଳ ବ୍ଲକରେ ପରିଗଣିତ ହୋଇ ପାରିଛି।

## ଭବାନୀପାଟଣାରେ ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା



କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ ।

**ଭବାନୀପାଟଣା,୪।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଅଗ୍ରସେନ ଭବନଠାରେ ପ୍ରଥମଥର ଜିଲାସ୍ତରୀୟ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ଚେସ ଆସୋସିଏଶନ, ମାରୱାଡି ଯୁବାମଞ୍ଚ, ଜାଗୃତି ଶାଖା ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ସ୍ଥାନୀୟ ପୌରପାଳିକା ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେହିପରି ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌରାଧକ୍ଷା ସଂଯୁକ୍ତା ବେହେରା ଓ ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଅଭିଜ୍ଞ ଚେସ ଖେଳାଳି ସୁଧୀର କୁମାର ବେହେରା,କୁସୁମ ଅଗ୍ରୱାଲ,ଜାଗୃତି ଶାଖାର ସଭାପତି ଶ୍ୱେତା ଅଗ୍ରୱାଲ, ରଶ୍ମି ଅଗ୍ରୱାଲ, ଭୀମସେନ ପାତ୍ର, ବିଷ୍ଣୁ ଅଗ୍ରୱାଲ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ରବୀନ୍ଦ୍ର ସାହୁ ଏଥିରେ ଅଧକ୍ଷତା କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସର ୮୨ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ବିଭିନ୍ନ ବର୍ଗରେ ସମୁଦାୟ ୨୨ ଜଣଙ୍କୁ ପୁରସ୍କୃତ କରାଗଲା। କାର୍ତ୍ତିକ ଦଣ୍ଡସେନା ପ୍ରଥମ, ରବୀନ୍ଦ୍ର କୁମାର ସାହୁ ଦ୍ୱିତୀୟ ଓ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦୁ ଭୂଷଣ ମିଶ୍ର ମୁଖ୍ୟ ବିଚାରକ କାର୍ଯ୍ୟ ତୁଲାଇଥିଲେ। ବିଶ୍ୱ ରଞ୍ଜନ ପଣ୍ଡା ସଭା କାର୍ଯ୍ୟ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ସଂପାଦନାରେ କ୍ଷୀରୋଦ ଚନ୍ଦ୍ର ମୁଣ୍ଡ, ପ୍ରଭାତ ବ୍ରହ୍ମା, ସଂଜୀବ ଯୋଷୀ, ସୁଶିଲ ପଣ୍ଡା, ଶିଖା ଅଗ୍ରୱାଲ, ଜୟଶ୍ରୀ ଅଗ୍ରୱାଲ, ଅନୀତା ଅଗ୍ରୱାଲ, ଅଙ୍କିତ ଅଗ୍ରୱାଲ, ମାଙ୍ଗେଲାଲ ନାଏକ ସହାୟତା କରିଥିଲେ।

## ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

**ବୋଡେନ, ୪।୧୨(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ବୋଡ଼େନ ସରକାରୀ ହାଇସ୍କୁଲ ଖେଳପଡ଼ିଆରେ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ତ୍ରିନାଥ ନାଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ଶୋଜନେଶ୍ୱର ସିଂ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଦକ୍ଷିଣ ପଶ୍ଚିମ ସମ୍ଭାଗ ସମ୍ପାଦକ ଗୟାଧର ମହାନ୍ତି, ସମ୍ପାଦକ ହରି ସିଂ ମାଝୀ, ପୂର୍ବତନ ସମ୍ପାଦକ ଗଜରାଜ ବୈଠାରୁ, ଯୁଗ୍ମ ସମ୍ପାଦକ ଟିକେଶ୍ୱର ନାଗ, ଶିଶୁ ମନ୍ଦିର କ୍ରୀଡା ପ୍ରମୁଖ ରଞ୍ଜନ ହଂସ ମଞ୍ଚସୀନ ଥିଲେ। ପ୍ରତିଯୋଗିତାରେ ଶିଶୁ ମନ୍ଦିରର ୨୩୭ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲା ପରିଷଦ ଅଧକ୍ଷା ଡଲି ମାଝି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ନାଗ ଧନ୍ୟବାଦ ଦେଇଥିଲେ।

## ବ୍ଲକ ସହକାରୀ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

**ଖଡ଼ିଆଳ, ୪।୧୨(ଡି.ଏନ.ଏ.)**



ବୈଠକରେ ସହକାରୀ ଶିକ୍ଷକ ସଂଘର କର୍ମକର୍ତ୍ତା ।

ଖଡ଼ିଆଳସ୍ଥିତ ଶିକ୍ଷକ ଭବନଠାରେ ସହକାରୀ ଶିକ୍ଷକ (ଏକ୍ସକେଡ଼ର) ସଂଘର କର୍ମକର୍ତ୍ତାମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ୨୦୧୭ ମସିହାଠାରୁ ପାଞ୍ଚ ବର୍ଷ ହେଲା ସରକାର ଏନ୍‌ପିଏସ ସେୟାର ନ ହେବାରୁ ଏନ୍‌ପିଏସ ଆଲୋଚନା ହୋଇପାରିନାହିଁ। ଫଳରେ ବ୍ଲକରେ ମୃତ ଶିକ୍ଷକ ପରିବାର ପେନସନ ପାଇପାରୁନାହାନ୍ତି ବୋଲି ଉକ୍ତ ବୈଠକରେ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଥିଲେ। ଉକ୍ତ ବିଷୟରେ ରାଜ୍ୟ ଏକ୍ସକେଡ଼ର ମହାସଂଘର କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ ଏହି ସମସ୍ୟା ସମସ୍ତ ଜିଲାରେ ରହିଛି। ରାଜ୍ୟ ସଂଘ ସରକାରଙ୍କୁ ଅବଗତ କରିଛି ଏବଂ ବିଭାଗ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ପଠାଯାଇଛି। ଖୁବଶୀଘ୍ର ଏନ୍‌ପିଏସର ଆଲୋଚନା ହେବ ବୋଲି ଆଶ୍ୱାସନା ଦେଇଥିଲେ। ପରେ ବରିଷ୍ଠ ଶିକ୍ଷକ ଅଜୟ ହେର୍ଣ୍ଣା ବ୍ଲକ ସଂଘର ପୁନଃଗଠନ କରିବାରୁ ପ୍ରସ୍ତାବ ରଖିଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ଜୟନ୍ତ କୁମାର ପ୍ରଧାନୀ, କାର୍ଯ୍ୟକାରୀ ସଭାପତି ଭାବେ ନୂତନ ମଞ୍ଜରୀ ଦଣ୍ଡସେନା, ସମ୍ପାଦକ ଭାବେ ସନୁଧର ନାଗ, ସହ ସମ୍ପାଦକ ଭାବେ ବୁଦ୍ଧି ବାଗ, କୋଷାଧକ୍ଷ ଭାବେ ସୁରେଶ କୁମାର କ୍ଷେତ୍ରୀ, ଉପସଭାପତି ଭାବେ କେଶରୀ ସାଗର, ଜୟାନନ୍ଦ ଭୋଇ, ମିନାକ୍ଷୀ ବେହେରା, କୃଷ୍ଣଚନ୍ଦ୍ର ଦାସ ଓ ସାଙ୍ଗଠନିକ ସମ୍ପାଦକ ଭାବେ ଯୋଗେନ୍ଦ୍ର ଧରୁଆ ଏବଂ ପଦ୍ମକିଶୋରୀ ମାଝୀ, ମିଡିଆ କୋଡ଼ିନେଟର ଭାବେ ସୁଶାନ୍ତ ନିଆଲ, ଉପଦେଷ୍ଟା ଭାବେ ମିତ୍ରବାଦୀ ମଲ୍ଲିକ, ଅଜୟ କୁମାର ହେର୍ଣ୍ଣା, ନରେଶ ଦାସ, ଗଙ୍ଗା ମହାଉତି, ଅଲେଖ ସାହୁ, ମକର୍ଧଜ ବେହେରାଙ୍କୁ ମନୋନିତ କରାଯାଇଛି।

## ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ମେଳା

**କୋକସରା,୪।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଦୀନବନ୍ଧୁ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ମୋଟ ୨୦ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶିତ ପ୍ରକଳ୍ପଗୁଡିକୁ ଆଦର୍ଶ ବିଦ୍ୟାଳୟର ଲୋପାମୁଦ୍ରା ସାହୁ, କମଳାକାନ୍ତ ସାହୁ, ବିଜୟ ବାଗ, ଅମୂଲ୍ୟ ସିଂ, ଶଙ୍କର ରାଉତ, କିଶନ ତାଣ୍ଡି, ଧୀରେନ୍ଦ୍ର ଠାକୁର, ବିଶ୍ୱରଞ୍ଜନ ସାହୁ, ପଦ୍ମମୁଖ ଚଳାନ, ସୁରେନ୍ଦ୍ର ଦାସ, ନଳିନୀ ପ୍ରଭା ନାଏକ, ଅଞ୍ଜଳି ମହାପାତ୍ର, ରଞ୍ଜିତା କାନୁନଗୋ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ମୂଲ୍ୟାଙ୍କନ କରିଥିଲେ। ଆଦର୍ଶ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ବିଜ୍ଞାନ ମେଳା ପରିଚାଳନାରେ ସହଯୋଗ କରିଥିଲେ। ପ୍ରଦର୍ଶିତ ବିଜ୍ଞାନ ଓ ଗଣିତ ପ୍ରକଳ୍ପରେ କ୍ରିଶ ପାଣିଗ୍ରାହୀ ପ୍ରଥମ, ହର୍ଷୁଲ ଗର୍ଗ ଦ୍ୱିତୀୟ ଓ ଆଶୁତୋଷ ସିଂଘଲ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାଯାଇଛି ।

## ସିକନ୍ଦରାବାଦରେ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**କୋକସରା,୪।୧୨(ଡି.ଏନ.ଏ.)**

### ବର୍ଷକ ମଧ୍ୟରେ ୯ ଶ୍ରମିକଙ୍କ ମୃତ୍ୟୁ



ମୃତ ଶ୍ରମିକଙ୍କ ପରିବାର ଲୋକେ । ମୃତ ଶ୍ରମିକ ତେଜରାଜ ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଞ୍ଚଳର ଜଣେ ଦାଦନ ଶ୍ରମିକଙ୍କ ସିକନ୍ଦରାବାଦରେ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ତେଜରାଜ ନାଏକ (୨୭)। ଏହାକୁ ମିଶାଇ ବର୍ଷକ ମଧ୍ୟରେ ବ୍ଲକର ୯ ଜଣ ଦାଦନ ଶ୍ରମିକଙ୍କ ରାଜ୍ୟ ବାହାରେ ମୃତ୍ୟୁ ଘଟିଲାଣି। ଏଥିରୁ ଦାଦନ ଶ୍ରମିକ ରୋକିବାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଦିଗହରା ହେବା ସ୍ପଷ୍ଟ ହୋଇଛି। ଖୁବ କମ୍ ଦିନ ବ୍ୟବଧାନରେ ଦାଦନ ଶ୍ରମିକଙ୍କ ମୃତଦେହ ଘରକୁ ଫେରିବା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି। କୋକସରା ଥାନା ଅଧୀନ ଗମ୍ଭାରୀଗୁଡା ପଞ୍ଚାୟତ ସିଲିଗୁଡା ଗ୍ରାମର ଗୟାଧର ନାଏକଙ୍କ ପୁଅ ତେଜରାଜ ଗତ ୭ ମାସ ତଳେ ପରିବାର ପ୍ରତିପୋଷଣ ପାଇଁ ଗାଁର କେତେଜଣ ଯୁବକଙ୍କ ସହ ସିକନ୍ଦରାବାଦ ଯାଇଥିଲେ। ସେଠାରେ କାମପାଳିର ଓମ୍ ସାଇ ଗେଲେକ୍ସ ନାମକ ଏକ ଠିକାସଂସ୍ଥାରେ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ। ତେବେ ଶନିବାର ଅପରାହ୍ନରେ ପାଣି ପାଇଁ ଥିବା ମୋଟରର ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହେବା ପରେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ସାଥୀ ଶ୍ରମିକମାନେ ପରିବାରକୁ ସୂଚନା ଦେଇଥିଲେ। ଏହି ଖବର ପାଇ ତେଜରାଜଙ୍କ ଘରେ କାନ୍ଦ ବୋବାଳି ପଡିଥିବା ବେଳେ ଗାଁରେ ଶୋକାକୁଳ ପରିବେଶ ଦେଖାଦେଇଛି। ଅନ୍ୟପକ୍ଷରେ ପରିବାର ଲୋକେ କୋକସରା ଥାନାକୁ ଜଣାଇ ମୃତଦେହ ଆଣିବାକୁ ସିକନ୍ଦରାବାଦ ଯାଇଥିବା ସୂଚନା ମିଳିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ବିଜୟିନୀ



@ ଦେବର୍ଷିନା



@ ପ୍ରଭଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସେମଫୋର୍ଡ ଫ୍ୟୁଚରିଷ୍ଟିକ ସ୍କୁଲର ବାର୍ଷିକ ଉତ୍ସବ

**ବଲାଙ୍ଗୀର ଅଫିସ, ୪।୧୨**

ବଲାଙ୍ଗୀର ସେମ୍‌ଫୋର୍ଡ ଫ୍ୟୁଚରିଷ୍ଟିକ ସ୍କୁଲର ବାର୍ଷିକ ଉତ୍ସବ ରବିବାର ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ପାଟଣାଗଡ ଜବାହାରଲାଲ କଲେଜର ଅବସରପ୍ରାପ୍ତ ଅଧକ୍ଷ ସୁନୀଲ ପଣ୍ଡା ମୁଖ୍ୟ ଅତିଥି, ମୁଖ୍ୟବକ୍ତାଭାବେ ଟିଟିଲାଗଡ ଡିଏଭି କଲେଜ ଅଧକ୍ଷ ଡ. ଛାୟାକାନ୍ତ ଷଡଙ୍ଗୀ ଯୋଗଦେଇଥିଲେ। ସ୍କୁଲ ଚେୟାରମ୍ୟାନ ସଞ୍ଜୀବ କୁମାର ରଥ, ସ୍କୁଲ ଶୈକ୍ଷିକ ନିର୍ଦ୍ଦେଶିକା ନିଲମ ରଥ, ସ୍କୁଲ ନିର୍ଦ୍ଦେଶକ ଆଶିଷ କୁମାର ରଥ, ସ୍କୁଲ ଅଧକ୍ଷା ପ୍ରୀତି ପ୍ଲାବିନୀ ମିଶ୍ର ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଭାଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବଲିଉଡ ଅଭିନେତା ଦେବତୋଷ ଦର୍ଜୀଙ୍କ ତତ୍ତ୍ୱାବଧାନରେ ମୋବାଇଲ ଫୋନର ଅପକାରିତା ଉପରେ ମାଇମ୍ ଆକ୍ଟ, ଏବଂ ଯୋଗର ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରିକି ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୦୮ ପ୍ରକାର ବ୍ୟଞ୍ଜନ, ୫୬ ପ୍ରକାର ମିଠା



୧୦୮ ପ୍ରକାର ବ୍ୟଞ୍ଜନ, ୫୬ ପ୍ରକାର ମିଠା।

**ନୂଆପଡ଼ା ଅଫିସ, ୪ ।୧୨**

### ବେହେରାପଡ଼ାରେ ବ୍ୟଞ୍ଜନ ଦ୍ୱାଦଶୀ

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତର ବେହେରାପଡାରେ ରାଧେଶ୍ୟାମ ମହାପ୍ରଭୂଙ୍କ ବ୍ୟଞ୍ଜନ ଦ୍ୱାଦଶୀ ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପୂଜ୍ୟ ଗୁରୁଦେବ ଭଗବତ ଚରଣ ଦାସ ୨୦୦୭ ମସିହାରେ ପ୍ରଥମେ ଜଟଗଡ ବେହେରାପଡା ଗାଁ କୁ ଆସି ବ୍ୟଞ୍ଜନ ଦ୍ୱାଦଶୀ ପୂଜା ଆରମ୍ଭ କରିଥିଲେ। ଏଥିରେ ରାଧାକୃଷ୍ଣଙ୍କ ନିକଟରେ ୧୦୮ ପ୍ରକାର ବ୍ୟଞ୍ଜନ ଓ ୫୬ ପ୍ରକାର ମିଠା ଭୋଗ ଲାଗି କରାଯାଇଥିଲା। ଗଜପତି ବନଛୋର ମୁଖ୍ୟ ପୂଜକ ଦାୟୀତ୍ୱ ତୁଲାଇ ଥିବାବେଳେ ଗଣେଶ ହଂସ ସହକାରୀ ପୂଜକ ଭାବରେ ଦାୟିତ୍ୱ ତୁଲାଇଥିଲେ।

## ସଂକ୍ଷେପରେ

### ନିଖୋଜ ଶିଶୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କଲା ବାଉଁଶୁଣୀ ପୋଲିସ

**ବାଉଁଶୁଣୀ,୪।୧୨(ଡି.ଏନ.ଏ.):** ରବିବାର ସନ୍ଧ୍ୟାରେ ବାଉଁଶୁଣୀ ଥାନା ଅନ୍ତର୍ଗତ ତାଳସରଡା ନିକଟରୁ ଜଣେ ୭ ବର୍ଷର ପିଲାକୁ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ପରେ ପିଲାକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମିଳିଥିବା ଖବର ଅନୁସାରେ ୫୭ନଂ ଜାତୀୟ ରାଜପଥର ସିଙ୍ଗାରୀଠାରୁ ବୌଦ୍ଧ ଅଭିମୁଖେ ଏକୁଟିଆ ଚାଲି ଚାଲି ଯାଉଥିବା ଜଣେ ପିଲାକୁ ଦେଖି ବି. ନାଏକ ନାମକ ଜଣେ ହୋମଗାର୍ଡ ସନ୍ଦେହରେ ଅଟକାଇ ପଚରାଉଚୁରା କରିଥିଲେ । ପରେ ବାଉଁଶୁଣୀ ଥାନା ଅଧିକାରୀ ଅରୁଣ ସିଂଙ୍କୁ ଘଟଣା ସଂପର୍କରେ ସୂଚନା ଦେଇଥିଲେ । ଥାନା ଅଧିକାରୀ ସାହାଜପାଲରେ ଡ୍ୟୁଟିରେ ଥିବା ହୋମଗାର୍ଡ ବନମାଳୀ ବେହେରା ଓ ବସନ୍ତ ମହାରଣାଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ । ପିଲାକୁ ବିସ୍କୁଟ, କୁରକୁରି ଖାଇବାକୁ ଦେଇ ତାର ଠିକଣା ଜାଣିବାକୁ ଚେଷ୍ଟା କରିଥିଲେ । ବହୁ ସମୟ ଧରି ପଚରାଉଚରା ପରେ ପିଲାଟି ନିଜର ଠିକଣା କହିଥିଲା । ସେ ବାଉଁଶୁଣୀ ଥାନା ଗୋବିନ୍ଦପୁର ଗ୍ରାମର ବୋଲି ଜଣାପଡିବା ପରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ପରେ ପିଲାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ପରିବାର ଲୋକଙ୍କ କହିବା କଥା ଅପରାହ୍ନ ୩ଟାରୁ ସେ ନିଖୋଜ ଥିଲା। ବହୁ ଖୋଜାଖୋଜି କରି ପତ୍ତା ମିଳି ନ ଥିବା ବେଳେ ପୋଲିସ ଠାରୁ ଖବର ପାଇଥିଲୁ । ପୋଲିସ ହୋମଗାର୍ଡଙ୍କ ଏଭଳି ମହତ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

### ହେମନ୍ତ କୁମାର ସାହୁ ଓଡ଼ିଶା ପ୍ରଗତି ଦଳର ବୌଦ୍ଧ ଜିଲା ସଭାପତି ନିଯୁକ୍ତ

**ବୌଦ୍ଧ,୪।୧୨(ସ୍ୱ.ପ୍ର.):** ଓଡିଶା ପ୍ରଗତି ଦଳର ଜିଲା ସଭାପତି ଭାବରେ ହେମନ୍ତ କୁମାର ସାହୁ ନିଯୁକ୍ତ ହୋଇଛନ୍ତି । ରବିବାର ରାଜନପାଲି ଠାରେ ଦଳର ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ସଭାପତି ଜନ୍ମେଜୟ ରୋହିଦାସ ଯୋଗଦେଇ ଦଳର ଜିଲା ସଭାପତି ଭାବରେ ସାହୁଙ୍କ ନାମ ଘୋଷଣା କରିଥିଲେ। ବୈଠକରେ ଦଳର ରାଜ୍ୟ ସଚିବ ରଞ୍ଜିତ ପଟ୍ଟନାୟକ, ଅନୁଗୋଳ ଜିଲା ସଭାପତି ପ୍ରଶାନ୍ତ ପଟ୍ଟନାୟକ, ନନ୍ଦୁଲାଲା ସାହୁ,ସନ୍ତୋଷ ରାଜ, ଶଙ୍କର୍ଷଣ ସାହୁ, କରୁଣାକର ସାହୁ, ପ୍ରମିଳ ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।

### ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଜୁନାଗଡ଼,୪।୧୨(ଡି.ଏନ.ଏ.):** ଓଡିଶାର ସ୍କୁଲ କଲେଜ ଶିକ୍ଷକମାନେ କ୍ରମାଗତ ଭାବେ ସରକାରୀ କ୍ଷେତ୍ରରେ ଅବହେଳିତ ହେଉଥିବାର ଅଭିଯୋଗ କରିଛନ୍ତି। ସରକାର ଏମାନଙ୍କ ଦାବି ପୂରଣ କରିବା ପରିବର୍ତ୍ତେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସଂଘ ଅଭିଯୋଗ କରିଛି। ଏନେଇ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ନୂଆପଡ଼ା ଜିଲାରେ ବାଇକ୍ ଚୋର ରାକେଟ ସକ୍ରିୟ

**ବୋଡେନ, ୪।୧୨(ଡି.ଏନ୍.ଏ.):** ବୋଡେନ ଥାନା ଖଇରା ସାପ୍ତାହିକ ବଜାରରୁ ରବିବାର ଏକ ବାଇକ୍ ଚୋରି ହୋଇଯାଇଛି। ବାତିବାହାଲ ଗ୍ରାମର ଋଷି ଚରଣ ନାଗ ତାଙ୍କ ବାଇକ ନଂ. ଓଡି ୨୬ ଡି ୯୬୬୦ରେ ଖଇରା ସାପ୍ତାହିକ ବଜାରକୁ ଯାଇଥିଲେ। ବାଇକ୍ ରଖି ସଉଦା କିଣିବାକୁ ଯାଇ ଫେରିବା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ଋଷି ବୋଡେନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଶନିବାର କୋମନା ସାପ୍ତାହିକ ବଜାରରୁ ବାଇକ୍ ଚୋରି ଅଭିଯୋଗ ହୋଇଥିଲା। ପୁଣି ରବିବାର ଖଇରାରୁ ଖଇରା ସାପ୍ତାହିକ ବଜାରରୁ ଗତ ଏକ ବର୍ଷ ଭିତରେ ୭ଟି ବାଇକ୍ ଚୋରି ହୋଇଥିବା ଜଣାପଡିଛି। ପୁଣି ବୋଡେନ ବଜାରରୁ ମଧ ଅନେକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହା ପ୍ରମାଣିତ କରୁଛି ଯେ, ନୂଆପଡ଼ା ଜିଲାରେ ବାଇକ୍ ଚୋରି ର୍ୟାକେଟ ସକ୍ରିୟ ଥିବାବେଳେ ଚୋର ବିଭିନ୍ନ ସାପ୍ତାହିକ ବଜାରକୁ ଟାର୍ଗେଟ କରୁଛନ୍ତି। ଗତ ମାସରେ ଖଡିଆଳ ପୋଲିସ ଏକ ବାଇକ୍ ଚୋର ର୍ୟାକେଟକୁ ଠାବ କରିବାରେ ସଫଳ ହୋଇଥିଲେ ମଧ ପୁଣି ଲଗାତାର ବାଇକ୍ ଚୋରି ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇ ଦେଇଛି।

# ସଫଳ ଧାନ ଚାଷୀ ଟିକଚନ ଭୋଇ

**ଖଡ଼ିଆଳ,୪।୧୨(ଡି.ଏନ.ଏ.)**


ନିଜ ଜମିରେ ଚାଷୀ ଟିକଚନ ଓ ଅଲିଶା ସିଂ ଦଣ୍ଡସେନା।

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭୋଜପୁର ଗ୍ରାମର ଚାଷୀ ଟିକଚନ ଭୋଇ ଆଜି ଜଣେ ସଫଳ ଧାନଚାଷୀ ହୋଇପାରିଛନ୍ତି। ସେ ସମ୍ପୂର୍ଣ ଭାବରେ ଜୈବିକ ପଦ୍ଧତିରେ ୨ଏକର ଜମିରେ ଧାନ ଚାଷ ଏବଂ ଅଣଧାନ ଚାଷ କରିଥିଲେ । ସେ ଭୋଜପୁର ଗ୍ରାମର ଜଣେ ଆଦର୍ଶ ଚାଷୀ ଭାବରେ ମଧ୍ୟ ନିଜର ନାମ ଅର୍ଜନ କରିପାରିଛନ୍ତି। ତାଙ୍କର କହିବା ଅନୁସାରେ କୃଷି ବିଜ୍ଞାନ ଛାତ୍ରୀ କୁମାରୀ ଅଲିଶା ସିଂ ଦଣ୍ଡସେନା, ବ୍ଲକ କୃଷି ଅଧିକାରୀ ସଞ୍ଜୀୟ ପାତ୍ର ତାଙ୍କୁ ପ୍ରେରଣା ଦେବା ସହ ଉତ୍ସାହିତ କରିଛନ୍ତି। ଅଲିଶା ସିଂ ଦଣ୍ଡସେନା ବ୍ଲକ କୃଷି ଅଧିକାରୀ ପାତ୍ର, ସହକାରୀ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ଗାୟତ୍ରୀ ତାଣ୍ଡି, କୃଷି ଓଭରସିୟରଙ୍କୁ ବ୍ଲକ କୃଷି କାର୍ଯ୍ୟାଳୟରେ ଯାଇ ସାକ୍ଷାତ କରିଥିଲେ। ଅଲିଶା ସମସ୍ତଙ୍କ ସହିତ ନୂତନ କୃଷି ପ୍ରଣାଳୀ ଜ୍ଞାନ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ପରେ ସଞ୍ଜୀୟ ପାତ୍ର ଅଲିଶା ସିଂ ଦଣ୍ଡସେନାଙ୍କୁ ଜୈବିକ ଚାଷ ଉପରେ ଅଧିକ ବୁଝାଇ ଥିଲେ। ଆଲୋଚନା ପରେ ସଞ୍ଜୀୟ ପାତ୍ର ଅଲିଶା ସିଂ ଦଣ୍ଡସେନାଙ୍କୁ ଜୈବିକ ଚାଷ ପ୍ରଣାଳୀ ଉପରେ ଅଧିକ ବୁଝାଇଥିଲେ। ପଦ୍ଧତିକୁ କିପରି ଚାଷୀମାନଙ୍କ ପାଖରେ ଅଧିକରୁ ଅଧିକ ପହଞ୍ଚା ଯାଇପାରିବ ତାହା ଉପରେ ଆଲୋଚନା କରିଥିଲେ ଏବଂ ଅଲିଶା ବ୍ଲକ କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁପ୍ରାଣିତ ହୋଇ ଖଡ଼ିଆଳ ବ୍ଲକ ଭୋଜପୁର ଗ୍ରାମର ଚାଷୀମାନଙ୍କୁ ନେଇ ଏକ ସଭା କରିଥିଲେ। ଉକ୍ତ ସଭାରେ ଜୈବିକ ପଦ୍ଧତି ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଚାଷୀମାନଙ୍କୁ ଜୈବିକ ଚାଷ ପଦ୍ଧତି ଉପରେ ନିଜର ଜ୍ଞାନ ବାଣ୍ଟିଥିଲେ। ମଞ୍ଜିଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ଯେଉଁ ସବୁ ପଦ୍ଧତି ଅଛି ତାହା କହିଥିଲେ। ମାଟିର ଗୁରୁତ୍ୱ, ପରିବେଶ ସୁରକ୍ଷା ଖତ ପ୍ରୟୋଗ, ଯିବାମୃତ, ପଞ୍ଚ ଗବ୍ୟର ବ୍ୟବହାର, ରୋଗ ପୋକ ନିୟନ୍ତ୍ରଣ, ଚାଷୀମାନେ ବିସ୍ତୃତ ଭାବରେ ବୁଝାଇଥିଲେ। ଭୋଜପୁର ଗ୍ରାମର ଟିକଚନ ଜଣେ ଚାଷୀ ସମ୍ପୂର୍ଣ୍ଣ ଭାବରେ ଜୈବିକ ପଦ୍ଧତିରେ ୨ ଏକର ଚାଷ ଜମିରେ ଏକ ଏକର ଧାନ ଚାଷ ଏବଂ ଅଣ ଧାନ ଚାଷ କରିଥିଲେ। ସେ ଭୋଜପୁର ଗ୍ରାମର ଜଣେ ଆଦର୍ଶ ଚାଷୀ ଭାବରେ ନିଜର ନାମ ଅର୍ଜନ କରିପାରିଛନ୍ତି। ତାଙ୍କର କହିବା ଅନୁସାରେ ଯାହାବି ଆଜି ଜୈବିକ ପଦ୍ଧତିରେ ସଫଳତା ପାଇଛି ତାହାହିଁ ଶ୍ରେୟ ଅଲିଶା ଏବଂ ବ୍ଲକ କୃଷି ଅଧିକାରୀଙ୍କ ଉନ୍ନତ କୌଶଳର ଉପଦେଶ ଆଜି ଗୋଟିଏ ଆଦର୍ଶ ଚାଷୀ ଭାବରେ ଖଡ଼ିଆଳ ବ୍ଲକରେ ପରିଗଣିତ ହୋଇ ପାରିଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ବିଜୟିନୀ


@ ଦେବାର୍ଚ୍ଚନା


@ ପ୍ରଭଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କ୍ଲଷ୍ଟରସ୍ତରୀୟ ବାଳିକା ଫୁଟ୍‌ବଲ ଉଦ୍‌ଯାପିତ


ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ କ୍ଲଷ୍ଟରସ୍ତରୀୟ ବାଳିକା ଫୁଟ୍‌ବଲର ଉଦ୍‌ଯାପନୀ ସମାରୋହ।

**ବରଗଡ଼ ଅଫିସ୍,୪।୧୨**

ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଚାଲିଥିବା ତ୍ରିଦିବସୀୟ ସିବିଏସ୍‌ଇ କ୍ଲଷ୍ଟରସ୍ତରୀୟ ୧୯ବର୍ଷରୁ କମ୍ ବାଳିକା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସିବିଏସ୍‌ଇ ପର୍ଯ୍ୟବେକ୍ଷକ ପଞ୍ଚାନନ ପାତ୍ର, ଜେସିଆଇର ସଭାପତି ଶକ୍ତି ଅଗ୍ରୱାଲ, ସମ୍ପାଦକ ବିନୋଦ ଅଗ୍ରୱାଲ, ବରଗଡ଼ ମାରୱାଡ଼ି ଯୁବାମଞ୍ଚ ସଭାପତି ଗିରିଧାରୀ ଅଗ୍ରୱାଲ, ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଭାଇସ ଚେୟାରମ୍ୟାନ ରୋଶନ ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଏକାଡ଼େମିକ କୋଅର୍ଡ଼ିନେଟର ସୀମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ କ୍ଷେତ୍ରର ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ ରାଜ୍ୟର ୬ ବିଦ୍ୟାଳୟର ୧୨୯ଜଣ ଖେଳାଳି ଭାଗ ନେଇଥିଲେ। ସେମାନଙ୍କ ସହିତ ୧୨ଜଣ ପ୍ରଶିକ୍ଷକ ଯୋଗଦାନ କରିଥିଲେ। ଟୁର୍ନାମେଣ୍ଟର ତୃତୀୟ ଦିବସରେ ରାୟପୁରର ଏନ୍. ଏଚ୍ ଗୋୟଲ ୱାର୍ଲଡ ସ୍କୁଲ ଏବଂ ବିଳାସପୁରର ସେଣ୍ଟ୍ ଜାଭିୟର ହାଇସ୍କୁଲ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ରାୟପୁର ୨-୧ ଗୋଲରେ ବିଜୟୀ ହୋଇଥିଲା। ଏହାସହିତ ବିଳାସପୁରର ସେଣ୍ଟ୍ ଜାଭିୟର ହାଇସ୍କୁଲ ପ୍ରଥମ ରନର୍ସ ଅପ୍, ଏସ୍‌ଇସି ରେଲୱେ ମିକ୍ସ ହାୟର ସେକେଣ୍ଡାରୀ ସ୍କୁଲ ଓ ରାୟପୁରର କ୍ରିଷ୍ଣା ପବ୍ଲିକ ସ୍କୁଲର ଦ୍ୱିତୀୟ ରନର୍ସ ଅପ୍ ଘୋଷିତ ହୋଇଥିଲେ। ମୁଖ୍ୟଅତିଥି କୃତୀ ଦଳଗୁଡ଼ିକୁ ପୁରସ୍କୃତ କରିଥିଲେ। ଖେଳ ପରିଚାଳକ ଶୁଭମ ପାତ୍ର, ଅଶ୍ୱିନୀ ମେହେର, ସଚିନ ଭୋଇ, ନିରଞ୍ଜନ ମହାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ମମତା ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ବୌଦ୍ଧ ଜିଲାର ୨୮୧ ଜଣ ପ୍ରତିଯୋଗୀ

**ବୌଦ୍ଧ,୪।୧୨(ସ୍ୱ.ପ୍ର.)**

ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଓଡିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ, ଜିଲା ପ୍ରଶାସନ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ ବୌଦ୍ଧ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମିନା ଉଦ୍‌ଘାଟନ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ପାଇଁଏହା ଏକ ସୁଯୋଗ ବୋଲି ମିନା କହିବା ସହ ପ୍ରତିଯୋଗୀଙ୍କୁ ଆଗକୁ ବଢିବାକୁ କହିଥିଲେ। ଅନ୍ୟତମ ଅତିଥି ଭାବରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ସାକ୍ଷୀ ଗୋପାଳ ପ୍ରଧାନ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟର ପ୍ରୋଗ୍ରାମ ଅଫିସର ସୁଶାନ୍ତ ଭୋଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ନିୟମାବଳୀ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଶିଶୁ ପ୍ରତିନିଧି ପ୍ରୟାସ ପ୍ରତୀକ ପାଣିଗ୍ରାହୀ ଯୋଗଦେଇ ଶିଶୁମାନଙ୍କ ପାଇଁ ଏପରି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଜିଲା ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍କୁଲରୁ ୨୮୧ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର କର୍ମଚାରୀ ଓ ଶିଶୁ ସୁରକ୍ଷା ୟୁନିଟର ରାଜେନ୍ଦ୍ର ମଲ୍ଲିକ, ସହଦେବ ନାଏକ, ବସନ୍ତ ଦିଶିରି, ଚିତ୍ରସେନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କେନ୍ଦ୍ରୀୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୨୮ ଶିଶୁ

**ସୋନପୁର,୪।୧୨(ନି.ପ୍ର.)**


ଛାତ୍ରୀଛାତ୍ରମାନେ ଚିତ୍ର ଅଙ୍କନ କରୁଛନ୍ତି।

ଓଡିଶା ରାଜ୍ୟ ଶିଶୁ କଲ୍ୟାଣ ପ୍ରତିଷ୍ଠାନର ସହଯୋଗରେ ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ମୋଟ ୧୨୮ ଶିଶୁ ପ୍ରତିଯୋଗୀ ଅଂଶଗ୍ରହଣ କରି ଚିତ୍ର ଅଙ୍କନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପ୍ରଫେସର ନୀଳାମ୍ବର ଶତପଥୀ, ଶିଶୁ ମଙ୍ଗଳ କମିଟି ସଦସ୍ୟ ରଞ୍ଜିତା ସାହୁ, ଯୋଗଦାନ କରି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମୋନାଲିସା ପରମଗୁରୁ ସଭା ପରିଚାଳନା କରିଥିଲେ। ସୁରେନ୍ଦ୍ର ମେହେର, ଶ୍ୟାମ ସୁନ୍ଦର ମେହେର ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ । କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଚାଇଲ୍ଡ ଲାଇନର ସୁଦାମ ଗାଇଗରିଆ, ଆନନ୍ଦିନୀ ପାଣିଗ୍ରାହୀ, ଶିଶୁ ଗୃହର ସୁଜାତା ବେହେରା, ଶିଶୁ ସୁରକ୍ଷା ବିଭାଗର ରୁଦ୍ର ପ୍ରସନ୍ନ ମିଶ୍ର, ସ୍ୱାଗତରାଜ ମିଶ୍ର, ବିଶେଶ୍ୱର ହୋତା, କେଶବ ଚନ୍ଦ୍ର ମେହେର ପରିଚାଳନା କରିଥିଲେ।

## ଲୋକକଳା ଗବେଷଣା କେନ୍ଦ୍ର କଳାକାର ସଂଘ ଗଠନ

**ଅମରପାଲି, ୪।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲ୍ୟାଣ ମଣ୍ଡପଠାରେ କଳାକାରମାନଙ୍କୁ ନେଇ ନୂତନ କଳାକାର ସଙ୍ଗଠନ ଗଠିତ ହୋଇଛି। ଉପଦେଷ୍ଟା ଅକ୍ଷୟ ସରାଫଙ୍କ ପୌରୋହିତ୍ୟରେରେ କଳାକାରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚିନ୍ମୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଞ୍ଚଳର କଳାକାରମାନେ କିଭଳି ରୋଜଗାରକ୍ଷମ ହୋଇ ପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା। ସର୍ବସମ୍ମତିକ୍ରମେ ଗଜବନ୍ଧ ଲୋକକଳା ଓ ଗବେଷଣା କେନ୍ଦ୍ର ନାମରେ ଏକ ନୂତନ କଳାକାର ସଙ୍ଗଠନ ଗଠିତ ହୋଇଥିଲା। ବିକାଶ ସେଠୀ, ବିପ୍ଳବ ଖଣ୍ଡାୟତ, ଗଙ୍ଗାଧର ଗର୍ଡିଆ, ଜମ୍ନେଶ୍ୱର ଗୁରୁ, ସାନ୍ତନୁ ମେଣ୍ଡଲି, ଧ୍ରୁବଚରଣ ଭୁକ୍ତା, ଶରତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଡିସେମ୍ବର ୧୨ରେ ପୂର୍ଣ୍ଣାଙ୍ଗ କମିଟି ଘୋଷଣା କରାହେବ ବୋଲି ଉପଦେଷ୍ଟା ସରାଫ ମତ ଦେଇଥିଲେ। ଗୋପାଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଅଞ୍ଚଳର ବହୁ କଳାକାର ଯୋଗ ଦେଇଥିଲେ ।

# ସିକନ୍ଦରାବାଦରେ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**କୋକସରା,୪।୧୨(ଡି.ଏନ.ଏ.)**

**ବର୍ଷକ ମଧ୍ୟରେ ୯ ଶ୍ରମିକଙ୍କ ମୃତ୍ୟୁ**


ମୃତ ଶ୍ରମିକଙ୍କ ପରିବାର ଲୋକେ। ମୃତ ଶ୍ରମିକ ତେଜରାଜ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଞ୍ଚଳର ଜଣେ ଦାଦନ ଶ୍ରମିକଙ୍କ ସିକନ୍ଦରାବାଦରେ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ତେଜରାଜ ନାଏକ (୨୭)। ଏହାକୁ ମିଶାଇ ବର୍ଷକ ମଧ୍ୟରେ ବ୍ଲକର ୯ ଜଣ ଦାଦନ ଶ୍ରମିକଙ୍କ ରାଜ୍ୟ ବାହାରେ ମୃତ୍ୟୁ ଘଟିଲାଣି। ଏଥିରୁ ଦାଦନ ଶ୍ରମିକ ରୋକିବାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଦିଗହରା ହେବା ସ୍ପଷ୍ଟ ହୋଇଛି। ଖୁବ କମ୍ ଦିନ ବ୍ୟବଧାନରେ ଦାଦନ ଶ୍ରମିକଙ୍କ ମୃତଦେହ ଘରକୁ ଫେରିବା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି। କୋକସରା ଥାନା ଅଧୀନ ଗମ୍ଭାରୀଗୁଡା ପଞ୍ଚାୟତ ସିଲିଗୁଡା ଗ୍ରାମର ଗୟାଧର ନାଏକଙ୍କ ପୁଅ ତେଜରାଜ ଗତ ୭ ମାସ ତଳେ ପରିବାର ପ୍ରତିପୋଷଣ ପାଇଁ ଗାଁର କେତେଜଣ ଯୁବକଙ୍କ ସହ ସିକନ୍ଦରାବାଦ ଯାଇଥିଲେ। ସେଠାରେ କାମପାଳିର ଓମ୍ ସାଇ ଗେଲେକ୍ସ ନାମକ ଏକ ଠିକାସଂସ୍ଥାରେ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ। ତେବେ ଶନିବାର ଅପରାହ୍ନରେ ପାଣି ପାଇଁ ଥିବା ମୋଟରର ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହେବା ପରେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ସାଥୀ ଶ୍ରମିକମାନେ ପରିବାରକୁ ସୂଚନା ଦେଇଥିଲେ। ଏହି ଖବର ପାଇ ତେଜରାଜଙ୍କ ଘରେ କାନ୍ଦ ବୋବାଳି ପଡିଥିବା ବେଳେ ଗାଁରେ ଶୋକାକୁଳ ପରିବେଶ ଦେଖାଦେଇଛି। ଅନ୍ୟପକ୍ଷରେ ପରିବାର ଲୋକେ କୋକସରା ଥାନାକୁ ଜଣାଇ ମୃତଦେହ ଆଣିବାକୁ ସିକନ୍ଦରାବାଦ ଯାଇଥିବା ସୂଚନା ମିଳିଛି।

## ଦ୍ୱିତୀୟ ଦିବସରେ କବିତା ପାଠୋତ୍ସବ

**ସପ୍ତଦଶ ବୌଦ୍ଧ ପୁସ୍ତକମେଳା**

**ବୌଦ୍ଧ,୪।୧୨(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଜର୍ଣ୍ଣାଲିଷ୍ଟ ଫୋରମ ଦ୍ୱାରା ସପ୍ତଦଶ ବୌଦ୍ଧ ପୁସ୍ତକମେଳା ଗତ ଶୁକ୍ରବାର ଠାରୁ କଚେରି ଖେଳ ପଡିଆରେ ଆରମ୍ଭ ହୋଇଛି । ଶନିବାର ପୁସ୍ତକମେଳାର ଦ୍ୱିତୀୟ ଦିବସରେ ବୌଦ୍ଧଚକ୍ର ଓ ନୀଳଚକ୍ର ସାହିତ୍ୟ ସଂସଦ ତରଫରୁ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ନୀଳଚକ୍ର ସାହିତ୍ୟ ସଂସଦର ସଭାପତି ଡ. ଏସ.କେ. ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅତିଥି ଭାବେ ଡ. ପ୍ରମୋଦ ମହାପାତ୍ର, କବି କିଶୋର ମିଶ୍ର, କବୟିତ୍ରୀ ପଦ୍ମାଳୟା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ସଭାକୁ ଦେବାଶିଷ ପୁରୋହିତ ପରିଚାଳନା କରିଥିବା ବେଳେ କବିତାଗୁଡିକୁ ସଂଯୋଜନା କରିଥିଲେ ଦିଲ୍ଲୀପ କୁମାର ମହାନ୍ତି ଓ ସତ୍ୟ ନାରାୟଣ ସାହୁ । ଏହି ଅବସରରେ ନୀଳଚକ୍ର ସାହିତ୍ୟ ସଂସଦ ତରଫରୁ 'ସାହିତ୍ୟରେ ସାମାଜିକ ତତ୍ତ୍ୱ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପ୍ରଦୀପ କୁମାର ରାୟ ଓ ସମ୍ମାନିତ ଅତିଥି ଭାବେ ଡ. ଏସ.କେ.ପଣ୍ଡା, ହୀରାଞ୍ଚଳ ସଂପାଦକ ଯୁଗଳ କିଶୋର ସାମଲ, ଯୋଗଗୁରୁ ସ୍ୱୟଂ ପ୍ରକାଶ, ଶିଶୁ ସାହିତ୍ୟିକ ସତ୍ୟଜିତ କୁମାର ପଣ୍ଡା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଦୀପ କୁମାର ରାୟଙ୍କ ପୁସ୍ତକ 'ଡାଏରୀ ଗପ' ଓ ଡ. ଏସ.କେ. ପଣ୍ଡାଙ୍କ ଇଂରାଜୀ ପୁସ୍ତକ 'ମ୍ୟୁଜିଙ୍ଗ ପାନୋରମା' ଉନ୍ମୋଚିତ ହୋଇଥିଲା। ଆଶା ଶିକ୍ଷାନୁଷ୍ଠାନ ଗିରାସିଙ୍ଗା, ପ୍ରଣାମ ଅନୁଷ୍ଠାନ ବୌଦ୍ଧ ଓ ଫୁଲବାଣୀ ଡଙ୍ଗରୀ କଳା ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ରାହଗିରିରେ ଝୁମିଲା ରାଉରକେଲା



ରାହଗିରି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।


ମହିଳାମାନେ ରଙ୍ଗୋଲି ଆଙ୍କୁଛନ୍ତି।

**ରାଉରକେଲା ଅଫିସ, ୪।୧୨**

ଅନ୍ତର୍ଜାତୀୟ ପୁରୁଷ ହକି ବିଶ୍ୱକପ୍-୨୦୨୩କୁ ସ୍ୱାଗତ କରିବା ପାଇଁ କିଛି ନିଆରା ପଦକ୍ଷେପ ଗ୍ରହଣ କରିଛି ରାଉରକେଲା ମହାନଗର ନିଗମ ଓ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ। ଏହି କ୍ରମରେ ରାଉରକେଲା ସହରରେ ଚଳିତ ଥରର ପ୍ରଥମ ପଥୋତ୍ସବ ବା ରାହାଗିରି (ପ୍ରେରଣା) ଅନୁଷ୍ଠିତ ହୋଇଯାଇଛି। ରବିବାର ଶୀତୁଆ ସକାଳରେ ଆରମ୍ଭ ହୋଇଥିବା ଏହି ପଥୋତ୍ସବରେ ହଜାର ହଜାର ଲୋକ ସାମିଲ ହୋଇଥିଲେ। ସବୁ ବର୍ଗର ଲୋକ ସାମିଲ ହେବା ସହ ନିଜ ନିଜ ପ୍ରତିଭା ଦେଖାଇଥିଲେ ଏବଂ ପୂରା ପଥୋତ୍ସବକୁ ମନଭରି ଉପଭୋଗ କରିଥିଲେ।

ରାଉରକେଲା ଡିଆଇଜି ନୀତିଶେଖର, ସୁନ୍ଦରଗଡ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ଆରଏମ୍‌ସି କମିଶନର ତଥା ଆର୍‌ଏସ୍‌ସିଏଲ ସିଇଓ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ସମେତ ରାଉରକେଲା ମହାନଗର ନିଗମ ଓ ଆର୍‌ଏସ୍‌ସିଏଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ ରାଉରକେଲା ଡିଆଇଜି। ଅନ୍ୟପକ୍ଷେ ବହୁ ସଂଖ୍ୟାରେ ସମସ୍ତ ବର୍ଗର ଜନସାଧାରଣ ଏଥିରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ରାଉରକେଲା ମହାନଗର ନିଗମ କମିଶନର ତଥା ଆରଏସ୍‌ସିଏଲ ସିଇଓ ଡ. ଶୁଭଙ୍କର ମହାପାତ୍ର। ଆଜିର କାର୍ଯ୍ୟକ୍ରମ ହନୁମାନ ବାଟିକା ଛକଠାରୁ ସାରନା ଛକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହାକୁ ମୋଟ ୯ଟି ଜୋନରେ ବିଭକ୍ତ କରାଯାଇ ଭିନ୍ନ ବର୍ଗର ଲୋକଙ୍କ ପାଇଁ ଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ପ୍ରଥମ ଓ ୯ମ ଜୋନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ମହାନଗର ନିଗମ ଦ୍ୱାରା ଅନୁମୋଦିତ କିଛି ଟିମ୍ ଏବଂ ସ୍କୁଲ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାସହିତ ରାଉରକେଲା ପୋଲିସର ମ୍ୟୁଜିକାଲ ବ୍ୟାଣ୍ଡ ମଧ୍ୟ ଦର୍ଶକଙ୍କ ମନ ମୋହିଥିଲା। ସେହିଭଳି ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଜୋନରେ କୁନି କୁନି ପିଲାଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଦର୍ଶକଙ୍କୁ ବାନ୍ଧି ରଖିଲା ଡଗ୍ ଶୋ, ବାଇକ ଷ୍ଟଣ୍ଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ମହିଳା ଜୋନରେ 'ହକି' ବିଶ୍ୱକପ୍‌କୁ ନେଇ ସହରର ମହିଳା, କିନ୍ନର, ସାମାଜିକ ସଂଗଠନମାନେ ରଙ୍ଗୋଲି ଆଙ୍କିଥିଲେ। ସହର ସାଇକେଲିଂ ଟିମ୍ ମଧ୍ୟ ରାହାଗିରିରେ ସାଇକେଲ ଚଳାଇବା ସହ ଫିଟ୍‌ନେସ ପାଇଁ ସାଇକେଲିଂର ଆବଶ୍ୟକତା ସମ୍ପର୍କରେ ସଚେତନ କରିଥିଲେ। ଏହାସହିତ ରାହାଗିରିରେ ଫିଟ୍‌ନେସ ନେଇ ଯୋଗ ଏବଂ ବ୍ୟାୟମ ଆବଶ୍ୟକତା ସମ୍ପର୍କରେ ଅବଗତ କରାଯାଇଥିଲା। ଏସବୁ ବ୍ୟତୀତ ସିଆରପିଏଫ ଯବାନଙ୍କ ଦ୍ୱାରା ଡଗ୍ ଶୋ' ଏବଂ ବାଇକର ଗ୍ରୁପ୍‌ର ବାଇକ ଷ୍ଟଣ୍ଟ ସମସ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏହି ଅବସରରେ ବିଜୁ ପଟ୍ଟନାୟକ ପୁରସ୍କାରପ୍ରାପ୍ତ ତେଜ କୁମାର ଖେସ, ବରିଷ୍ଠ ହକି କୋଚ୍ ମିଲଟନ ବିଲୁଙ୍ଗ ଏବଂ ହକି କୋଚ୍ ବିଜୟ ଲାକ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଇରନ ସ୍କ୍ରାପ୍ ଜବତ, ୨ ଗିରଫ

**ରାଉରକେଲା ଅଫିସ,୪।୧୨:** ଆରଏସ୍‌ପିରୁ ଆଇରନ ସ୍କ୍ରାପ୍ ଚୋରି ସମୟରେ ଟାଙ୍ଗରପାଲି ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଟିମା ବେହେରା(୪୪) ଓ ମହାଦେବ ବୋଦରୟା(୨୧)। ଉଭୟଙ୍କଠାରୁ ୬୦କେଜି ଆଇରନ ସ୍କ୍ରାପ୍ ଜବତ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ଦେଓଗାଁ ଅଞ୍ଚଳର ଟିମା ଓ ଟାଙ୍ଗରପାଲି ଥାନା ନାରାୟଣୀ ମାର୍କେଟ ବସ୍ତିର ମହାଦେବ ଶନିବାର ବିଳମ୍ବିତ ରାତିରେ ଆର୍‌ଏସ୍‌ପି ଷ୍ଟକିୟାର୍ଡରୁ ଆଇରନ ସ୍କ୍ରାପ୍ ଚୋରି କରି ଫେରାର ହେଉଥିଲେ। କାରଖାନାର ସିଆଇଏସଏଫ ଯବାନ ଉଭୟଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

## ରାଜଗାଙ୍ଗପୁରକୁ ସବ୍‌ଡିଭିଜନ କରାଯାଉ

**ରାଜଗାଙ୍ଗପୁର, ୪।୧୨(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ଏକ ବହୁ ପୁରାତନ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ବହୁ ବର୍ଷ ଧରି ରାଜଗାଙ୍ଗପୁରକୁ ଏକ ସବ୍‌ଡିଭିଜନ ମାନ୍ୟତା ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇ ଆସୁଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ତାହା ହୋଇପାରିନାହିଁ। ଯାହାଦ୍ୱାରା ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଆସୁଛି। ରାଜଗାଙ୍ଗପୁର ବିଧାୟକ ଡାକ୍ତର ସି.ଏସ. ରାଜନ ଏକ୍କା ଚଳିତ ବିଧାନସଭା ଅଧିବେଶନରେ ଏନେଇ ଦାବି ଜଣାଇଛନ୍ତି। ସେ କହିଛନ୍ତି, ଶାସନର ସୁପରିଚାଳନା ପାଇଁ ରାଜଗାଙ୍ଗପୁରକୁ ଏକ ସବ୍‌ଡିଭିଜନ ମାନ୍ୟତା ଦିଆଯାଉ। ସବ୍‌ଡିଭିଜନ ସ୍ଥାପନ ପାଇଁ ଯେଉଁସବୁ ମାନଦଣ୍ଡ ଦରକାର ତାହା ରାଜଗାଙ୍ଗପୁରରେ ଉପଲବ୍ଧ ରହିଛି। ତେଣୁ ସରକାର ଏହା ଉପରେ ବିଚାର କରିବା ପାଇଁ ଦାବି କରିଛନ୍ତି। ଦେଖିବାର ଅଛି କି ବିଧାୟକଙ୍କ ପ୍ରସ୍ତାବକୁ ସରକାର କେତେ ପ୍ରାଧାନ୍ୟ ଦେଇ ସବଡିଭିଜନ ମାନ୍ୟତା କେବେ ଦେଉଛନ୍ତି।

## 'ଯତରା' ଆୟୋଜନ ପାଇଁ ଦାବି ଜଣାଇଲା କଳାକାର ମଞ୍ଚ

**ସୁନ୍ଦରଗଡ,୪।୧୨(ଡି.ଏନ.ଏ.):** ଆସନ୍ତା ଜାନୁଆରୀ ପ୍ରଥମ ସପ୍ତାହରେ ସୁନ୍ଦରଗଡ଼ ଲୋକ ମହୋତ୍ସବ 'ଯତରା' ଆୟୋଜନ ନିମନ୍ତେ ଜିଲା ପ୍ରଶାସନ ଠାରେ ଦାବି ଜଣାଇଛି ସୁନ୍ଦରଗଡ଼ କଳାକାର ମଞ୍ଚ। ରୋଶନ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଳାକାର ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦିଆଯାଇଥିବା ଅନୁରୋଧ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଯତରା ମହୋତ୍ସବ ଗତ ଦୁଇବର୍ଷ ହେବ କରୋନା ମହାମାରୀ ଯୋଗୁ ହୋଇପାରି ନାହିଁ। ଜାନୁଆରୀ ପହିଲା ସୁନ୍ଦରଗଡ଼ ପ୍ରତିଷ୍ଠା ଦିବସ ସହ ଜିଲା ମହୋତ୍ସବ ଯତରା ଆୟୋଜନ କରାଯିବା ପାଇଁ ଅନୁରୋଧ କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ କଳାକାର ମଞ୍ଚର ପ୍ରଦୀପ ଦତ୍ତ, ପ୍ରିୟଙ୍କା ଜେନା, ରୋଶନ ସାହୁ, ଉଦ୍ଧବ ଭିତ୍ରିଆ, ବିବେକ ନାୟକ,ମନୋଜ ସାହୁ ଉପସ୍ଥିତ ଥିଲେ।

## ଫ୍ରେଣ୍ଡ୍‌ସ କ୍ଲବକୁ ହରାଇ ଟାଉନ କ୍ରିକେଟ କ୍ଲବ ବିଜୟୀ


ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଅତିଥିଙ୍କ ସହ ଖେଳାଳି।

### ଆନ୍ତଃ ଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ

**ଦେବଗଡ଼, ୪।୧୨(ଡି.ଏନ୍.ଏ.)**

ଦେବଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ରବିବାର ମ୍ୟାଚରେ ବୁଢାପାଳ ଫ୍ରେଣ୍ଡସ କ୍ଲବକୁ ୯ଉଇକେଟରେ ହରାଇ ଟାଉନ କ୍ରିକେଟ କ୍ଲବ ବିଜୟୀ ହୋଇଛି। ବୁଢ଼ାପାଳ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୦.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶରତ କିଷାନ ୭୩ ଓ ସାଇରାଜ ପ୍ରଧାନ ୨୪ ରନ୍ କରିଥିବାବେଳେ ଟାଉନ ଦଳର ଅମିତ କୁମାର ପ୍ରଧାନ ୬ ଟି ଉଇକେଟ ନେଇଥିଲେ। ଏହାର ଜବାବରେ ଟାଉନ ଦଳ ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ଗୋଟିଏ ଉଇକେଟ ହରାଇ ୧୪୨ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆଦର୍ଶ ରାଇଗୁରୁ ୬୬ ଓ ଅନୁରାଗ ପ୍ରିୟଦର୍ଶୀ ୩୮ ରନ କରିଥିବାବେଳେ ବୁଢ଼ାପାଳ ଦଳର ରିପନ ସାହୁ ଗୋଟିଏ ଉଇକେଟ ନେଇଥିଲେ। ମ୍ୟାଚରେ ସଞ୍ଜୟ କୁମାର ନାୟକ ଓ ଦିଲୁ ଦସଭାୟା ଅମ୍ପାୟାର ରହିଥିଲେ। ସ୍କୋରର ଭାବେ ରମି ନାୟକ ଓ ରିତିକ ଦେହୁରୀ କାର୍ଯ୍ୟ ତୁଲାଇ ଥିଲେ।

## ପାଣିରେ ବୁଡ଼ି ଯୁବକ ମୃତ

**ରାଉରକେଲା ଅଫିସ,୪।୧୨**

ଝିରପାଣି ଅଞ୍ଚଳରେ ଏକ ନାଳ ପାଣିରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଝିରପାଣି ଅଞ୍ଚଳର ବିକାଶ ଟୋପୋ(୩୦)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪।୨୨) ରୁଜୁ କରି ରବିବାର ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ବିକାଶଙ୍କ ଫିଡ୍‌ସ ରୋଗ ଥିବା ପରିବାର ଲୋକେ ପୋଲିସକୁ ଅବଗତ କରିଛନ୍ତି। ଶନିବାର ସନ୍ଧ୍ୟାରେ ବୁଲିବାକୁ ଯାଇ ରାତିରେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ଝିରପାଣି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ କରିଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବିଜୟନୀ


@ ଦେବର୍ଦ୍ଧନ


@ ପ୍ରଭଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ଖେଳାଳି ଚୟନ

**ଦେବଗଡ, ୪।୧୨(ଡି.ଏନ.ଏ.)**

ଆସନ୍ତା ଡିସେମ୍ବର ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଜୁ ମଇଦାନ ଅନୁଗୋଳଠାରେ ୭୦ତମ ସିନିୟର ମହିଳା ଓ ପୁରୁଷ ବର୍ଗ ରାଜ୍ୟସ୍ତରୀୟ କବାଡି ଏବଂ ଡିସେମ୍ବର ୨୭ ରୁ ୩୦ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ବୋକାରୋ ଷ୍ଟିଲ ସିଟିରେ ୩୨ତମ ଜାତୀୟ ସବଜୁନିଅର କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଭୟ ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ଦେବଗଡ ଜିଲା ପ୍ରତିନିଧି ପାଇଁ ଖେଳାଳି ଚୟନ ଆସନ୍ତା ୭ତାରିଖ ସକାଳ ୯ଟାରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଓଡ଼ିଶା କବାଡି ଆସୋସିଏଶନରେ ପଞ୍ଜୀକୃତ ହୋଇଥିବା ଖେଳାଳିମାନେ ଏଥିରେ ଭାଗ ନେଇ ପାରିବେ। ଏହା ବ୍ୟତୀତ ଅନ୍ୟ ଇଚ୍ଛୁକ ଖେଳାଳିମାନେ ଉକ୍ତ ଦିନ ୨୦୦ଟଙ୍କା ରେଜିଷ୍ଟ୍ରେସନ ଫି ଦେଇ ନିଜ ନାମ ପଞ୍ଜୀକୃତ କରିପାରିବେ। ଏଥିପାଇଁ ସେମାନେ ନିଜର ପରିଚୟପତ୍ର ଏବଂ ୩ଟି ପାସପୋର୍ଟ ସାଇଜ ଫଟୋ ସାଙ୍ଗରେ ନେଇ ଆସିବେ। ପୁରୁଷ ବର୍ଗ ପାଇଁ ୮୫ କେଜି ଓ ମହିଳା ବର୍ଗ ପାଇଁ ୭୫ କେଜିରୁ କମ ଓଜନ ରହିବା ଦରକାର। ୧୬ ବର୍ଷରୁ କମ ସବଜୁନିଅର ବାଳକ ଓ ବାଳିକା ବର୍ଗ ପାଇଁ ଓଜନ ୫୫ କେଜି ରହିବା ଆବଶ୍ୟକ। ଉକ୍ତ ଚୟନ ଦିନ ସେମାନେ ନିଜ ସହିତ ନିଜର ଆଧାର କାର୍ଡ ଏବଂ ଜନ୍ମପ୍ରମାଣ ପତ୍ର ଓ ୩ ଟି କଲର୍ ଫଟୋ ସାଙ୍ଗରେ ନେଇ ଆସିବାକୁ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସୂଚନ ଦିଆଯାଉଛି।

## ଆନ୍ତଃ ମହାବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

**ରାଉରକେଲା ଅଫିସ,୪।୧୨**

ରାଉରକେଲା ଜଗଦା ସ୍ଥିତ ନୀଳଶୈଳ ମହାବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ଆନ୍ତଃ ମହାବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଏହି ଦୁଇଦିନିଆ ପ୍ରତିଯୋଗିତା ଏନ୍‌ଆଇଟିର ଦିଲୀପ ତିର୍କୀ ଷ୍ଟାଡିୟମରେ ନୀଳଶୈଳ ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀକାନ୍ତ ଷଢଙ୍ଗୀ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଏନ୍‌ଆଇଟିର ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମନ ମୁଖ୍ୟ ଅତିଥି, ବିଶ୍ୱ ବିଦ୍ୟାଳୟର କ୍ରୀଡା ଅଫିସର ଅବିନାଶ କର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ୪୫ଟି ମହାବିଦ୍ୟାଳୟରୁ ୩୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଧମା ସ୍ଥିତ ମା' ଝାଡେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ସରନ ପୟାସିଂ ବାଳକ ବର୍ଗରେ ଚାମ୍ପିୟନ ହୋଇଥିବାବେଳେ ବାଳିକା ବିଭାଗରେ ୩ ଜଣ ବରଗଡ ଇମ୍ପେରିଆଲ ମହାବିଦ୍ୟାଳୟର ପୂଜା ବେହେରା, ରାଉରକେଲା କଲ୍ୟାଣୀ ରାୟ ମହାବିଦ୍ୟାଳୟର ମୋନିକା କୁଜୁର, ରିମ୍‌ସର ଅର୍ପିତା ପରିଡା ଚାମ୍ପିୟନ ହୋଇଥିଲେ। ପ୍ରତିଯୋଗିତାରେ ଅଫିସିଆଲ ଭାବେ ପି.ଏନ. ଗନ୍ତାୟତ, ନିଖିଲ କଳାକାର ପ୍ରଧାନ, ଜନ୍ମେଜୟ ମହାନ୍ତ, ସମୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନୀଳଶୈଳ କଲେଜର ଇଂରାଜୀ ଅଧ୍ୟାପିକା ପ୍ରିୟଙ୍କା ପୂର୍ତ୍ତି ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ଭୂୟାଁ, ସହ ସମ୍ପାଦକ ଶୁଶାନ୍ତ କୁମାର ଶତପଥୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ପ୍ରାଧ୍ୟପକ ପ୍ରଦୀପ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଟୋ ୱାର୍କର୍ସ ଆସୋସିଏଶନର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା ଅଫିସ,୪।୧୨**

ରାଉରକେଲା ସେକ୍ଟର-୭ ସ୍ଥିତ ଦୁର୍ଗାପୂଜା ପଡିଆରେ ସୁନ୍ଦରଗଡ ଜିଲା ଅଟୋ ୱାର୍କର୍ସ ଆସୋସିଏଶନର ସଭାପତି ବୈଦ୍ୟନାଥ ଦାସଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ବାର୍ଷିକ ସମ୍ମିଳନୀ ଓ ସଚେତନତା ଶିବିର ରବିବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ କଟକ ମ୍ୟୁନିସିପାଲ କର୍ପୋରେଶନ (ସିଏମ୍‌ସି)ର ମେୟର ସୁବାଷ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଡ଼କ ପରିବହନ ଶ୍ରମିକ ମହାସଂଘ ସାଧାରଣ ସମ୍ପାଦକ ପଦ୍ମନ ସାମଲ, ଦୁର୍ଗାଚରଣ ଖୁଣ୍ଟିଆ, ନିହାର ରଞ୍ଜନ ସ୍ୱାଇଁ, ସନ୍ତୋଷ କୁମାର ସାହୁ, ରାଉରକେଲା ଏମ୍‌ଭିଆଇ ପର୍ଶୁରାମ ସାହୁ, ଅକ୍ଷୟ କୁମାର ନାୟକ, ପ୍ରଦ୍ୟୁମ୍ନ ତ୍ରିପାଠୀ, ଆନନ୍ଦ ଚନ୍ଦ୍ର ମହାନ୍ତି, ଚୈତନ୍ୟ ସାହାଣୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପରେ ଓଡ଼ିଶା ପରିବହନ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଗଠନ ହୋଇଥିବା ସଡକ ପରିବହନ ଶ୍ରମିକ କଲ୍ୟାଣ ବୋର୍ଡର ସୂଚନା ଉପରେ ଅତିଥିଗଣ ମତ ପ୍ରକାଶ କରିଥିଲେ। ଏହି ଯୋଜନାରେ କିଭଳି ସମସ୍ତ ଅଟୋ ଚାଳକ ଉପକୃତ ହୋଇପାରିବେ ସେ ନେଇ ରାଉରକେଲା ଏମ୍‌ଭିଆଇ ସାହୁ ଅବଗତ କରାଇଥିଲେ। ଆସୋସିଏଶନର ସାଧାରଣ ସମ୍ପାଦକ ଭୁବନ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶ୍ରମିକ ନେତା ସତ୍ୟାନନ୍ଦ ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ହରି ବାହାଦୂର, ବିଭୂତି ସାହୁ, ଗିରିଶ ଚନ୍ଦ୍ର ନାୟକ, ସନ୍ୟାସୀ ଦାଶ, କିରନ ପ୍ରକାଶ, ବାସୁ ବାନାର୍ଜୀ, ଚତୁର୍ଭୁଜ ସାହୁ, ଦିନବନ୍ଧୁ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## 'ନନ୍ହେ କଲାମ କି ଖୋଜ୍' ଉଦ୍‌ଯାପିତ

**ରାଉରକେଲା ଅଫିସ,୪।୧୨**

ରାଉରକେଲାର ସାମାଜିକ ଅନୁଷ୍ଠାନ 'ଅନ୍ୱେଷା' ପକ୍ଷରୁ ତିନିମାସ ଧରି ଚାଲିଥିବା 'ନନ୍ହେ କଲାମ କି ଖୋଜ'ର ଅଷ୍ଟମ ସଂସ୍କରଣ ଏନ୍‌ଆଇଟି ପରିସରରେ ଉଦ୍‌ଯାପିତ ହୋଇଛି। ଏହି ଉତ୍ସବରେ ସାମାଜିକ କର୍ମୀ କମଲ ଅଗ୍ରୱାଲ ଓ ଏନ୍‌ଆଇଟିର ରେଜିଷ୍ଟ୍ରାର ଡ. ରୋହନ ଧୀମନ ଅତିଥି ଭାବେ ଯୋଗ ଦେଇ କୁନି ବୈଜ୍ଞାନିକମାନଙ୍କ ପ୍ରକଳ୍ପଗୁଡିକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରଥମ ପର୍ଯ୍ୟାୟରେ ୯୪ ଜଣ ବୈଜ୍ଞାନିକ ସେମାନଙ୍କ ପ୍ରକଳ୍ପକୁ ପ୍ରଦର୍ଶନ କରିଥିଲେ। ସେଥିରୁ ୬୧ଟି ପ୍ରକଳ୍ପ କ୍ୱାର୍ଟରଫାଇନାଲ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୪୦ଟି ପ୍ରକଳ୍ପକୁ ସେମିଫାଇନାଲକୁ ମନୋନିତ କରାଯାଇଥିଲା। ସେମିଫାଇନାଲରେ ୪୦ଟି ପ୍ରକଳ୍ପରୁ ୧୭ଟି ପ୍ରକଳ୍ପ ଫାଇନାଲ ପାଇଁ ମନୋନିତ ହୋଇଥିଲେ। ୭ଟି ବରିଷ୍ଠ ଓ ୧୦ଟି କନିଷ୍ଠ ବର୍ଗର ପ୍ରକଳ୍ପକୁ ମୂଲ୍ୟାଙ୍କନ କରାଯାଇଥିଲା। ଏହି ୧୭ଟି ପ୍ରକଳ୍ପକୁ ଏନ୍‌ଆଇଟିରେ ଆୟୋଜିତ ଫାଇନାଲରେ ଡ. ଶୁଭଜିତ ମଣ୍ଡଳ, ଡ. ମନୀଷ ଅକଡେ, ଡ. ଶ୍ୟାମଳ ଗଚ୍ଛତ ଓ ସୁବ୍ରତ ପଣ୍ଡା ମୂଲ୍ୟାଙ୍କନ କରିଥିଲେ। କନିଷ୍ଠ ବର୍ଗରେ ବିକାଶ ଇଣ୍ଡୋ ଗ୍ଲୋବାଲ ସ୍କୁଲର ପିୟୁଷ ଗର୍ଗ ପ୍ରଥମ, ଦିଲ୍ଲୀ ପବ୍ଲିକ ସ୍କୁଲର ସୁଜଲ ଖେଣ୍ଡଲୱାଲ ଦ୍ୱିତୀୟ ଓ ବିକାଶ ଇଣ୍ଡୋ ଗ୍ଲୋବାଲ ସ୍କୁଲର ଅଙ୍କିତ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ଇଣ୍ଡୋ ଇଂରାଜୀ ମିଡିୟମର ରୁଚି ଶର୍ମା ପ୍ରଥମ, ଦୀପିକା ଇଂରାଜୀ ମିଡିୟମ ସ୍କୁଲର ମୁକ୍ତାଶ୍ରୀ ସାହାଣୀ ଦ୍ୱିତୀୟ ଓ ଇଣ୍ଡୋ ଇଂରାଜୀ ସ୍କୁଲର ଛାତ୍ରୀ ରିଷିକା ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉପଦେଷ୍ଟା ଚନ୍ଦ୍ର ଶେଖର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ ଏବଂ ସଭାପତି କଳ୍ପନା ଶତପଥୀ ଓ ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ମୋହନ କୁମାର ପଟ୍ଟନାୟକ, ତରୁଲତା ସାମଲ, ଦିବାକର ଦାସ, ଲିତାଞ୍ଜଳି ପତି, କଲ୍ୟାଣୀ ଦାସ, ସଲିପ୍ତ ପତି, ରାଧାକାନ୍ତ ଦେଓ, ସୋନୁ ତନ୍ତୀ, ମୋନାଲିସା ସାହୁ ସହଯୋଗ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦିକା ରଶ୍ମିତା ପଣ୍ଡା ମଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

# ଜ୍ୟୋତିର୍ବିଜ୍ଞାନର ଆଦିପର୍ବ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଯେକୌଣସି ବିଷୟରେ କୌତୂହଳୀ ବ୍ୟକ୍ତିଙ୍କ ନାନା ପ୍ରଶ୍ନ ଘାରିଥାଏ। କୌଣସି ଘଟଣା, ଏହା ପଛରେ କିଏ, କ'ଣ, କେବେ ଓ କିପରି ଅଛି। ବାସ୍ତବରେ ଏହି ଅନୁସନ୍ଧାନ ହେଉଛି ବିଜ୍ଞାନର ହେତୁ। ଆବହମାନ କାଳରୁ ଲୋକେ ଦେଖି ଆସୁଛନ୍ତି ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୋଇ ପଶ୍ଚିମ ଦିଗରେ ଅସ୍ତ ଯାଉଛନ୍ତି। ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ମଧ୍ୟସ୍ଥିତ ସମୟ ଦିବସ ବୋଲି ସମସ୍ତେ କହନ୍ତି ତା'ପରେ ରାତି ଆସେ। କିନ୍ତୁ ଅଧିକାଂଶ ବ୍ୟକ୍ତି ଏହା ଏକ ଗତାନୁଗତିକ



ବା ଧରାବନ୍ଧା ଘଟଣା ବୋଲି ମାନି ଯାଇ କୌଣସି ପ୍ରଶ୍ନ ପଚାରନ୍ତି ନାହିଁ। ସୂର୍ଯ୍ୟ ପୂର୍ବ ଦିଗରେ ସର୍ବଦା କାହିଁକି ଉଦୟ ହୁଅନ୍ତି, ରାତିରେ କୁଆଡ଼େ ଯାଆନ୍ତି, ଏପରିକି ସୂର୍ଯ୍ୟ ଆକାଶରେ ଆମର ଦୃଷ୍ଟିଗୋଚର ହେଉଥିବା ଦୃଶ୍ୟାନୁସାରେ ଗତି କରନ୍ତି କି- ଏହିଭଳି ବିଷୟଗୁଡ଼ିକର କାରଣ ଉଦ୍‌ଘାଟନ କରିବା ନିହାତି ଆବଶ୍ୟକ ବୋଲି ଅନେକେ ମନେକରନ୍ତି ନାହିଁ। ଅବଶ୍ୟ ଏତାଦୃଶ ଜିଜ୍ଞାସା ପାଇଁ କୌତୂହଳର ଅଭାବ ବହୁ ବିଜ୍ଞ ବ୍ୟକ୍ତି କିଛି ଅନୁଭବ କରନ୍ତି ଏବଂ ଏହା ପଛରେ ରହିଥିବା ଲୁକ୍କାୟିତ ପ୍ରାକୃତିକ ରହସ୍ୟ ଉପରୁ ପରଦା ହଟାଇବାକୁ ମନୋନିବେଶ କରିଥାଆନ୍ତି।

ସେହି ଅନୁସନ୍ଧିତ୍ସୁ ବ୍ୟକ୍ତିମାନେ ଆମ ଅଜ୍ଞାନତା ଦୂର କରନ୍ତି। ସେମାନଙ୍କର ପ୍ରଚେଷ୍ଟାରୁ ଆମେ ଜାଣିପାରିଲେ ଯେ ଆକାଶରେ ଦୃଶ୍ୟମାନ ସୂର୍ଯ୍ୟ, ଚନ୍ଦ୍ର ବିଭିନ୍ନ ଗ୍ରହ ଓ ନକ୍ଷତ୍ରମାନ ପୂର୍ବ ଦିଗରେ ଉଦୟ ହୋଇଥାଆନ୍ତି ଓ ପଶ୍ଚିମରେ ଅସ୍ତ ଯାଆନ୍ତି। ଏହା ପଛରେ କାରଣ ହେଉଛି ପୃଥିବୀ ନିଜ ଅକ୍ଷରେ ରହି ପୂର୍ବ ଦିଗ ଆଡ଼କୁ ଘୂରେ। ତତ୍ ସହ ଜଣାଗଲା ଯେ ପୃଥିବୀ ନିଜ କକ୍ଷରେ ସୂର୍ଯ୍ୟ ଚାରିପଟେ ଘୂରେ। ଥରେ ଘୂର୍ଣ୍ଣନ ପୂର୍ଣ୍ଣ କରିବାକୁ ଏକ ବର୍ଷ ସମୟ ଲାଗେ। ଏହି ବୈଜ୍ଞାନିକ ତଥ୍ୟ ପୋଲାଣ୍ଡର ଜ୍ୟୋତିର୍ବିଜ୍ଞାନୀ ନିକୋଲାସ କପରନିକସ (୧୪୭୩-୧୫୪୩)ଙ୍କ ଅନୁଧ୍ୟାନରୁ ଜଣାପଡ଼ିଛି। ସେ ପ୍ରାଣତ୍ୟାଗ କରିବାର ଠିକ୍ ପୂର୍ବରୁ ୧୫୪୩ରେ ପ୍ରକାଶିତ ତାଙ୍କ ବହି 'ଦ ରିଭୋଲ୍ୟୁଶନ ଅଫ୍ ହେଭନ୍ଲି ଅର୍ବିଟ୍'ରେ ଏହା ଲିପିବଦ୍ଧ ହୋଇଛି। ଏଥିରୁ ସୂର୍ଯ୍ୟ-କେନ୍ଦ୍ରୀୟ ମଣ୍ଡଳ (ହେଲିଓସେଣ୍ଟ୍ରିକ ମଡେଲ୍) ସ୍ୱୀକୃତ ହେଲା ଏବଂ ପୂର୍ବ ପ୍ରଚଳିତ ପୃଥିବୀକୁ କେନ୍ଦ୍ର କରି ପ୍ରଚଳିତ ଥିବା ପୁରାତନ ଭୂକେନ୍ଦ୍ରୀୟ ମଣ୍ଡଳ (ଜିଓ ସେଣ୍ଟ୍ରିକ ମଡେଲ)ର ଅବସାନ ଘଟିଲା। ବାସ୍ତବିକ ଏକ ହଜାରରୁ ଊର୍ଦ୍ଧ୍ୱ ସମୟ ବ୍ୟାପି ଗଭୀର ଓ ବ୍ୟାପକ ଭାବେ ଜନସାଧାରଣଙ୍କ ମନରେ ଆସ୍ଥାନ ଜମେଇଥିଲା। ଇଜିପ୍ଟ (ରୋମାନ ସାମ୍ରାଜ୍ୟ)ରେ ଜନ୍ମିତ ଟଲେମି (୧୦୦-୧୭୦ ଖ୍ରୀଷ୍ଟାବ୍ଦ)ଙ୍କ ମତରେ ଏହା ବିରୋଧୀ ହୋଇଥିବାରୁ ସେତେବେଳେ ପ୍ରବଳ ବିତର୍କର ସୂତ୍ରପାତ କରିଥିଲା।

ସୌର ମଣ୍ଡଳ ସମ୍ପର୍କିତ ତତ୍ତ୍ୱର ବିକାଶ ପାଇଁ ଯେଉଁ ପ୍ରମୁଖ ବୈଜ୍ଞାନିକମାନଙ୍କର ଅବଦାନ ରହିଛି, ସେଥିପ୍ରତି ଆଲୋକପାତ କରାଯାଇପାରେ। ଏହା ଅନସ୍ୱୀକାର୍ଯ୍ୟ ଯେ, କପରନିକସ ପୂର୍ବ ପ୍ରଚଳିତ ଅଣ-ବୈଜ୍ଞାନିକ ମତକୁ ଚ୍ୟାଲେଞ୍ଜ କରି ଏକ ଅନୁକୂଳ ବାତାବରଣର ଅୟମାରମ୍ଭ କଲେ। ତା'ପରେ କ୍ରମାନ୍ୱୟରେ ନିମ୍ନ ବୈଜ୍ଞାନିକମାନେ-ଟାଇକୋ ବ୍ରାହେ (୧୫୪୬-୧୬୦୧), ଗାଲିଲିଓ ଗାଲିଲି (୧୫୬୪-୧୬୪୨), ଜାହାନସ୍ କେପଲର (୧୫୭୧-୧୬୩୦), ଆଇଜାକ୍ ନିଉଟନ୍ (୧୬୪୩-୧୭୨୭) ଏବଂ ଆଲବର୍ଟ ଆଇନଷ୍ଟାଇନ୍ (୧୮୭୯-୧୯୫୫) ଏହାର ଉତ୍ତରୋତ୍ତର ବିକାଶ କଲେ।



"ସୌର ମଣ୍ଡଳ ସମ୍ପର୍କିତ ତତ୍ତ୍ୱର ବିକାଶ ପାଇଁ ଯେଉଁ ପ୍ରମୁଖ ବୈଜ୍ଞାନିକମାନଙ୍କର ଅବଦାନ ରହିଛି, ସେଥିପ୍ରତି ଆଲୋକପାତ କରାଯାଇପାରେ। ଏହା ଅନସ୍ୱୀକାର୍ଯ୍ୟ ଯେ, କପରନିକସ ପୂର୍ବ ପ୍ରଚଳିତ ଅଣ-ବୈଜ୍ଞାନିକ ମତକୁ ଚ୍ୟାଲେଞ୍ଜ କରି ଏକ ଅନୁକୂଳ ବାତାବରଣର ଅୟମାରମ୍ଭ କଲେ। ତା'ପରେ କ୍ରମାନ୍ୱୟରେ ନିମ୍ନ ବୈଜ୍ଞାନିକମାନେ-ଟାଇକୋ ବ୍ରାହେ (୧୫୪୬-୧୬୦୧), ଗାଲିଲିଓ ଗାଲିଲି (୧୫୬୪-୧୬୪୨), ଜାହାନସ୍ କେପଲର (୧୫୭୧-୧୬୩୦), ଆଇଜାକ୍ ନିଉଟନ୍ (୧୬୪୩-୧୭୨୭) ଏବଂ ଆଲବର୍ଟ ଆଇନଷ୍ଟାଇନ୍ (୧୮୭୯-୧୯୫୫) ଏହାର ଉତ୍ତରୋତ୍ତର ବିକାଶ କଲେ।"

ଡେନ୍‌ମାର୍କର ମାନେରସ୍ଥିତ ସ୍କାନିଆଠାରେ ୧୫୪୬ ମସିହାରେ ଜ୍ୟୋତିର୍ବିଜ୍ଞାନୀ ବ୍ରାହେ ଜନ୍ମଗ୍ରହଣ କରିଥିଲେ। ସେ ଡେନମାର୍କର ରାଜା ଫ୍ରେଡେରିକ୍-୨ଙ୍କଠାରୁ ପ୍ରଚୁର ସହାୟତା ଲାଭ କରିଥିଲେ। ଗୋଟିଏ ଦ୍ୱୀପରେ ଆକାଶର ଦେବୀ ୟୁରାନିଆଙ୍କ ନାମରେ ପ୍ରାସାଦଟିଏ ନିର୍ମାଣ କରିଥିଲେ। ସେଠାରୁ ଗୋଟିଏ ପର୍ଯ୍ୟବେକ୍ଷଣାଗାର ପ୍ରସ୍ତୁତ କରି ଦୀର୍ଘ ୨୦ ବର୍ଷ ପର୍ଯ୍ୟନ୍ତ ଗ୍ରହ ନକ୍ଷତ୍ରର ଚଳନ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ହେଲେ ଦୈବାତ ରାଜାଙ୍କର ସମର୍ଥନ ଓ ଅନୁଗ୍ରହରୁ ବଞ୍ଚିତ ହେବା ପରେ ଅପମାନିତ ହୋଇ ସେ ଜର୍ମାନୀ ଚାଲିଗଲେ। ଗୋଟିଏ କମ୍ପାସ ଏବଂ ସେକ୍ସଟାଣ୍ଟ ବ୍ୟବହାର କରି ଏକ ହଜାର ନକ୍ଷତ୍ରକୁ ତାଲିକାଭୁକ୍ତ କରିପାରିଥିଲେ। ଚନ୍ଦ୍ରର କକ୍ଷରେ ଅନିୟମିତତା ସମ୍ପର୍କରେ ଜାଣିବା ସହ କାସିଓପିଆ ନାମକ ଏକ ନୂତନ ନକ୍ଷତ୍ର ଆବିଷ୍କାର କରିଥିଲେ। ସେ ଜଣାଇଥିଲେ ଯେ, ଧୂମକେତୁ (କମେଟ୍) ପୃଥିବୀର ବାୟୁମଣ୍ଡଳ ଅବସ୍ଥିତି ନୁହେଁ, କିନ୍ତୁ ବହିରାଗତ। ଏକାଧିକ ଯନ୍ତ୍ରପାତି ସେ ଉଦ୍ଭାବନ କରିଥିଲେ, ଯେଉଁଥିରେ ଟାଇକୋନିଅନ କ୍ୱାଡ୍ରେଣ୍ଟ ସର୍ବଶ୍ରେଷ୍ଠ। ଏହାକୁ ଉନ୍ନତ କରି ଅନ୍ୟ ଜ୍ୟୋତିର୍ବିଜ୍ଞାନୀମାନେ ପରବର୍ତ୍ତୀ ସମୟରେ ଖଗୋଳ ଉପରେ ଗବେଷଣା କରିଥିଲେ। ୧୬୦୦ ମସିହାରେ ସେ ସୁଯୋଗ୍ୟ କେପଲରଙ୍କୁ ନିଜ ସହାୟକ ଭାବେ ନିଯୁକ୍ତ କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ପର ବର୍ଷ ବ୍ରାହେଙ୍କର ପରଲୋକ ହେଲା। କିନ୍ତୁ ଚିନ୍ତାର ବିଷୟରେ ଯେ ତାଙ୍କ ଅବର୍ତ୍ତମାନର ଅଳ୍ପ କିଛି ବର୍ଷ ମଧ୍ୟରେ ତାଙ୍କ ପ୍ରିୟ ଦ୍ୱୀପରେ ସେ ନିର୍ମାଣ କରିଥିବା ପ୍ରାସାଦ ଓ ପର୍ଯ୍ୟବେକ୍ଷଣାଗାର ଧ୍ୱଂସ ହୋଇଗଲା। ତେବେ ଅନ୍ତିମ ବେଳାରେ ସେ 'ମୁଁ ଏକ ବ୍ୟର୍ଥ ଜୀବନ ବଞ୍ଚିଛି ବୋଲି ଜଣା ନ ପଡୁ' ବୋଲି କହିଥିବା ତାଙ୍କର ସହାୟକ କେପଲରଙ୍କ ଦ୍ୱାରା ପ୍ରକାଶ। ବ୍ରାହେଙ୍କ ଅନ୍ତେ କେପଲର ହୋଲି ରୋମାନ ଏମ୍ପରେର ରୁଡୋଲଫ ଦ୍ୱିତୀୟଙ୍କ ଦ୍ୱାରା ଗାଣିତ୍ୟିକ ପଦବୀ ଅଳଙ୍କୃତ କଲେ।

ମାତାପିତାଙ୍କ ପ୍ରଭାବ ସନ୍ତାନର ଭବିଷ୍ୟତ ଗଠନ ପାଇଁ କେମିତି ପ୍ରେରଣା ଯୋଗାଇଥାଏ, ତାହାର ଦୃଷ୍ଟାନ୍ତ କେପଲରଙ୍କ ଜୀବନରୁ ମିଳିଥାଏ। ୧୫୭୭ରେ ତାଙ୍କୁ ମାତ୍ର ଛଅ ବର୍ଷ ହୋଇଥିବା ବେଳେ ତାଙ୍କ ମାତା ଆକାଶରେ ଦେଖାଯାଇଥିବା ଗୋଟିଏ ବିରାଟ ପୁଚ୍ଛଯୁକ୍ତ ଲଞ୍ଜାତାରା ବା ଧୂମକେତୁକୁ ନିରୀକ୍ଷଣ କରିବାକୁ କହିଲେ। ଅନ୍ୟ ଏକ ଘଟଣାରେ ୧୫୮୦ରେ ତାଙ୍କ ବାପା ଚନ୍ଦ୍ରଗ୍ରହଣର ଦୃଶ୍ୟ ଉପଭୋଗ କରିବା ପାଇଁ ନିଜ ସହ ଘର ବାହାରକୁ ନେଇଥିଲେ। କେପଲରଙ୍କ ମାନସିକତା ଅଜବ ଧରଣର ଥିଲା। ସେ ବିଶ୍ୱାସ କରୁଥିଲେ ଯେ, ନକ୍ଷତ୍ର ସମ୍ବନ୍ଧୀୟ ଅଧ୍ୟୟନ ଏକ ଧାର୍ମିକ କାର୍ଯ୍ୟ। ବାସ୍ତବରେ ଅଧ୍ୟୟନ ବୃତ୍ତି ପରେ ସେ ତଥାକଥିତ ଧର୍ମ-ଶିକ୍ଷା ପାଇଁ ଯୋଜନା କରିଥିଲେ। ସେ କପରନିକସଙ୍କ ସୌରକେନ୍ଦ୍ରିକ ଗ୍ରହ ମଣ୍ଡଳକୁ ସମର୍ଥନ କରୁଥିଲେ। ତତ୍କାଳୀନ ଏହି ନୂତନ ତତ୍ତ୍ୱରେ ଅନୁପ୍ରାଣିତ ହୋଇ ସୂର୍ଯ୍ୟ ଚାରିପଟେ ଗ୍ରହମାନଙ୍କର ଘୂର୍ଣ୍ଣନ ବ୍ୟାଖ୍ୟା କରିବା ସକାସେ ବ୍ରତୀ ହେଲେ। ୧୫୯୬ରେ କପରନିକସଙ୍କ ପ୍ରାରମ୍ଭିକ ତତ୍ତ୍ୱକୁ ଆଗେଇ ନେବା ପାଇଁ ଅହରହ ଚେଷ୍ଟିତ କେପଲର ବ୍ରାହେ ଓ ଗାଲିଲିଓଙ୍କ ସଂସ୍ପର୍ଶରେ ଆସିଥିଲେ। ୧୬୦୫ରେ ମଙ୍ଗଳ ଗ୍ରହ ସୂର୍ଯ୍ୟ ଚାରିପଟେ ଅଣ୍ଡାକାର ବା ଦୀର୍ଘ ବୃତ୍ତାକାର (ଓଭାଲ ସେପ୍) କକ୍ଷରେ ଗତିଶୀଳ ଥିବା ବିଷୟ ସର୍ବପ୍ରଥମେ ଆବିଷ୍କାର କରି 'ଦ ନ୍ୟୁ ଆଷ୍ଟ୍ରୋନୋମି' (୧୬୦୯) ପୁସ୍ତକରେ ପ୍ରକାଶ କରିଥିଲେ। ଗାଲିଲିଓଙ୍କଠାରୁ ଦୂରବୀକ୍ଷଣ ଯନ୍ତ୍ର ସମ୍ବନ୍ଧରେ ଜାଣିବା ପରେ ଏହାକୁ ଉନ୍ନତ କରି ବର୍ତ୍ତମାନ ବ୍ୟବହାର କରାଯାଉଥିବା ଆଷ୍ଟ୍ରୋନମିକାଲ ଟେଲିସ୍କୋପ ନିର୍ମାଣ କଲେ। (କ୍ରମଶଃ...)

-ବଡ଼ଖେମୁଣ୍ଡି ବଙ୍ଗଳା,
ଉତ୍କଳ ଆଶ୍ରମ ରୋଡ୍, ବ୍ରହ୍ମପୁର
ମୋ: ୯୦୭୮୭୪୩୮୪୩

## ଯନ୍ତ୍ରଣା ଲାଘବ କରିବ ହେଙ୍ଗୁ



ହେଙ୍ଗୁରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଆମ ସ୍ୱାସ୍ଥ୍ୟ ପାଇଁ ଏହାର ମହତ୍ତ୍ୱ ମଧ୍ୟ ଅଛି। ଶରୀରର ବାହ୍ୟ ଅଙ୍ଗରେ ଯନ୍ତ୍ରଣା ହେଉଥିଲେ ପାଣିରେ ଅଳ୍ପ ହେଙ୍ଗୁ ମିଶାଇ ସେହି ସ୍ଥାନରେ ମାଲିସ କରନ୍ତୁ। ଏହାଦ୍ୱାରା ସେଥିରୁ କେତେକାଂଶରେ ଉପଶମ ମିଳିଥାଏ। ଖାସ୍ କଥା ହେଲା ନିୟମିତ ହେଙ୍ଗୁ ଖାଇଲେ ଶରୀରରେ ଶର୍କରା ପରିମାଣ ସନ୍ତୁଳିତ ରହିଥାଏ। ଅଳ୍ପ ପାଣିରେ ଚିମୁଟାଏ ହେଙ୍ଗୁ ଏବଂ ଅଳ୍ପ ଖାଇବା ସୋଡ଼ା ମିଶାଇ ପିଇଲେ କଫଜନିତ ସମସ୍ୟା ଦୂର ହୋଇଥାଏ। ଦାନ୍ତ ଦରଜ ଏବଂ ବିନ୍ଧାରୁ ହେଙ୍ଗୁ କେତେକାଂଶରେ ଉପଶମ ଦେଇଥାଏ। ଏସିଡିଟିରୁ ହେଙ୍ଗୁ କେତେକାଂଶରେ ଆରାମ ଦେଇଥାଏ। ହେଙ୍ଗୁରେ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ଏହାକୁ ଖାଇଲେ ତାହା ମୁଣ୍ଡବିନ୍ଧାରୁ କେତେକାଂଶରେ ଆରାମ ଦେଇଥାଏ। ଏହା ଶରୀରରେ ମେଟାବୋଲିଜିମ ଏବଂ କୋଲେଷ୍ଟ୍ରଲ ସ୍ତରକୁ ସନ୍ତୁଳିତ ରଖେ। ହେଙ୍ଗୁ ମଧ୍ୟ ଓଜନ କମାଇବାରେ ସହାୟକ ହୋଇଥାଏ।

## ଚକ୍ଷୁ ସମସ୍ୟା ସୃଷ୍ଟି କରିପାରେ ଧୂମପାନ



ଧୂମପାନ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ପ୍ରାୟ ଅନେକେ ଜାଣନ୍ତି। ଏଭଳି ଅଭ୍ୟାସ କେତେକ ରୋଗକୁ ତ ଡାକି ଆଣିଥାଏ, ତା'ସହ ଅକାଳରେ ମୃତ୍ୟୁର ଆଶଙ୍କା ମଧ୍ୟ ରହିଛି। ଧୂମପାନ ସମୟରେ ସିଗାରେଟ୍, ବିଡ଼ି ଆଦିରୁ ନିର୍ଗତ ଧୂଆଁ ଆଖି ପାଇଁ କ୍ଷତିକାରକ । ଏଭଳି ଧୂଆଁ ସଂସ୍ପର୍ଶରେ ଆସିବା ଦ୍ୱାରା ଚକ୍ଷୁଜନିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି ବୋଲି ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ନିୟମିତ ଧୂମପାନ କରୁଥିବା କିଛି ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରିବା ଦ୍ୱାରା ଏକଥା ଜଣାପଡିଛି। ଏହି ଧୂଆଁରେ ଅନେକ ପ୍ରକାର ବିଷାକ୍ତ ତତ୍ତ୍ୱ ଭରି ରହିଛି। ଏହି ଧୂଆଁ ଦୃଷ୍ଟିଶକ୍ତିକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।

## ଥଣ୍ଡା ପରିବେଶରେ ତରଳିବ ବରଫ



ସାଧାରଣତଃ ଗରମ ସଂସ୍ପର୍ଶରେ ଆସିଲେ ବରଫ ତରଳିଥାଏ। କିନ୍ତୁ ପରିବେଶ ଥଣ୍ଡା ଥିଲେ ମଧ୍ୟ ଏହାକୁ ତରଳାଯାଇପାରିବ। ଏଭଳି ଚେଷ୍ଟା କରି ସଫଳ ହୋଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ସେମାନେ ବାଲି, ଗୋଡ଼ି ଏବଂ ସିମେଣ୍ଟକୁ ନେଇ ଏଭଳି ଏକ କଙ୍କ୍ରିଟ ପ୍ରସ୍ତୁତ କରିଛନ୍ତି ଯାହା ସଂସ୍ପର୍ଶରେ ଆସିବା ମାତ୍ରେ ବରଫ ତରଳିଯିବ। ଖାସ୍ କଥା ହେଲା, ଏହି କଙ୍କ୍ରିଟ ବିଦ୍ୟୁତ ସୁପରିବାହୀ। ଏଥିରେ ବିଦ୍ୟୁତ ସଂଯୋଗ କରି ବରଫ ପାଖରେ ରଖିଦେଲେ ପରିବେଶ ଯେତେ ଥଣ୍ଡା ଥିଲେ ମଧ୍ୟ ତାହା ତରଳିଯିବ। କିନ୍ତୁ ଏହି କରେଣ୍ଟ ମନୁଷ୍ୟ କିମ୍ବା ପ୍ରାଣୀଙ୍କ ପାଇଁ ଆଦୌ ବିପଜ୍ଜନକ ନୁହେଁ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶେଷଭାବରେ ଶୀତଦିନେ ବରଫ ଦ୍ୱାରା ଆଚ୍ଛାଦିତ ରାସ୍ତାଗୁଡ଼ିକୁ ଏପରି ପ୍ରଣାଳୀରେ ସଫା କରାଯାଇପାରିବ। ଏହାକୁ ପରୀକ୍ଷା କରାଯାଇ ସେଥିରୁ ସଫଳତା ମିଳିଛି ଏବଂ ଶୀତପ୍ରଧାନ ଦେଶରେ ରାସ୍ତା ଏଭଳି କଙ୍କ୍ରିଟରେ ପ୍ରସ୍ତୁତ କଲେ କିଛି ଅସୁବିଧା ନାହିଁ ବୋଲି ରିପୋର୍ଟରୁ ଜଣାପଡ଼ିଛି।

## ଜଗିଂ କରୁଥିଲେ..

ବର୍ତ୍ତମାନର ଧାଁ ଧପଡ ଜୀବନରେ ନିଜ ଫିଟ୍‌ନେସ ପ୍ରତି ସତର୍କ ରହିବା ନିହାତି ଜରୁରୀ। ଆଜିକାଲି ଅନେକେ ପ୍ରତିଦିନ ବ୍ୟାୟାମକୁ ନିଜ ଦୈନନ୍ଦିନ ରୁଟିନ୍‌ରେ ସାମିଲ କରିସାରିଛନ୍ତି। ଯଦି ଆପଣ ଜଗିଂ କରୁଛନ୍ତି ତା'ହେଲେ କେତୋଟି କଥା ପ୍ରତି ଧ୍ୟାନ ଦେବା ଦରକାର। ପ୍ରତିଦିନ ସକାଳେ ହେଉ କି ସନ୍ଧ୍ୟାରେ ଅତିକମ୍‌ରେ ୧୫-୩୦ ମିନିଟ୍ ଜଗିଂ କରନ୍ତୁ। ନିୟମିତ ଜଗିଂ କରିବା ଦ୍ୱାରା ଆମ ଶରୀରକୁ ଫ୍ରେଶ୍ ଅମ୍ଳଜାନ ମିଳିଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଏହାଦ୍ୱାରା ଆମେ ନିଜକୁ କେତେକାଂଶରେ ଅବସାଦ ଏବଂ ଟେନସନଠାରୁ ଦୂରେଇ ରଖିପାରିବା। ପ୍ରତିଦିନ ଜଗିଂ କରିବା ଦ୍ୱାରା ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ପୂର୍ବାପେକ୍ଷା ଆହୁରି ଦୃଢ଼ ହୋଇଥାଏ। ବିଶେଷଭାବରେ ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ନିୟମିତ ଜଗିଂ କରିବା ସେମାନଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା, ଏହାଦ୍ୱାରା ରକ୍ତ ସଞ୍ଚାଳନ ଆହୁରି ସକ୍ରିୟ ହୋଇଥାଏ। ଏପରି ଅଭ୍ୟାସ ଦ୍ୱାରା ଜଣେ ନିଜକୁ ହାର୍ଟ ଆଟାକ ଏବଂ ଷ୍ଟ୍ରୋକ୍ ପରି ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିପାରିବ। ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ନିୟମିତ ଜଗିଂ କଲେ ଓଜନ ଅନେକାଂଶରେ ସନ୍ତୁଳିତ ରହିଥାଏ। ତେବେ ସବୁବେଳେ ପ୍ରଦୂଷଣମୁକ୍ତ ପରିବେଶରେ ଜଗିଂ କରନ୍ତୁ। ଯଦି ଏହାକୁ ନେଇ ମନରେ କିଛି ସନ୍ଦେହ ଅଛି, ତେବେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ। ଅସୁସ୍ଥ ଥିଲେ ଜଗିଂ ନ କରିବା ଭଲ।



## ସ୍ୱାସ୍ଥ୍ୟ ସୂଚନା

➤ତଳେ ବସିବା ଏବଂ ଉଠିବା ଏକ ଭଲ ବ୍ୟାୟାମ। ହେଲେ ଉଠିବା ସମୟରେ ଏଭଳି ପୋଜ୍‌ରେ ଉଠନ୍ତୁ ଯେପରି ତାହାର ପ୍ରଭାବ ଅଣ୍ଠା ଉପରେ ପଡ଼ିବ ନାହିଁ।



➤ଖାଇବା ସମୟରେ ଟେନ୍‌ସନରେ ରୁହନ୍ତୁ ନାହିଁ କି କଥାବାର୍ତ୍ତା କରନ୍ତୁ ନାହିଁ। ଖାଦ୍ୟ ଉପରେ ଧ୍ୟାନ କେନ୍ଦ୍ରିତ ହେଲେ ତାହା ହଜମ କ୍ରିୟାକୁ ସକ୍ରିୟ କରାଇଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି।

➤ଯଦି ଅଫିସରେ କାମ କରୁଛନ୍ତି ଏବଂ ଫୋନ୍‌କଲ୍‌ଆସିଲା ତେବେ ଟିକେ ବୁଲାଚଲା କରି ଫୋନ୍‌ରେ କଥା ହୁଅନ୍ତୁ। ଏହା ଏକ ହାଲୁକା ଏକ୍ସରସାଇଜର କାମ କରିଥାଏ।

➤ନିୟମିତ ସମୟ ବ୍ୟବଧାନରେ ନିଜର ଓଜନ ମାପି ନିଅନ୍ତୁ। ଯଦି ଓଜନ ବଢ଼ୁଛି ବୋଲି ଜାଣିପାରିଲେ ତେବେ ଆରମ୍ଭରୁ ଏ ନେଇ ସଚେତନ ରହିଲେ ପରବର୍ତ୍ତୀ ସମୟରେ ମେଦବହୁଳତା ପରି ସମସ୍ୟାର ସାମନା କରିବା ଆଶଙ୍କା କମ୍ ରହିବ।

➤ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ। ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।

# ଭୋପାଳ ଗ୍ୟାସ ଦୁର୍ଘଟଣା

(ଶେଷ ଭାଗ)

**ସୂତ୍ରପାତ ଓ ଅଗ୍ରଗତି:** ୧୯୮୪ ମସିହା ଅକ୍ଟୋବର ମାସରେ ଜଣାପଡ଼ିଥିଲା ଯେ, ତିନୋଟି ଟାଙ୍କି ମଧ୍ୟରୁ ଗୋଟିଏ ଟାଙ୍କି ଉଚ୍ଚ ଚାପଯୁକ୍ତ ନାଇଟ୍ରୋଜେନ୍ ଗ୍ୟାସ୍‌କୁ ଧାରଣ କରିବାକୁ ସକ୍ଷମ ହେଉନାହିଁ। ଫଳରେ ଏହି ଟାଙ୍କି ମଧ୍ୟରୁ ଜଳୀୟବାଷ୍ପ ତଥା ଅନ୍ୟ ଅଶୁଦ୍ଧ (Impurity) ପଦାର୍ଥକୁ ଫଳପ୍ରଦ ରୂପେ ପଦାକୁ ସ୍ଥାନାନ୍ତରିତ କରାଯାଇ ପାରୁନାହିଁ। ୧୯୮୪ ମସିହା ଡିସେମ୍ବର ମାସ ସୁଦ୍ଧା କାରଖାନାର ଅଧିକାଂଶ ସୁରକ୍ଷା ବ୍ୟବସ୍ଥା, ଭାଲଭ ତଥା ପାଇପ୍ ଠିକ୍ ରୂପେ କାର୍ଯ୍ୟ କରୁନଥିଲା। ଡିସେମ୍ବର ୨ ତାରିଖ ଦିନ ସନ୍ଧ୍ୟାରେ ଶ୍ରମିକମାନେ ଏହି ଟାଙ୍କି ସହିତ ସଂଯୁକ୍ତ ପାର୍ଶ୍ୱସ୍ଥ ଏକ ରୁଦ୍ଧ ପାଇପକୁ ପାଣି ଦ୍ୱାରା ସଫା କରିବା ପାଇଁ ଚେଷ୍ଟା କରିଥିଲେ। ସେଥିରୁ ପାଣି କୌଣସିମତେ ଯାଇ ଉକ୍ତ ଟାଙ୍କିରେ ପ୍ରବେଶ କରିଥିଲା। ସେହି ସମୟରେ ଏହି ଟାଙ୍କିରେ ସମୁଦାୟ ୪୨ ଟନ୍ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ମହଜୁଦ ରହିଥିଲା। ଫଳରେ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ସହିତ ପାଣିର ଏକ ବିସ୍ଫୋରକ ରାସାୟନିକ ପ୍ରତିକ୍ରିୟା ସଂଘଟିତ ହୋଇଥିଲା ଯାହା ଅନ୍ୟ କିଛି କାରକ ଯଥା କଳଙ୍କି ଲାଗିଥିବା ପାଇପ୍‌ରୁ ଝଡୁଥିବା ଲୁହାଗୁଣ୍ଡ ତଥା ବିଭିନ୍ନ ଅଶୁଦ୍ଧ ପଦାର୍ଥର ଉପସ୍ଥିତି ଯୋଗୁଁ ତ୍ୱରାନ୍ୱିତ ହୋଇଥିଲା। ଏହି ପ୍ରତିକ୍ରିୟାରୁ ପ୍ରଚୁର ତାପ ନିର୍ଗତ ହୋଇଥିଲା। ଟାଙ୍କିର ଗ୍ୟାସ୍ ଚାପର ମୂଲ୍ୟ ରାତ୍ରି ୧୦.୩୦ ସମୟରେ ମାତ୍ର ୨ PSI ଥିଲାବେଳେ ୧୧.୩୦ ସମୟ ବେଳକୁ ବଢ଼ି ପାଇ ୧୦ PSI ମୂଲ୍ୟରେ ପହଞ୍ଚିଥିଲା। ୧୨.୪୫ ସମୟ ମଧ୍ୟରେ ଟାଙ୍କିର ଅବସ୍ଥା ଚରମ ସୀମାରେ ପହଞ୍ଚି ଗ୍ୟାସ୍ ଚାପର ମୂଲ୍ୟ ଆଶାତୀତ ଭାବେ ୪୦ PSI ଏବଂ ପରେ ୫୦ PSI କୁ ଟପି ଯାଇଥିଲା, ଯାହା ନିରାପଦ ମୂଲ୍ୟଠାରୁ ଥିଲା ଯଥେଷ୍ଟ ଅଧିକ। ତାପମାତ୍ରା ମଧ୍ୟ ବିପଜ୍ଜନକ ଭାବେ ୨୫୦ ସେଲସିୟସ୍ ସ୍ଥିତିରେ ପହଞ୍ଚି ଯାଇଥିଲା। ଏହି ଉଚ୍ଚ ଚାପକୁ ସହ୍ୟ କରିବା ଦୁର୍ବଳ ଟାଙ୍କି ପକ୍ଷରେ ସମ୍ଭବପର ନଥିଲା। ଫଳରେ ଟାଙ୍କିର କଙ୍କ୍ରିଟ୍ ସ୍ଲାବ୍ ଫାଟି ଗ୍ୟାସ୍ ପ୍ରବଳ ବେଗରେ ପଦାକୁ ନିର୍ଗତ ହୋଇଥିଲା ଓ



ସଙ୍ଗେସଙ୍ଗେ ଘନ ବାଦଲ ଆକାରରେ ଆଖପାଖରେ ଘୋଟି ଯାଇଥିଲା। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ କାରଖାନାର ନିମ୍ନୋକ୍ତ ତିନୋଟି ସୁରକ୍ଷା ବ୍ୟବସ୍ଥା ସୁଚାରୁ ରୂପେ କାର୍ଯ୍ୟ କରୁ ନ ଥିବାରୁ ବିଷାକ୍ତ ଗ୍ୟାସ୍ ନିର୍ଗମନର ମାତ୍ରାକୁ ନିୟନ୍ତ୍ରଣ କରାଯାଇ ପାରିନଥିଲା। କାରଖାନାରେ ଭଣ୍ଡାରଣ ଟାଙ୍କିର ତାପମାତ୍ରାକୁ ନିୟନ୍ତ୍ରଣ ରଖିବା ପାଇଁ ଏକ ଶୀତଳକ ରେଫ୍ରିଜରେସନ୍ ବ୍ୟବସ୍ଥା ୧୯୮୨ ମସିହାରୁ ଅକାମୀ ହୋଇ ପଡ଼ିଥିଲା ଓ ପରବର୍ତ୍ତୀ ୧୯୮୪ ମସିହାରେ ଶୀତଳକ ପଦାର୍ଥ ରୂପେ ବ୍ୟବହାର କରାଯାଉଥିବା ଫ୍ରିୟନ୍ ପଦାର୍ଥକୁ ସମ୍ପୂର୍ଣ୍ଣ ରୂପେ ସ୍ଥାନାନ୍ତରିତ କରି ଅନ୍ୟତ୍ର ବିନିଯୋଗ କରାଯାଇଥିଲା। ଆହୁରି ମଧ୍ୟ ଉଚ୍ଚ ତାପମାତ୍ରାରେ ସକ୍ରିୟ ହେଉଥିବା କାରଖାନାର ସତର୍କଘଣ୍ଟି ବ୍ୟବସ୍ଥା (ଯାହା ୧୧୦ ସେଲସିୟସ୍ ତାପମାତ୍ରାରେ ବାଜିଉଠିବା କଥା)କୁ ବହୁ ଦିନ ପୂର୍ବରୁ କାଢ଼ି ନିଆଯାଇଥିଲା। ଫଳରେ ତାପମାତ୍ରା ୧୫୦ ରୁ ୨୫୦ ମୂଲ୍ୟରେ ପହଞ୍ଚି ନିରାପଦ ସୀମା ବାହାରକୁ ଚାଲି ଯାଇଥିଲେ ସୁଦ୍ଧା ଏହି ସତର୍କଘଣ୍ଟି ବାଜି ନଥିଲା। ଟାଙ୍କିରୁ ଅଜାଣତ ବଶତଃ ନିର୍ଗତ ବିଷାକ୍ତ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସକୁ ପୋଡ଼ି ନିଷ୍କ୍ରିୟ କରିଦେବା ନିମନ୍ତେ କାରଖାନାରେ ଏକ ଗ୍ୟାସ୍ ପ୍ରଜ୍ୱଳନ ସ୍ତମ୍ଭ (Flare Tower)ର ବ୍ୟବସ୍ଥା ଥିଲା। ମାତ୍ର ଏହାର ଗୋଟିଏ ପାଇପ୍ ଫାଟି ଯାଇଥିବାରୁ ଏହି ବ୍ୟବସ୍ଥା ବହୁ ଆଗରୁ ଅକାମୀ ହୋଇଯାଇଥିଲା। ଟାଙ୍କିର ଲିକ୍‌କୁ ତୁରନ୍ତ ସିଲ୍ କରିବା ପାଇଁ ଏକ ସୁରକ୍ଷା ବ୍ୟବସ୍ଥା (Vent Gas Scrubber) ଥିଲା ଯାହା ସାଧାରଣତଃ ଚୂନ ଭଳି ଏକ ପଦାର୍ଥ 'କଷ୍ଟିକ୍ ସୋଡ଼ା'କୁ ବ୍ୟବହାର କରି ଆବଶ୍ୟକୀୟ ମରାମତି କାର୍ଯ୍ୟ ସମ୍ପାଦନ କରୁଥିଲା। ମାତ୍ର ଘଟଣା ସମୟରେ ଏହି ବ୍ୟବସ୍ଥାକୁ ସୁପ୍ତ ଅବସ୍ଥାରେ ରଖାଯାଇଥିଲା ଏବଂ ଆହୁରି ମଧ୍ୟ ଏହି ବ୍ୟବସ୍ଥାରେ ନିର୍ଗତ ଗ୍ୟାସ୍‌ର ବିଶାଳ ଉତ୍ସକୁ ପ୍ରତିହତ କରିବା ପାଇଁ ଆବଶ୍ୟକ ମାତ୍ରାରେ କଷ୍ଟିକ୍ ସୋଡ଼ା ପଦାର୍ଥ ଉପଲବ୍ଧ ନଥିଲା।

ଇତିମଧ୍ୟରେ ଦୀର୍ଘ ୩୮ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏବେବି ଏହି ଗ୍ୟାସ୍ ଦୁର୍ଘଟଣାର କ୍ଷତ ଭୋପାଳବାସୀଙ୍କ ମନରୁ ଲିଭି ନାହିଁ। ଏବେବି ବହୁ ଲୋକ ବଞ୍ଚିଛନ୍ତି ଯେଉଁମାନେ ସେଦିନର ସେହି ମର୍ମନ୍ତୁଦ ଘଟଣା ସ୍ୱଚକ୍ଷୁରେ ଦେଖିଛନ୍ତି ଓ ବିଷାକ୍ତ ଗ୍ୟାସ୍‌ର ସଂସ୍ପର୍ଶରେ ଆସିଛନ୍ତି। ଗ୍ୟାସ୍‌ର ପ୍ରଭାବରେ ଏବେବି ସେଠାକାର ମୃତ୍ତିକା ଓ ଭୂତଳ ଜଳ ବିଷାକ୍ତ ପାଲଟିଯାଇଛି। ଏବେବି ବଞ୍ଚିଯାଇଥିବା କିଛି ଲୋକଙ୍କର ଶିଶୁ ବିକଳାଙ୍ଗ କିମ୍ବା ମାନସିକ ଅନଗ୍ରସର ହୋଇ ଜନ୍ମ ହେଉଛନ୍ତି।

**-ନିକୁଞ୍ଜ ବିହାରୀ ସାହୁ,** ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର,
ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୦୧୮୭୦୮୮୫୮

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କାମ କର ନଚେତ୍ ଅନ୍ୟଙ୍କୁ ବାଟ ଛାଡ଼

■ଦଳୀୟ ନେତାଙ୍କୁ ଖାର୍ଗେଙ୍କ କଡ଼ା ବାର୍ତ୍ତା

■ଫେବୃୟାରୀରେ କଂଗ୍ରେସ ଅଧିବେଶନ

ନୂଆଦିଲ୍ଲୀ,୪।୧୨(ପି.ଟି.)

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ରବିବାର ଦଳ ଷ୍ଟିୟରିଂ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ନେତାମାନେ ଦଳ ପାଇଁ କାମ କରନ୍ତୁ, ନହେଲେ ଅନ୍ୟମାନଙ୍କୁ ବାଟ ଛାଡ଼ିଦିଅନ୍ତୁ ବୋଲି ଖାର୍ଗେ ବୈଠକରେ କଡ଼ା ବାର୍ତ୍ତା ଦେଇଛନ୍ତି। ସେହିପରି ଉପରୁ ତଳ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକର୍ତ୍ତା ଉତ୍ତରଦାୟୀ ରହିବା ଉପରେ ଦଳ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଛନ୍ତି। ଦଳର ଅଧିବେଶନ ଫେବୃୟାରୀ ମଧ୍ୟଭାଗରେ ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ ହେବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି।

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଜାନୁୟାରୀ ୨୬ରେ ଶେଷ ହେବାକୁ ଥିବାବେଳେ ଲୋକଙ୍କ ସହ ଯୋଡ଼ିହୋଇ ରହିବା ଲାଗି ମାର୍ଚ୍ଚ ୨୬ ପର୍ଯ୍ୟନ୍ତ 'ହାତରେ ହାତ ଯୋଡ଼' ଅଭିଯାନ ଚାଲିବ। ଏହି ସମୟରେ ଗାଁରୁ ବ୍ଲକ୍ ଏବଂ ଜିଲା ସ୍ତର ପର୍ଯ୍ୟନ୍ତ ପଦଯାତ୍ରା ହୋଇ ରାଜ୍ୟ ମୁଖ୍ୟାଳୟରେ ସାଧାରଣ ସଭାରେ ଶେଷ ହେବ। ଏହି ଯାତ୍ରାରେ ମୁଖ୍ୟ ବାର୍ତ୍ତା ରାହୁଲ ଗାନ୍ଧୀ ଦେବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅଭିଯୋଗ ପତ୍ର ଦିଆଯିବ। ଏଥିସହିତ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନେତୃତ୍ୱରେ ସାରା ଦେଶରେ ମହିଳା କଂଗ୍ରେସ କର୍ମୀମାନେ ରାଜ୍ୟସ୍ତରରେ ଶୋଭାଯାତ୍ରା କରିବେ।




ପ୍ରାରମ୍ଭିକ ଉଦ୍‌ବୋଧନରେ ଖାର୍ଗେ ସାଂଗଠନିକ ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱ ଦେଇଛନ୍ତି। ଦଳର ପ୍ରଭାରୀମାନେ ମାସକୁ ଅନ୍ୟୂନ ୧୦ ଦିନ ସେମାନଙ୍କ ଦାୟିତ୍ୱରେ ଥିବା ରାଜ୍ୟ ଗସ୍ତ କରିବାକୁ କୁହାଯାଇଛି। ଜନ ଆନ୍ଦୋଳନ ଆୟୋଜନ କରି ଲୋକଙ୍କ ପ୍ରସଙ୍ଗ ଉଠାଇବା ନିମନ୍ତେ ୩୦ରୁ ୯୦ ଦିନ ମଧ୍ୟରେ କାର୍ଯ୍ୟଖସଡ଼ା ଦାଖଲ ନିମନ୍ତେ ଖାର୍ଗେ ରାଜ୍ୟ ପ୍ରଭାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ରେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ କଂଗ୍ରେସ ଅଧ୍ୟକ୍ଷ ପରାମର୍ଶ ଦେଇଛନ୍ତି।

# ଏଆଇଏଡିଏମ୍‌କେରେ ଫାଟ ବଢ଼ୁଛି


ଓ. ପିନୀରସେଲଭାମ୍


ଏଡାପାଡି ପାଲାନିସ୍ୱାମୀ

## ଜୟଲଲିଥାଙ୍କର ଶ୍ରାଦ୍ଧବାର୍ଷିକୀରେ ଅଲଗା ରାଲି ଯୋଜନା

ଚେନ୍ନାଇ,୪।୧୨

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଲିଥାଙ୍କର ଷଷ୍ଠ ଶ୍ରାଦ୍ଧବାର୍ଷିକୀ ସୋମବାର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଆଇଏଡିଏମ୍‌କେରେ ଗୋଷ୍ଠୀ ବିବାଦ ବଢୁଥିବା ପୁନର୍ବାର ପଦାରେ ପଡ଼ିଛି। ଓ. ପିନୀରସେଲଭାମ୍ ସୋମବାର ଚେପକ୍ ଗେଷ୍ଟହାଉସ୍‌ରୁ ଜୟଲଲିଥାଙ୍କ ସ୍ମାରକୀ ପର୍ଯ୍ୟନ୍ତ ରାଲି ବାହାର କରି ସେଠାରେ ସମର୍ଥକମାନଙ୍କୁ ଶପଥ ଗ୍ରହଣ ଲାଗି ଯୋଜନା ପ୍ରସ୍ତୁତ କରିଥିବାବେଳେ ଏଏମ୍‌ଏମ୍‌କେ ମୁଖ୍ୟ ଟି.ଟି.ଭି. ଦିନାକରନ ଆନ୍ନା ଷ୍ଟାଚ୍ୟୁଠାରୁ ରାଲି ବାହାର କରିବେ ଏବଂ ଭି.କେ. ଶଶୀକଳା ଅଲଗା ଯାଇ ଜୟଲଲିଥାଙ୍କ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ତେବେ କୌଣସି ରାଲିକୁ ପୋଲିସ ଏପର୍ଯ୍ୟନ୍ତ ଅନୁମତି ଦେଇନାହିଁ। ଅନ୍ୟ ପକ୍ଷରେ ବିଦ୍ରୋହୀ ଏଡାପାଡି ପାଲାନିସ୍ୱାମୀ (ଇପିଏସ୍) ତାଙ୍କ ସମର୍ଥକମାନଙ୍କ ସହ ଅଲଗା ଯାଇ ଶପଥ ପାଠ କରିବେ ବୋଲି ସୂଚନା ମିଳିଛି। ଏଆଇଏଡିଏମ୍‌କେରେ ନେତୃତ୍ୱକୁ ନେଇ ବିବାଦ ଜାରି ରହିଛି। ମାଡ୍ରାସ ହାଇକୋର୍ଟ ଇପିଏସ୍‌ଙ୍କ ନେତୃତ୍ୱ ସପକ୍ଷରେ ରାୟ ଦେଇଥିବାବେଳେ ଓପିଏସ୍ ଗୋଷ୍ଠୀ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତରେ ପିଟିଶନ ଶୁଣାଣି ପୂର୍ବରୁ ଦଳରେ ଗୋଷ୍ଠୀ ବିବାଦ ପୁଣିଥରେ ତୀବ୍ର ହୋଇଥିବା ସ୍ପଷ୍ଟ ହୋଇଛି। ତେବେ ଦଳରେ ଫାଟ ନାହିଁ ବୋଲି ପୂର୍ବତନ ମନ୍ତ୍ରୀ ଡି. ଜୟକୁମାର କହିଛନ୍ତି। ଦଳକୁ କ୍ଷତି ପହଞ୍ଚାଇବା ପାଇଁ ଯେଉଁ କେତେଜଣ ଡିଏମ୍‌କେ ସହ ଚୁକ୍ତି କରିଥିଲେ ସେମାନଙ୍କୁ ବିଦା କରାଯାଇଥିବା ସେ କହିଛନ୍ତି। ପୂର୍ବରୁ ବରିଷ୍ଠ ନେତାଙ୍କ ଉପରେ ଆକ୍ରମଣ ହୋଇଥିବାରୁ ଇପିଏସ୍ ଗୋଷ୍ଠୀ ସୋମବାର କାର୍ଯ୍ୟକ୍ରମ ଲାଗି ପୋଲିସ ସୁରକ୍ଷା ଲୋଡ଼ିଛନ୍ତି। ଗତବର୍ଷ ଜୟଲଲିଥାଙ୍କ ଶ୍ରାଦ୍ଧବାର୍ଷିକୀକୁ ପୋଲିସ ବିଗାଡ଼ିଦେଇଥିଲା ବୋଲି ଏଆଇଏଡିଏମ୍‌କେ ଏବଂ ଏଏମ୍‌ଏମ୍‌କେ କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ କରିଥିଲେ। ଏଥର ମାରିନା ବେଳାଭୂମିରେ ଶ୍ରାଦ୍ଧବାର୍ଷିକୀ ପାଳନ ବେଳେ ନେତାମାନଙ୍କୁ କଳା ଶାର୍ଟ ପିନ୍ଧି ରାଲିରେ ସାମିଲ ହେବାକୁ କୁହାଯାଇଛି।


ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ବରଗଡ଼ ଜିଲା ପାଇକମାଳ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ପିଙ୍କ୍ ବୁଥ୍‌ରେ ରବିବାର କେନ୍ଦ୍ରୀୟ ସୁରକ୍ଷା ବଳ ପଇଁତରା ମାରୁଛନ୍ତି।

# ପୂର୍ବତନ ଭାଜପା ବିଧାୟକ ଅଟକ

## ଟଙ୍କା ବାଣ୍ଟିବା ଅଭିଯୋଗ ହୋଇଥିଲା

ପଦ୍ମପୁର ୪।୧୨(ଡିଏନ ଏ)

ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର ଶେଷ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଅନ୍ୟ ଜିଲାରୁ ଆସିଥିବା ରାଜନୈତିକ ଅତିଥି, ପ୍ରଚାରକଙ୍କୁ ଶନିବାର ଅପରାହ୍ନ ୪ଟା ସୁଦ୍ଧା ପଦ୍ମପୁର ଅଞ୍ଚଳ ଛାଡିବାକୁ ନିର୍ଦ୍ଦେଶନାମା ଦିଆଯାଇଥିଲା। ତଦନୁସାରେ ବହୁ ରାଜନୈତିକ ବ୍ୟକ୍ତି ପଦ୍ମପୁର ଛାଡି ଚାଲିଯାଇଥିଲେ। ତେବେ ଜୁନାଗଡର ପୂର୍ବତନ ବିଧାୟକ ହିମାଂଶୁ ଶେଖର ମେହେର ରବିବାର ଲଖମରାଠାରେ ଥିବା ଖବର ପାଇ କେତେକ ଯୁବକ ସେଠାରେ ପହଞ୍ଚିଥିଲେ। ପ୍ରଶାସନର ଆଦେଶକୁ ବେଖାତିର କରିଥିବାରୁ ଉକ୍ତ ଯୁବକ ଏବଂ ମେହେରଙ୍କ ମଧ୍ୟରେ ବଚସା ହୋଇଥିଲା। ଏହିସମୟରେ ଜଗଦଲପୁର ଥାନାଧିକାରୀ ସୁଷମା କୁଅଁର ସଦଳବଳ ପହଞ୍ଚି ପୂର୍ବତନ ବିଧାୟକ ମେହେରଙ୍କୁ ଥାନାକୁ ନେଇଯାଇଥିଲେ। ସେଠାରେ ସମସ୍ତ କାଗଜପତ୍ର ଯାଞ୍ଚ ପରେ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରି ତାଙ୍କୁ ଛାଡି ଦିଆଯାଇଥିଲା। ସେହିପରି ସରେଇକେଲାରେ କେତେକ ରାଜନେତାଙ୍କ ଉପସ୍ଥିତି ପରିବେଶକୁ ଉଷ୍ମ କରିଥିଲା। ସେମାନଙ୍କୁ ମଧ୍ୟ ଥାନାରେ ଚୁକ୍ତିପତ୍ର ଲେଖି ଅଞ୍ଚଳରେ ନ ରହିବାକୁ ସତର୍କ କରାଯାଇଥିଲା। ସରେଇକେଲାରେ ବିଜେଡି କର୍ମୀ ଟଙ୍କା ବାଣ୍ଟିବା ନେଇ ଭାଜପା ଅଭିଯୋଗ କରିଥିବାବେଳେ ବିଜେଡି ମଧ୍ୟ ଅନୁରୂପ ଅଭିଯୋଗ କରିଛି। ଲଖମରାକୁ ପୂର୍ବତନ ବିଧାୟକ ହିମାଂଶୁ ଶେଖର ମେହେର ଟଙ୍କା ବାଣ୍ଟିବା ପାଇଁ ଆସିଥିବା ବିଜେଡି ଅଭିଯୋଗ କରିଛି। ରବିବାର ଟଙ୍କା ବଣ୍ଟାକୁ ନେଇ ଉଭୟ ଦଳ ମଧ୍ୟରେ କାଦୁଅ ଫିଙ୍ଗା ଚାଲିଥିବା ଦେଖିବାକୁ ମିଳିଥିଲା।


# Classified Everyday
0674-2580101, 2549949


REAL ESTATE

## SALE

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/- 950/-, ପ୍ଲଟ୍ ଦିଆଯାଉଛି। 9938016295. D-74159

**ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799.** D-2132

Commercial Cum residential gharabari plot for sale in Khurda Puri Road, just 2K.M. from Khurda Collector Office, Plot size-50'x112'. Contact Owner- 9439101373, 7750068828. D-2154

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158




"Only body massage & Steam-Bath. Contact at Trupti SPA-9861550765". D-2139

Newly open Spa positively health benefit with expert. Contact: 7749976301. D-73899

Newly open health benefits SPA special Offer @ 999/-, Nayapalli. 7846814019. D-73665

Newly open full body massage ladies and gents. 8327740003, 8093860513. D-74605

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit of Notary Public, Chandikhole on 2.12.2022 I, Shaikh Ramiz Raza, son of Shaikh Jamaluddin, vill-Nalipur,PO-Charinangal,PS-Balichandrapur, Dist-Jajpur. has change my name Shaikh Ramiz Raza to Shaikh Ramiz Raja. Which is one and same person. Hence, I will be known as Shaikh Ramiz Raja for all purposes. D-2164

## Award for Ph.D. in Microbiology



Somanath Behera, has been awarded with the degree of Ph.D. in Microbiology from Sambalpur University for his research work entitled "MOLECULAR CHARACTERISATION OF POST ANTIBIOTIC BACTERIAL SURVIVORS". Dr. Somanath did his research work under the guidance of Dr.(Mrs) Smaranika Pattnaik, School of Life Sciences, Sambalpur University, Jyoti Vihar. His thesis has been highly appreciated by Prof. Sailesh Kumar Jadhav, School of Studies in Biotechnology, Pandit Ravishankar Shukla University, Raipur and Prof. Ratan Gachhui, Dept. of Life Science & Biotechnology, Jadhavpur University, Kolkata. He is the only son of Sri Gouri Shankar Behera, Retd. High School Teacher and Smt. Ashabati Behera of Modipara, Sambalpur. Dr. Somanath Behera is now posted as Assistant Conservator of Forest in Titilagarh KL Division after clearing Odisha Forest Service conducted by O.P.S.C. For this achievement, Dr. Somanath sincerely acknowledges his immense gratitude to his guide, his parents, his sister Miss Sushree Sangeeta Behera, Teacher at Sri Ganesh Govt. High School, Dhanupali and other well-wishers and above all to the Almighty.

ଧ-୨୧୬୫

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଧ୍ରୁବଚରଣ ମହାନ୍ତି**

ପୋଖରୀପୁଟ, ଭୁବନେଶ୍ୱର

ଆବିର୍ଭାବ: ୦୩।୦୬।୧୯୨୩
ତିରୋଧାନ: ୦୭।୧୨।୨୦୧୧

ଆଜିର ଶ୍ରାଦ୍ଧ ଦିବସରେ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ତଥା ନୀତି, ଆଦର୍ଶ ଆମର ଚିର ସ୍ମରଣୀୟ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କର ପୁଅ: ମୁନା, ବୋହୂ: ରିନି, ଝିଅ: ରୁନି, ରୁକି ଓ ରେବା, ଜ୍ୱାଇଁ: ଗଗନ, ଅନିମେଷ ଓ ସୁବ୍ରତ, ନାତୁଣୀ ଓ ନାତି-ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍।

ଧ-୨୧୫୧

ଧରିତ୍ରୀ DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଏମ୍‌ସିଡି ନିର୍ବାଚନରେ ୫୦% ମତଦାନ

## ୭ରେ ଫଳାଫଳ

■ଭୋଟର ତାଲିକାରେ ନାଁ ନ ଥିବାରୁ ଫେରିଗଲେ ମତଦାତା

ନୂଆଦିଲ୍ଲୀ,୪।୧୨

ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ୭ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ୫ଟା ୩୦ରେ ମତଦାନ ଶେଷ ହୋଇଥିବାବେଳେ ପ୍ରାୟ ୫୦ପ୍ରତିଶତ ଭୋଟିଂ ହୋଇଥିବା ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ୨୦୧୭ ଏମ୍‌ସିଡି ନିର୍ବାଚନରେ ୫୩ ପ୍ରତିଶତ ମତଦାନ ହୋଇଥିଲା।

ଦିଲ୍ଲୀର ୨୫୦ ୱାର୍ଡ ଲାଗି ୧,୩୪୯ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ୧.୪୫ କୋଟିରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ମତଦାନ ପାଇଁ ୧୩,୬୩୮ଟି ଭୋଟକେନ୍ଦ୍ର କରାଯାଇଥିବାବେଳେ ସେଥିରୁ ୩,୩୬୦ ଜଟିଳ ଏବଂ ୪୯୩ଟି ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି। ତେବେ ଭୋଟ ବେଳେ କୌଣସି ଅପ୍ରୀତିକର ସ୍ଥିତି ଉପୁଜିଥିବାର ଖବର ମିଳିନାହିଁ। ଏଠାରେ ମୁଖ୍ୟତଃ ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ଭାଜପା ଏବଂ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଉଭୟ ଏଏପି ଏବଂ ଭାଜପା ବିଜୟୀ ହେବା ନେଇ ଦାବି କରିଛନ୍ତି। କେତେକ ବୁଥ୍‌ରେ ଭୋଟର ତାଲିକାରେ ନାଁ ନ ଥିବାରୁ ଅନେକ ଲୋକ ଭୋଟ ଦେଇ ନ ପାରି ଫେରିଯାଇଥିବା ଅଭିଯୋଗ ହୋଇଛି। ଅନ୍ୟ କେତେଜଣଙ୍କୁ ଏକାଧିକ ଥର ଭିନ୍ନ ଭିନ୍ନ ଭୋଟ କେନ୍ଦ୍ରକୁ ଯିବାକୁ କୁହାଯାଇଥିଲା। ଏମ୍‌ସିଡିର ତିନୋଟି ଡିଭିଜନର ମିଶ୍ରଣ ପରେ ପ୍ରଥମ ଥର ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି। ରାଜ୍ୟରେ ଭାଜପା କ୍ଷମତାରେ ନ ଥିଲେ ମଧ୍ୟ ୧୫ ବର୍ଷ ହେଲା ଏମ୍‌ସିଡିକୁ ଅକ୍ତିଆର କରିଆସିଛି। ଏଥର ନିର୍ବାଚନରେ ଭାଜପା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ କେତେଜଣ ମୁଖ୍ୟମନ୍ତ୍ରୀ ପ୍ରଚାର କରିଥିଲେ।


ଭାଜପା ଏମ୍‌ପି ଗୌତମ ଗମ୍ଭୀର ଓ ସ୍ତ୍ରୀ ନତାଶା ଜୈନ ଭୋଟ ଦେବା ପରେ ଆଙ୍ଗୁଠି ଦେଖାଉଛନ୍ତି।





## LOAN

ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
**M:8895873378**
**:7656825209**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ଭାରତ ଯୋଡୋ ଯାତ୍ରା ରବିବାର ସନ୍ଧ୍ୟାରେ ରାଜସ୍ଥାନରେ ପ୍ରବେଶ କରିଛି।

# କ୍ୱାର୍ଟରରେ ଆର୍ଜେଣ୍ଟିନା

**ଦୋହା,୪।୧୨(ପି.ଟି.)**

ଅଧିନାୟକ ଲିଓନେଲ ମେସିଙ୍କ ଗୋଲ ବଳରେ ଫିଫା ବିଶ୍ୱକପ୍ ୨୦୨୨ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଆର୍ଜେଣ୍ଟିନା। ମେସି ଓ ଜୁଲିଆନ୍ ଆଲଭାରେଜଙ୍କ ଗୋଲ ବଳରେ ୨-୧ରେ ଅଷ୍ଟ୍ରେଲିଆକୁ ପରାସ୍ତ କରଛି ଆର୍ଜେଣ୍ଟିନା। ୩୫ତମ ମିନିଟରେ ମେସି ଆର୍ଜେଣ୍ଟିନା ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ବାମ ପାର୍ଶ୍ୱରୁ ପାଶ୍ କରିବା ପରେ ନିଜେ ଦୁଇ ଜଣ ଡିଫେଣ୍ଡରଙ୍କୁ ପରାସ୍ତ କରି ସେ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ୫୭ ତମ ମିନିଟରେ ଜୁଲିଆନ ଆଲଭାରେଜ ଆଉ ଏକ ଗୋଲ ସ୍କୋର କରିଥିଲେ। ଅଷ୍ଟ୍ରେଲୀୟ ଗୋଲକିପର ମ୍ୟାଟ ରାୟାନଙ୍କ ଭୁଲର ଫାଇଦା ଉଠାଇଥିଲେ ଆଲଭାରେଜ୍। ୨-୦ରେ ପଛୁଆ ରହିବା ପରେ ଅଷ୍ଟ୍ରେଲିଆ ଘନ ଘନ ଆକ୍ରମଣ କରିଥିଲା। ୭୭ ତମ ମିନିଟରେ ଏଞ୍ଜୋ ଫର୍ନାଣ୍ଡେଜଙ୍କ ଆତ୍ମଘାତୀ ଗୋଲ ଅଷ୍ଟ୍ରେଲିଆକୁ ୨-୧ ସ୍ଥିତିକୁ ଆଣିଥିଲା। ଗୁଡୱିନଙ୍କ କ୍ରଶ୍ ଫର୍ନାଣ୍ଡେଜଙ୍କ ମୁଣ୍ଡରେ ବାଜି ପୋଷ୍ଟ ମଧ୍ୟକୁ ଯାଇଥିଲା। ୯୦+୭ ମିନିଟରେ ମାର୍ଟିନେଜଙ୍କ ସେଭ୍ କାରଣରୁ ଆର୍ଜେଣ୍ଟିନା କ୍ୱାର୍ଟରରେ ପ୍ରବେଶ କରିଥିଲା।

ମାରାଡୋନାଙ୍କ ରେକର୍ଡ ଭାଙ୍ଗିଲେ ମେସି: ଆର୍ଜେଣ୍ଟିନା କିମ୍ବଦନ୍ତୀ ଡିଏଗୋ ମାରାଡୋନାଙ୍କ ରେକର୍ଡ ଭାଙ୍ଗିଛନ୍ତି ମେସି। ବିଶ୍ୱକପରେ ଆର୍ଜେଣ୍ଟିନାର ସର୍ବାଧିକ ଗୋଲ ସ୍କୋରର ଭାବେ ସେ ମାରାଡୋନାଙ୍କୁ ପଛରେ ପକାଇଛନ୍ତି। ଆର୍ଜେଣ୍ଟିନା ମାରାଡୋନା ପକ୍ଷରୁ ୨୧ ବିଶ୍ୱକପ ମ୍ୟାଚରୁ ୮ଟି ଗୋଲ ସ୍କୋର କରିଥିବା ବେଳେ ମେସି ୨୩ ମ୍ୟାଚ ଖେଳି ୯ଟି ଗୋଲ ସ୍କୋର କରିଛନ୍ତି।


ରବିବାର ଫ୍ରାନ୍ସ ଓ ପୋଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଦର୍ଶକ ଆଉଟଫିଟ୍‌କୁ ନେଇ ମିଶ୍ର ପ୍ରତିକ୍ରିୟା


ଆରବୀୟ ପୋଷାକରେ ଦକ୍ଷିଣ କୋରିଆ ସମର୍ଥକ।

**ଦୋହା,୪।୧୨(ପି.ଟି.):** ଫିଫା ଫୁଟବଲ ବିଶ୍ୱକପ୍ ପାଇଁ ଫ୍ୟାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଥିବା ବେଳେ ବିଭିନ୍ନ ଦେଶରୁ ଲକ୍ଷ ଲକ୍ଷ ଫୁଟବଲ ଫ୍ୟାନ କାତାର ଆସୁଛନ୍ତି। ତେବେ ଚଳିତ ବିଶ୍ୱକପ୍‌ରେ ଫୁଟବଲ ଫ୍ୟାନଙ୍କ ଆଉଟ୍‌ଫିଟ୍(ପରିପାଟୀ)କୁ ନେଇ ଦେଖିବାକୁ ମିଳିଛି ମିଶ୍ର ପ୍ରତିକ୍ରିୟା। କେବଳ ନିଜ ଟିମ୍‌ର ଜର୍ସି ନୁହେଁ ବରଂ ଅନ୍ୟାନ୍ୟ ରଙ୍ଗବେରଙ୍ଗ କପଡା ପିନ୍ଧିଥିବା ଫ୍ୟାନଙ୍କ କାରଣରୁ ଦୋହା ବର୍ତ୍ତମାନ ଫ୍ୟାଶନ ଶୋ'ର ରନ ୱେ ଭଳି ପ୍ରତୀୟମାନ ହେଉଛି। ସମଲିଙ୍ଗୀମାନଙ୍କୁ ବିରୋଧ କାରଣରୁ ସପ୍ତରଙ୍ଗୀ ଡ୍ରେସକୁ ବ୍ୟାନ କରାଯାଇଛି। ତେବେ ବିଦେଶୀ ପୁରୁଷମାନଙ୍କ ପାଇଁ ଆରବ ଦେଶରେ ମୁଣ୍ଡ ଉପରେ ବାନ୍ଧୁଥିବା ଟୋପିର ଶୈଳୀ ଫ୍ୟାଶନର ପ୍ରମୁଖ ଅଙ୍ଗ ପାଲଟିଥିବା ବେଳେ ମହିଳାମାନେ ହିଜାବ ପିନ୍ଧୁଛନ୍ତି। ତେବେ ଫ୍ୟାନମାନଙ୍କ ପରିପାଟୀକୁ ଅନେକ କାତାର ନାଗରିକ ସମର୍ଥନ କରିଥିବା ବେଳେ କିଛି ଗୋଷ୍ଠୀଙ୍କ ମଧ୍ୟରେ ବିରୋଧାଭାସ ଦେଖିବାକୁ ମିଳିଛି। ମୁସଲିମ ବହୁଳ ଏହି କ୍ଷୁଦ୍ର ରାଷ୍ଟ୍ର ପ୍ରଥମ ଥର ପାଇଁ ବିଶ୍ୱକପ ଭଳି ବଡ ଟୁର୍ନାମେଣ୍ଟ ଆୟୋଜନ କରୁଛି। ସେହିପରି ଦକ୍ଷିଣ ଆଫ୍ରିକାର ଜଣେ ବ୍ୟକ୍ତି ଆରବ ଦେଶରେ ପିନ୍ଧୁଥିବା ଟୋପିରେ ୪ ଆଫ୍ରିକୀୟ ଦେଶର ଜାତୀୟ ପତାକାକୁ ସିଲାଇ କରିଥିଲେ। ଏପରି କରିବା ତାଙ୍କ ଦେଶରେ ବେଆଇନ ହୋଇଥିଲେ ମଧ୍ୟ କାତାରରେ ଏହାକୁ ପ୍ରଶଂସା କରାଯାଇଥିଲା। ଏପରି କି ବିଦେଶୀ ନାଗରିକମାନେ ଆରବୀ ଆଉଟଫିଟ୍ ପିନ୍ଧିବାକୁ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି।

## ଆଉ ଏକ ବିପର୍ଯ୍ୟୟ ଆଶାରେ ଦକ୍ଷିଣ କୋରିଆ

**ଦୋହା, ୪।୧୨ (ପି.ଟି.):** ଚଳିତ ବିଶ୍ୱକପର ଅନ୍ୟତମ ଟାଇଟଲ ଫେବରିଟ୍ ବ୍ରାଜିଲ ନିଜ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଦକ୍ଷିଣ କୋରିଆକୁ ଭେଟିବ। ଷ୍ଟାଡିୟମ ୯୭୪ରେ ଏହି ମ୍ୟାଚଟି ଖେଳାଯିବାକୁ ଥିବା ବେଳେ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିବ ଦକ୍ଷିଣ କୋରିଆ। ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ଦଳ ପର୍ତ୍ତୁଗାଲକୁ ପରାସ୍ତ କରିବା ସହିତ ବିଶ୍ୱକପରେ ଏକ ବିପର୍ଯ୍ୟୟ ଘଟାଇଥିଲା। ଅନ୍ୟପକ୍ଷରେ ବ୍ରାଜିଲ ମଧ୍ୟ ଏହାର ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ କାମେରୁନ୍ ଠାରୁ ପରାସ୍ତ ହୋଇଥିଲା। ତେବେ ବ୍ରାଜିଲ ପାଇଁ ନେମାର ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି। ଶନିବାର ସେ ସାମାନ୍ୟ ଅଭ୍ୟାସ କରିଥିଲେ ହେଁ ମ୍ୟାଚ୍ ଫିଟ ହୋଇନଥିବା କୁହାଯାଉଛି। ବ୍ରାଜିଲ ବିଗତ ୯ ସଂସ୍କରଣରେ ନକ୍‌ଆଉଟ ପ୍ରବେଶ କରୁଥିବା ବେଳେ ଦକ୍ଷିଣ କୋରିଆ ପାଇଁ ଏହା ଅପ୍ରତ୍ୟାଶିତ। ତେବେ ଦକ୍ଷିଣ କୋରିଆ ମିଳିଥିବା ସୁଯୋଗର ସମ୍ପୂର୍ଣ୍ଣ ଫାଇଦା ଉଠାଇବାକୁ ଚାହିଁବ। ୨୦୦୨ରେ ବିଶ୍ୱକପରେ ଦକ୍ଷିଣ କୋରିଆ ଥରେ ମାତ୍ର ସେମି ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଥିଲା। ଚଳିତ ବର୍ଷ ପୁନର୍ବାର ସମାନ ସଫଳତା ଦୋହରାଇବାକୁ ଦଳ ପ୍ରୟାସ କରିବ। ତେବେ ଦଳର ପ୍ରମୁଖ ଖେଳାଳି ହ୍ୱାଙ୍ଗ ଓ କିମ୍ ମିନ୍ ଜାଏ ଯଥାକ୍ରମେ ହାମଷ୍ଟ୍ରିଙ୍ଗ ଓ କାଫ୍ ମସଲ ଆଘାତ ଦେଇ ଗତି କରୁଛନ୍ତି।


ଟ୍ରେନିଂ ଅବସରରେ ସନ୍ ହ୍ୟୁଙ୍ଗ୍-ମିନ୍।

## ଇତିହାସ ସୃଷ୍ଟି ଲକ୍ଷ୍ୟରେ ଜାପାନ

**ଦୋହା, ୪।୧୨**

ଚଳିତ ଫିଫା ବିଶ୍ୱକପ୍‌ରେ ସୋମବାର ଅଲ୍ ଜନୌବ ଷ୍ଟାଡିୟମରେ ହେବାକୁଥିବା ପ୍ରି-କ୍ୱାର୍ଟର ଫାଇନାଲରେ କ୍ରୋଏସିଆକୁ ଭେଟିବ ଜାପାନ। ପୂର୍ବରୁ ଜାପାନ କେବେହେଲେ ବିଶ୍ୱକପ୍‌ର ରାଉଣ୍ଡ ଅଫ୍ ୧୬ ପର୍ଯ୍ୟାୟ ଅତିକ୍ରମ କରିପାରିନାହିଁ। ଏଥର ଯଦି କ୍ରୋଏସିଆକୁ ହରାଇପାରିବ ତେବେ ଇତିହାସ ସୃଷ୍ଟି କରିବ। କାତାର ଫିଫା ବିଶ୍ୱକପ୍‌ରେ ସବୁଠାରୁ ଚର୍ଚ୍ଚାରେ ରହିଥିବା ଦଳଗୁଡ଼ିକର ଯଦି ତାଲିକା ପ୍ରସ୍ତୁତ କରାଯାଏ ତେବେ ଶୀର୍ଷରେ ରହିବ ଜାପାନ। ଏହାର ଅନେକ କାରଣ ରହିଛି। ଗ୍ରୁପ୍ 'ଇ'ରେ ଏହି ଦଳ ସ୍ପେନ୍, ଜର୍ମାନୀ ଓ କୋଷ୍ଟାରିକା ସହିତ ସ୍ଥାନ ପାଇଥିଲା। ଜର୍ମାନୀ ୪ ଥର ଟାଇଟଲ ଜିତିଥିବାବେଳେ ସ୍ପେନ୍ ୨୦୧୦ର ଚାମ୍ପିୟନ। କୋଷ୍ଟାରିକା ୨୦୧୪ରେ କ୍ୱାର୍ଟର ଫାଇନାଲ ଖେଳି ସାରିଥିବା ଦଳ। ସେହି ତୁଳନାରେ ଦେଖିବାକୁ ଗଲେ ଜାପାନ କେବେହେଲେ ରାଉଣ୍ଡ ଅଫ୍ ୧୬ ଅତିକ୍ରମ କରି ପାରିନାହିଁ। ତେଣୁ ଗ୍ରୁପ୍‌ରେ ଅଣ୍ଡରଡଗ୍‌ଭାବେ ପଡ଼ିଆକୁ ଓହ୍ଲାଇଥିଲା ଏହି ଏସୀୟ ଦଳ। ମାତ୍ର ନଭେମ୍ବର ୨୩ରେ ଏହି ଦଳ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦଳ ଜାପାନକୁ ୨-୧ ଗୋଲରେ ହରାଇ ଚହଳ ପକାଇ ଦେଇଥିଲା। ତେବେ କୋଷ୍ଟାରିକାକୁ ହାଲୁକାଭାବେ ନେବା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଫଳରେ ଗୋଟିଏ ଗୋଲରେ ପରାଜୟ ସ୍ୱୀକାର କରିଥିଲା। ମାତ୍ର ଏଥିରୁ ଶିକ୍ଷାଲାଭ କରି ଦଳ ନିଜର ଶେଷ ଗ୍ରୁପ୍ ମ୍ୟାଚରେ ଯେପରି ସ୍ପେନ୍‌କୁ ହରାଇଲା ତାହା ଦେଖିବାର ଥିଲା। ସମସ୍ତ ଆକଳନକୁ ଭୁଲ ପ୍ରମାଣିତ କରି ଜାପାନ ଚଳିତ ବିଶ୍ୱକପର ନକ୍‌ଆଉଟରେ ପ୍ରବେଶ କଲା। କେବଳ ସେତିକି ନୁହେଁ ସ୍ପେନ୍‌କୁ ପଛରେ ପକାଇ ଗ୍ରୁପ୍‌ର ଶୀର୍ଷସ୍ଥାନ ମଧ୍ୟ ହାସଲ କଲା। ଜାପାନ ଓ କୋଷ୍ଟାରିକା ପରି ଦଳ ପଛରେ ପଡ଼ି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଲେ।

ଏବେ ଜାପାନ ସମ୍ମୁଖରେ ଅଛି କ୍ରୋଏସିଆ ହର୍ଡ଼ଲ୍ସ। ପୂର୍ବ ବିଶ୍ୱକପ୍ ପରି ଏଥର ମଧ୍ୟ କ୍ରୋଏସିଆ ପ୍ରଭାବୀ ପ୍ରଦର୍ଶନ କରି ନକ୍‌ଆଉଟରେ ପହଞ୍ଚିଛି। ମରକ୍କୋ ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ଏହି ଦଳ ଦ୍ୱିତୀୟ ମ୍ୟାଚରେ କାନାଡ଼ାକୁ ହରାଇ ନିଜ ପାଇଁ ପଥ ପରିଷ୍କାର କରିଥିଲା। ଶେଷ ମ୍ୟାଚରେ ବେଲ୍‌ଜିୟମ ବିପକ୍ଷରେ ପଏଣ୍ଟ ଭାଗକରି ଦଳ ଗ୍ରୁପ୍ 'ଏଫ୍'ର ଦ୍ୱିତୀୟ ଦଳଭାବେ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲା। ଗତ ବିଶ୍ୱକପରେ କ୍ରୋଏସିଆ ପ୍ରି-କ୍ୱାର୍ଟର ଫାଇନାଲରେ ପେନାଲ୍ଟି ଶୁଟ୍‌ଆଉଟ ୩-୨ ଗୋଲରେ ଡେନମାର୍କକୁ ହରାଇଥିବାବେଳେ କ୍ୱାର୍ଟର ଫାଇନାଲରେ ରୁଷିଆକୁ ପେନାଲ୍ଟି ୪-୩ରେ ପରାସ୍ତ କରିଥିଲା। ସେମିଫାଇନାଲରେ ଦଳ ଇଂଲଣ୍ଡକୁ ଅତିରିକ୍ତ ସମୟରେ ୨-୧ ଗୋଲରେ ହରାଇ ପ୍ରଥମଥରପାଇଁ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା। ସେଠାରେ ଫ୍ରାନ୍ସଠାରୁ ହାରି ଯାଇଥିଲେ ହେଁ ଏହି ଅଭିଜ୍ଞତା ନିଶ୍ଚିତ ଦଳ ପାଇଁ ଉପାଦେୟ ହେବ। ତେଣୁ ଆଗାମୀ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ପୂର୍ବାନୁମାନ କରାଯାଉଛି।

**ଫିଫା ବିଶ୍ୱକପ**
**(ଆଜିର ମ୍ୟାଚ)**
**ଜାପାନ ବନାମ କ୍ରୋଏସିଆ**
ସ୍ଥାନ: ଅଲ ଜନୌବ ଷ୍ଟାଡିୟମ,
ସମୟ: ରାତି ୮.୩୦
**ବ୍ରାଜିଲ ବନାମ ଦକ୍ଷିଣ କୋରିଆ**
ସ୍ଥାନ: ଷ୍ଟାଡିୟମ ୯୭୪
ସମୟ: ରାତି ୧୨.୩୦

**ଅନ୍ୟ ଖେଳ ଖବର**

## କେବଳ ମେସି ନୁହନ୍ତି


ଜର୍ଜ ବୁରୁଚାଗା

ଅଷ୍ଟ୍ରେଲିଆକୁ ୨-୧ ଗୋଲରେ ପରାସ୍ତ କରି ଆର୍ଜେଣ୍ଟିନା କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଦଳର ମୁଖ୍ୟ ଖେଳାଳି ଲିଓନେଲ ମେସିଙ୍କ ଆକର୍ଷଣୀୟ ଗୋଲ ଦଳର ବିଶ୍ୱକପ୍ ସ୍ୱପ୍ନକୁ ଉଜ୍ଜୀବିତ ରଖିଛି। ପ୍ରଫେସନାଲ ଫୁଟବଲରେ ମେସିଙ୍କର ଏହାଥିଲା ୧,୦୦୦ତମ ମ୍ୟାଚ। ଆର୍ଜେଣ୍ଟିନା ଅଧିନାୟକ ଭାବେ ଏହାଥିଲା ତାଙ୍କର ୧୦୦ତମ ମ୍ୟାଚ। ପ୍ରତିଯୋଗିତାରେ ଶୁକ୍ରବାର ସେମାନଙ୍କୁ ଆଉ ଏକ ବାଧା ନେଦରଲାଣ୍ଡ୍ସକୁ ଅତିକ୍ରମ କରିବାକୁ ପଡ଼ିବ। ସତୁରି ଦଶକ ଆରମ୍ଭରେ ଆର୍ଜେଣ୍ଟିନା ମେକ୍ସିକୋ ବିଶ୍ୱକପ୍‌କୁ ଅଳ୍ପକେ ଯୋଗ୍ୟତା ହାସଲରୁ ବଞ୍ଚିତ ହୋଇଥିଲା। ୭୪ ମସିହା ବିଶ୍ୱକପ୍‌ରେ ଆର୍ଜେଣ୍ଟିନାର ପ୍ରଦର୍ଶନ ଭଲ ନ ଥିଲା। ତେବେ ଦଳ ୭୮ ଓ ୮୬ ମସିହାରେ ଚାମ୍ପିୟନ ହୋଇ ପାରିଥିଲା। ଫଳାଫଳ ଦୃଷ୍ଟିରୁ ଇତିହାସରେ ଆର୍ଜେଣ୍ଟିନାର ଏହାଥିଲା ଶ୍ରେଷ୍ଠ ପ୍ରଦର୍ଶନ। ଇତିହାସ ଦୋହରାଇବା ପାଇଁ ଏବେ ସମଗ୍ର ଆର୍ଜେଣ୍ଟିନା ସ୍ୱପ୍ନ ଦେଖୁଛି। ମ୍ୟାଚ ସହଜ ହେବ ନାହିଁ ବୋଲି ଶନିବାର ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରଦର୍ଶନ ଜରିଆରେ ଆରମ୍ଭରୁ ସୂଚାଇ ଦେଇଥିଲା। ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ମଧ୍ୟରେ କେହି ଆକ୍ରମଣାତ୍ମକ ନ ଖେଳିବାରୁ ବୋରିଂ ଲାଗିଥିଲା। ଏହି ପର୍ଯ୍ୟାୟରେ କେବଳ ମେସିଙ୍କ ଗୋଲ୍ ଉଲ୍ଲେଖନୀୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କୋଚ୍ ଲିଓନେଲ ସ୍କୋଲାନି ୫ ଡିଫେଣ୍ଡର ମୁତୟନ କରିଥିଲେ। ଦଳରେ ସେ ଲିସାଣ୍ଡ୍ରୋ ମାର୍ଟିନେଜକୁ ସାମିଲ କରିଥିଲେ। ଡିଲ ପଲ୍ ଓ ଜୁଲିଆନ ଆଲଭାରେଜଙ୍କ ବିପକ୍ଷରେ ଅଷ୍ଟ୍ରେଲିଆ ଗୋଲକିପର ତ୍ରୁଟି କରି ବସିବା ପର୍ଯ୍ୟନ୍ତ କୌଣସି ଫଳ ମିଳି ନ ଥିଲା। ଆର୍ଜେଣ୍ଟିନା ପକ୍ଷରୁ ଦ୍ୱିତୀୟ ଗୋଲ୍ ସ୍କୋର କରିବାରେ ଆଲଭାରେଜ ସଫଳ ହୋଇଥିଲେ। ଏଥିସହିତ ଆର୍ଜେଣ୍ଟିନା ବିପକ୍ଷ ଦଳ ଉପରେ ଚାପ ସୃଷ୍ଟି କରିପାରିଥିଲା। ଦ୍ୱିତୀୟାର୍ଦ୍ଧରେ ମେସିଙ୍କ ଠାରୁ ଉଚ୍ଚକୋଟୀର ଖେଳ ଦେଖିବାକୁ ମିଳିଥିଲା। ଅଷ୍ଟ୍ରେଲିଆ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମ୍ୟାଚ ପରେ ମୁଁ କହିପାରେ ଆର୍ଜେଣ୍ଟିନା ଦଳ ପାଇଁ ମେସି ଏକା ନାହାନ୍ତି, ଜୁଲିଆନ ଆଲଭାରେଜ, ମ୍ୟାକ ଅଲିଷ୍ଟର ଓ ଅନ୍ୟମାନେ ଅଛନ୍ତି। ଚାପରେ ଥିବା ବେଳେ ଆର୍ଜେଣ୍ଟିନା ଡିଫେନ୍ସର ଦୁର୍ବଳତା ଦେଖିବାକୁ ମିଳିଛି। ପରବର୍ତ୍ତୀ ମ୍ୟାଚରେ ଏହି ସମସ୍ୟାକୁ ସ୍କୋଲାନି ଦୂର କରିଦେବେ ବୋଲି ମୋର ବିଶ୍ୱାସ। ବିଶ୍ୱକପ୍‌ରେ ସବୁ କିଛି ସମ୍ଭବ। ଏଥିରେ ଗୋଲ୍ ସ୍କୋର ଓ ଦୁର୍ଘଟଣା ଦେଖିବାକୁ ମିଳେ। ଏଥିରେ ମ୍ୟାଚ ଜିତିବା ସହଜ ନୁହେଁ। ଗୋଟିଏ ତ୍ରୁଟି ପାଇଁ ଟୁର୍ନାମେଣ୍ଟରୁ ବିଦା ହେବାକୁ ପଡ଼ିଥାଏ। ଆର୍ଜେଣ୍ଟିନା ୭ଟି ମ୍ୟାଚ ଖେଳିବା ଲାଗି କାତାର ଆସିଛି। ଇତିମଧ୍ୟରେ ଦଳ ୪ଟି ଗେମ୍ ଖେଳିସାରିଛି। ନେଦରଲାଣ୍ଡ୍ସ ବିପକ୍ଷରେ ଆର୍ଜେଣ୍ଟିନା ୫ମ ମ୍ୟାଚ ଖେଳିବ। ମେସିଙ୍କର ସମ୍ଭବତଃ ଏହା ଶେଷ ବିଶ୍ୱକପ୍। ତାଙ୍କୁ ବର୍ତ୍ତମାନ ୩୫ ବର୍ଷ ବୟସ। ତେଣୁ ସେ ବିଶ୍ୱକପ୍ ଜିତିବା ଲାଗି ଦୃଢ ଆଶା ପୋଷଣ କରିଥିଲେ। ଲିଓ ଓ ଆର୍ଜେଣ୍ଟିନାକୁ ବିଶ୍ୱକପ୍ ସମଗ୍ର ଦେଶ ସ୍ୱପ୍ନ ଦେଖୁଛି।

-(ଟିଭାକ ସ୍ପୋର୍ଟ୍ସ)


ଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସବଜୁନିୟର କରାଟେରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

## ଜାତୀୟ ସାମ୍ବୋରେ ଓଡ଼ିଶାକୁ ୫ ପଦକ


ଓଡ଼ିଶା ପ୍ରତିଯୋଗୀଙ୍କ ସହ କୋଚ୍ ବିଭୂତି ଭୂଷଣ ବେହେରା।

**ଭୁବନେଶ୍ୱର, ୪।୧୨ (କ୍ରୀଡ଼ା ପ୍ରତିନିଧି):** ଜମ୍ମୁସ୍ଥିତ ଭଗବତୀ ନଗର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ସାମ୍ବୋ (ମାର୍ଶାଲ ଆର୍ଟର ଏକ ଷ୍ଟାଇଲ) ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ମୋଟ ୫ଟି ପଦକ ହାସଲ କରିଛି। ଏହା ମଧ୍ୟରେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ସାମିଲ। ସୁପ୍ରିୟା କୁମାରୀ ଦାଶ ୪୭ କେଜି ୧୦ରୁ ୧୨ ବର୍ଷ ବର୍ଗ ଏବଂ ମହମ୍ମଦ ୟାଶ୍ ଖାଁ ୭୧ କେଜି ୧୬ରୁ ୧୮ ବର୍ଷ କମ୍ବାଟ ସାମ୍ବୋରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ମହମ୍ମଦ ଦକ୍ଷ ଖାଁ ୫୧ କେଜି ୧୪ରୁ ୧୬ ବର୍ଷ ଓ ମହମ୍ମଦ ୟାଶ୍ ଖାଁ ୭୧ କେଜି ୧୬ରୁ ୧୮ ବର୍ଷ ବାଳକରେ ରୌପ୍ୟ ପଦକ ଏବଂ ଆର୍ଯ୍ୟନ ଶର୍ମା ୪୫ କେଜି ୧୦ରୁ ୧୨ ବର୍ଷ ବାଳକରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ସାମ୍ବୋ ଆସୋସିଏଶନର ସଭାପତି ତଥା ଅନ୍ତର୍ଜାତୀୟ ଖେଳାଳି ବିଭୂତି ଭୂଷଣ ବେହେରା କୋଚ୍ ଏବଂ ଜିତେନ୍ଦ୍ର ମିଶ୍ର ମ୍ୟାନେଜର ଭାବେ ଦଳ ସହ ରହିଥିଲେ। ପ୍ରତିଯୋଗିତା ଅବସରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଜଜ୍ ଓ ରେଫରି ସେମିନାରରେ ବିଭୂତି ଅଂଶଗ୍ରହଣ କରିଥିଲେ।

## ଓଡ଼ିଶାକୁ ୧୨ ପଦକ

**ଭୁବନେଶ୍ୱର,୪।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ଦିଲ୍ଲୀର ତାଲକୋଟରା ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସବ ଜୁନିୟର କରାଟେ ପ୍ରତିଯୋଗିତାରେ ଓଡ଼ିଶା ୧୨ ପଦକ ହାସଲ କରିଛି। ଓଡ଼ିଶା ପ୍ରତିଯୋଗୀ ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୧ ବର୍ଷର କୁମିତେ ବର୍ଗରେ ସୁରଭି ପଣ୍ଡା ଓ ୧୨ ବର୍ଷ ବ୍ୟକ୍ତିଗତ କାଟା ବର୍ଗର ଆଲିସା ସୁବୁଦ୍ଧି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୬ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଆକାଙ୍କ୍ଷା ମହାନ୍ତି, ୭ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଅର୍ନିଦିତା ସ୍ୱାଇଁ, ୯ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଓରଜା ସାମନ୍ତ, ୧୦ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଆଲିସା ଚୌହାନ, ୧୩ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଫାତିମା ପରଭେଜ୍ ଓ ୧୨ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ପ୍ରିୟଦର୍ଶିନୀ ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି। ୧୦ ବର୍ଷର କୁମିତେ ବର୍ଗରେ ଲିନ୍ସି ସିଂ(୩୦ କିଗ୍ରା), ୮ ବର୍ଷର କୁମିତେ ବର୍ଗରେ ରାଜେଶ୍ୱରୀ ସିଂ (୩୦ କିଗ୍ରା), ୧୨ ବର୍ଷର କୁମିତେ ବର୍ଗରେ ଆର୍ଯ୍ୟା ବଂଶିକା(୫୦ କିଗ୍ରା) ଓ ୧୩ ବର୍ଷର କୁମିତେ ବର୍ଗରେ କାଜଲ ଆଚାର୍ଯ୍ୟ(୫୦ କିଗ୍ରା) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଦକ ବିଜେତା ପ୍ରତିଯୋଗୀ ମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, କୋଚ ହରି ପ୍ରସାଦ ପଟ୍ଟନାୟକ ଓ ଅନ୍ୟାନ୍ୟ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ଦିନିକିଆ ଦଳରୁ ରିଲିଜ ହେଲେ ପନ୍ତ

**ମୀରପୁର, ୪।୧୨ (ପି.ଟି.):** ରବିବାରଠାରୁ ଆରମ୍ଭ ହୋଇଥିବା ବାଂଲାଦେଶ ବିପକ୍ଷ ୩ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରୁ ଉଇକେଟକିପର-ବ୍ୟାଟର ରିଷଭ ପନ୍ତଙ୍କୁ ରିଲିଜ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍‌ର ପରାମର୍ଶ ପରେ ଏହି ପଦକ୍ଷେପ ନିଆଯାଇଛି। ଟେଷ୍ଟ ସିରିଜ ଆରମ୍ଭ ହେବା ପୂର୍ବରୁ ସେ ଦଳ ସହିତ ଯୋଗ ଦେବେ। ତାଙ୍କ ବଦଳରେ ଅନ୍ୟ କୌଣସି ଖେଳାଳିଙ୍କୁ ନିଆଯିବ ନାହିଁ।


**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**
**Tender Notice No. TPWODL/TP/O/SU/ 130**

TP Western Odisha Distribution Limited, invites quotations (in 2part) from eligible vendors/suppliers for the following package :

**Supply of 7/8 SWG GI Stranded Wire.**

Interested bidders to submit Tender Participation Fee and Authorization Letter by email on or before **12th December 2022, 15:00Hrs,** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

GOVERNMENT OF ODISHA
OFFICE OF THE SUPERINTENDING ENGINEER
**RURAL WORKS DIVISION-I, MALKANGIRI**
NATIONAL COMPETITIVE BIDDING THROUGH e-Procurement
**Identification No. Online Tender 04/RWD-I, MKG/2022-23 dt. 25.11.2022**
No.O-1366

1. Name of the work : Building works (Repair & New construction work Detailed in Annexure). 2. Total Number of Works : 20 (Twenty) Numbers. 3. Tender Cost : Rs. 1.26 Lakhs to Rs. 79.13 Lakhs. 4. Class of Contractor : 'B', "C" & "D" Class contractors. 5. Period of Completion : (As Per Detailed in Annexure). 6. Other Details: -

| Procurement Officer | Bid Identification No. | No. of Works | Availability of tender online for bidding | | Last date & time of seeking tender clarification | Date and time of opening of tender (Single Cover) |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender- 04/ RWD-I, MKG / 2022-23 | 20 (Twenty) Nos. buildings works | 12.12.2022 from 11.00 A.M. | 19.12.2022 upto 5.00 P.M. | 17.12.2022 upto 5.00 P.M. | Bid opening- 20.12.2022 at 11.00 A.M. |

Further details can be seen from the website www.tenderorissa.gov.in

**Sd./- Executive Engineer, R.W. Division-I, Malkangiri**
OIPR-25058/11/0006/2223

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
**AT/PO- NAYABAZAR, CUTTACK-753004, Tel.No. 0671-2444488,**
**Email: serw_kpd@yahoo.com**
**No.Tender Online RCK-34/22 Letter No. 3000 Date: 28.11.22**
No.O-1368
**e-Procurement NOTICE**

1. Name of the work: Building works in the district of Kendrapara-Jajpur for the year 2022-23. 2. Class of contractor: As specified in the Column-5 of the Annexure. 3. Time for completion: As specified in the Column-6 of the Annexure. 4. Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara - Jajpur | Tender Online RCK-34/22 | 12.12.2022 at 11.30 A.M. | 26.12.2022 to 05.00 P.M. | 26.12.2022 upto 02.00 P.M. | 27.12.2022 at 11.30 A.M. | Will be intimated later on |

Further details can be seen from the website **www.tendersodisha.gov.in**

**Sd./- Chief Construction Engineer**
**Rural Works Circle, Kendrapara-Jajpur**
OIPR-25129/11/0039/2223



# ଅଭିମାନୀ କରୀନା

**ମୁମ୍ବାଇ:** ବଲିଉଡ୍ ଇଣ୍ଡଷ୍ଟ୍ରିରେ କରୀନା କପୁର ଖାନ୍‌ଙ୍କ ଅଭିନୟଠାରୁ ଆରମ୍ଭ କରି ତାଙ୍କ ଆଉଟ୍ ଫିଟ୍‌କୁ ନେଇ ଅନେକ ସମୟରେ ସେ ଚର୍ଚ୍ଚାରେ ରୁହନ୍ତି। ନିକଟରେ କରୀନା ଓ ସ୍ୱାମୀ ସୈଫ ଅଲ୍ଲୀ ଖାନ୍ ସାଉଦି ଆରବର ଜେଦାହରେ ଅନୁଷ୍ଠିତ ରେଡ୍ ସି ଫେଷ୍ଟିଭାଲରେ ଯୋଗ ଦେଇଥିଲେ। ଦୁହିଁଙ୍କ ଗେଟ୍‌ଅପ୍ ନେଇ ସମସ୍ତେ ସେମାନଙ୍କ ପ୍ରଶଂସା କରିଥିଲେ। ତେବେ ରେଡ୍ କାର୍ପେଟରେ ଦୁହେଁ ଏକାଠି ଥିବାବେଳେ କିଛି ଖବରଦାତା ତାଙ୍କୁ ପ୍ରଶ୍ନ କରିଥିଲେ ଯେ, ଫିଲ୍ମ ଜଗତରେ ମହିଳାମାନଙ୍କ ଗୁରୁତ୍ୱ କେତେ। ଏହାର ଉତ୍ତରରେ ସୈଫ ଅଲ୍ଲୀ ତାଙ୍କ ମା' ଶର୍ମିଳା ଟାଗୋରଙ୍କ କଥା କହିଥିଲେ। କିନ୍ତୁ ସ୍ତ୍ରୀ କରୀନାଙ୍କ ନାଁ ନେଇ ନ ଥିଲେ। ଏହାପରେ କରୀନା ସୈଫଙ୍କୁ ରାଗଭରା ଚାହାଣିରେ ଦେଖିଥିଲେ। ପରେ ସୈଫ ବିଷୟବସ୍ତୁକୁ ବଦଳାଇ ଦେଇଥିଲେ। କରୀନା ଶେଷଥର ପାଇଁ ବଲିଉଡ୍ ଫିଲ୍ମ ଲାଲ୍ ସିଂ ଚଢ଼ାରେ ଆମୀର ଖାନ୍‌ଙ୍କ ସହ ନଜରକୁ ଆସିଥିଲେ।

# ଚକ୍ଷୁ ରୋଗ ଚିହ୍ନଟ କରିବ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ

ଲଣ୍ଡନ

ମନୁଷ୍ୟ ଶରୀରରେ ଆଖି ହେଉଛି ଅମୂଲ୍ୟ ସମ୍ପଦ। ଆଖି ସାହାଯ୍ୟରେ ମଣିଷ ବହୁତକିଛି ଦେଖିପାରୁଛି। ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ ମଧ୍ୟ କରେ। ଅନେକ ସମୟରେ ଦେଖିବାକୁ ମିଳିଛି, ଆଖିରେ ହେଉଥିବା ସଂକ୍ରମଣ ବା ରୋଗ ବିଷୟରେ ବହୁ ବିଳମ୍ବରେ ଜଣାପଡେ। କିନ୍ତୁ ସେତେବେଳକୁ ତାହା ବଡ଼ ରୂପ ନେଇସାରିଥାଏ। ତେବେ ଚକ୍ଷୁ



ଇନ୍‌ଫେକ୍ସନ ସମ୍ପର୍କରେ ଜାଣିବା ଏଣିକି ସହଜ ହେବ। ଏହା କେବଳ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ ଜରିଆରେ ହିଁ ସମ୍ଭବ। ଭାରତ ଓ ବ୍ରିଟେନ ବୈଜ୍ଞାନିକମାନେ ମିଳିତ ଭାବେ ଏହି ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ ତିଆରି କରିଛନ୍ତି। ଆଖିରେ ଫଙ୍ଗାଲ ଇନ୍‌ଫେକ୍ସନର ମାତ୍ରା ବୃଦ୍ଧି ପାଇଥିବାବେଳେ ଏହି ରୋଗକୁ ଚିହ୍ନଟ କରିବ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ।

ଶେଫିଲ୍ଡ ୟୁନିଭର୍ସିଟି, ବ୍ରାଡଫୋର୍ଡ ୟୁନିଭର୍ସିଟି ଏବଂ ଭାରତର ଏଲ୍‌ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନ ମିଳିତ ଭାବେ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ ତିଆରି କରିଛନ୍ତି। ମାଇକ୍ରୋବାୟାଲ କେରାଟିଟିସ୍, ଯାହା ଦ୍ୱାରା ରୋଗୀ ଅନ୍ଧ ହେବାର ଆଶଙ୍କା ରହିଥାଏ। ଅଧିକାଂଶ ଲୋକଙ୍କଠାରେ ଦେଖାଯାଉଥିବା ଏହି ରୋଗର ଚିହ୍ନଟ ଉନ୍ନତ ଟେକ୍ନୋଲୋଜିରେ ତିଆରି ସ୍ମାର୍ଟ ଲେନ୍ସ ଦ୍ୱାରା କରାଯାଇ ପାରିବ ବୋଲି ଡା. ପ୍ରଶାନ୍ତ ଗାର୍ଗ କହିଛନ୍ତି। ଆଖିରେ ବ୍ୟାକ୍ଟେରିଆ ଓ ଫଙ୍ଗାଲର ଚିହ୍ନଟ ମଧ୍ୟ ସମ୍ଭବପର। ଭାରତରେ ମ୍ୟୁକୋମାଇକୋସିସ୍ ଦ୍ୱାରା ଏକାଧିକ ରୋଗୀଙ୍କ ମୃତ୍ୟୁ ହେଉଥିବାବେଳେ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ ଏହାକୁ ଦୂର କରିବାର ସମ୍ଭାବନା ଥିବା କୁହାଯାଉଛି।

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଏହାର ଅଗଣିତ ପାଠିକା ଓ ପାଠକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଆସନ୍ତୁ ସମସ୍ତେ ମିଶି ଚୌଦ୍ୱାର ସହରକୁ ସରସ ସୁନ୍ଦର କରି ଗଢ଼ି ତୋଳିବା।
ଶୁଭେନ୍ଦୁ ସାମଲ
ଉପାଧ୍ୟକ୍ଷ, ଚୌଦ୍ୱାର ପୌରପରିଷଦ ତଥା ଜିଲା ସମ୍ପାଦକ, ବିଜୁ ଜନତା ଦଳ

ଅଭିନନ୍ଦନ
ଦୈନିକ ଖବରକାଗଜ ଅତି ଲୋକପ୍ରିୟ ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ସମସ୍ତ ଧରିତ୍ରୀ ପରିବାରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ଓ ଶୁଭକାମନା ।
ମୁକୁନ୍ଦ ଚରଣ ମଲ୍ଲିକ
ସଭାପତି, ମାଳଦା ସେବା ସମବାୟ ସମିତି, ଭଣ୍ଡାରୀପୋଖରୀ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ ଭଦ୍ରକ ଜିଲ୍ଲାର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶୁଭେନ୍ଦୁ ରାୟମହାପାତ୍ର
ପୂର୍ବତନ ସାଧାରଣ ସମ୍ପାଦକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ହେମନ୍ତ ପାଢ଼ୀ
ଜିଲ୍ଲା ଭାଜପା ସଭାପତି, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ ଭଦ୍ରକ ପୌରପାଳିକାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଗୁଲମକ୍କୀ ଦଲୱାଜୀ ହବିବ
ଅଧକ୍ଷା, ଭଦ୍ରକ ପୌରପାଳିକା

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ ଭଦ୍ରକ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଅଶୋକ ପରିଜା (ମଣ୍ଟୁ)
ଜିଲ୍ଲା ଉପସଭାପତି, ଭାଜପା

ଅଭିନନ୍ଦନ
ଦୈନିକ ଖବରକାଗଜ ଅତି ଲୋକପ୍ରିୟ ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀର ଜନସାଧାରଣ ଓ ସମସ୍ତ ଧରିତ୍ରୀ ପରିବାରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ,ଶୁଭେଚ୍ଛା ଓ ଶୁଭକାମନା ।
ବଦ୍ରି ନାରାୟଣ ଧଳ
ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାନସଭା ନେତା,ଭଣ୍ଡାରୀପୋଖରୀ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାର ଓ ସମସ୍ତ ପାଠକ ପାଠିକା ଏବଂ ଭଦ୍ରକ ଜିଲ୍ଲାର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ସୀତାଂଶୁ ଶେଖର ମହାପାତ୍ର
ସମାଜସେବୀ ତଥା ଆବାହକ, ଶହୀଦ ଭଗତସେନା, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା, ସମସ୍ତ ଗୋପାଳକ ଓ ଚାଷୀଭାଇଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଶୀତଦିନରେ ପଶୁପକ୍ଷୀଙ୍କ ଯତ୍ନ ପାଇଁ ଚିକିତ୍ସା ବିଭାଗର ପରାମର୍ଶ ନେବାକୁ ଅନୁରୋଧ ।
ଡା.ନିରାକାର ଜେନା
ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ, ତିହିଡି,ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଅତି ଲୋକପ୍ରିୟ ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ସମସ୍ତ ଧରିତ୍ରୀ ପରିବାରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ଓ ଶୁଭକାମନା ।
କୃଷ୍ଣଚନ୍ଦ୍ର ବେହେରା
ସମାଜସେବୀ ତଥା ଯାଦବନେତା, ଚୁନିଦା, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଅତି ଲୋକପ୍ରିୟ ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀର ଜନସାଧାରଣ ଓ ସମସ୍ତ ଧରିତ୍ରୀ ପରିବାରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ଓ ଶୁଭକାମନା ।
ଇଂ ପ୍ରୟାସକାନ୍ତି ସାମଲ
ରାଜ୍ୟ ସମ୍ପାଦକ,ବିଜୁ ଜନତା ଦଳ ବିଧାୟକଙ୍କ ପ୍ରତିନିଧି,ଭଣ୍ଡାରୀପୋଖରୀ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ ଭଦ୍ରକ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ଉର୍ମିଳା ନାୟକ
ବ୍ଲକ ଅଧକ୍ଷା, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ ଭଦ୍ରକ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ପ୍ରବୀର ଜେନା
ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ,ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଅତି ଲୋକପ୍ରିୟ ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ସମସ୍ତ ଧରିତ୍ରୀ ପରିବାରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ଓ ଶୁଭକାମନା ।
ଉତ୍କଳ କେଶରୀ ମହାନ୍ତି
ଜିଲ୍ଲା ପରିଷଦ ସଭ୍ୟ,୨୪ ନଂ.ଜୋନ୍, ଭଣ୍ଡାରୀପୋଖରୀ

# ‘ପିଏମ୍ଏଫ୍‌ବିୱାଇ କାର୍ଯ୍ୟକାରୀ କରିବ ଏଚ୍‌ଡିଏଫ୍‌ସି ଏଗ୍ରୋ’

ନୂଆଦିଲ୍ଲୀ,୪।୧୨

ଓଡ଼ିଶାର କୃଷକମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍ଏଫ୍‌ବିୱାଇ)କୁ ଏଚ୍‌ଡିଏଫ୍‌ସି ଏଗ୍ରୋ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ କାର୍ଯ୍ୟକାରୀ କରିବ ବୋଲି ଜଣାପଡ଼ିଛି। ବିଶେଷକରି ଏଚ୍‌ଡିଏଫସି ଏଗ୍ରୋ ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ବିଭିନ୍ନ ଜିଲା ଯଥା ବରଗଡ଼, ଭଦ୍ରକ, ଦେବଗଡ଼, ଗଜପତି, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଏବଂ ନବରଙ୍ଗପୁର ଜିଲାଗୁଡ଼ିକର ଋଣ ଗ୍ରହଣ କରିଥିବା ଚାଷୀ ଏବଂ ଋଣ ଗ୍ରହଣ କରି ନ ଥିବା ଚାଷୀମାନଙ୍କ ପାଇଁ ପିଏମ୍ଏଫବିୱାଇ କାର୍ଯ୍ୟକାରୀ କରିବାକୁ ଯାଉଛି। ଏପରିକି ଉକ୍ତ ସ୍କିମ୍ ରାଜ୍ୟର ବିଭିନ୍ନ ଜିଲାରେ ଓଡ଼ିଶା ସରକାରଙ୍କ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଧାନ, ବାଦାମ, ବିରି, ମୁଗ, ଆଖୁ ଇତ୍ୟାଦି ଭଳି ବିଭିନ୍ନ ପ୍ରକାର ଫସଲ ପାଇଁ କାର୍ଯ୍ୟକାରୀ ସାଙ୍ଗକୁ ଫସଲ କଟ୍ ଅଫ୍ ତାରିଖ ମଧ୍ୟ ପ୍ରଦାନ କରାଯାଇଛି। ସେହିଭଳି ପିଏମ୍ଏଫବିୱାଇ ଯୋଜନା କୃଷକମାନଙ୍କୁ ମରୁଡ଼ି, ବନ୍ୟା, ଶୁଖିଲା, ଭୂସ୍ଖଳନ, ଘୂର୍ଣ୍ଣିବଳୟ, କୁଆପଥର, ଜଳମଗ୍ନ, କୀଟ, ରୋଗ ଏବଂ ଅନ୍ୟାନ୍ୟ ବିଭିନ୍ନ ବାହ୍ୟ ଉପାଦରୁ ଉତ୍ପନ୍ନ ଫସଲ ଅମଳରେ କ୍ଷତି ସମ୍ବନ୍ଧିତ ବୀମା ପ୍ରଦାନ କରିଥାଏ। ଏପରିକି ଅମଳରେ ହେଉଥିବା କ୍ଷତିକୁ ଚିହ୍ନଟ କରିବା ପାଇଁ ରାଜ୍ୟ ସରକାର ଏହି ଯୋଜନା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ଫସଲ ନିମନ୍ତେ ଫସଲ କାଟିବା ପରୀକ୍ଷଣ (ସିସିଇ) ଯୋଜନା ପରିଚାଳନା କରିବେ।

# ନଭେମ୍ବରରେ ସ୍କୋଡାର ୪୪୩୩ କାର୍ ବିକ୍ରି

ନୂଆଦିଲ୍ଲୀ,୪।୧୨

**୨୦୨୨ ନଭେମ୍ବରରେ ୧୦୨% ଅଭିବୃଦ୍ଧି**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ‘ସ୍କୋଡା ଅଟୋ ଇଣ୍ଡିଆ’ ପକ୍ଷରୁ ୨୦୨୨ ନଭେମ୍ବର ମାସର ଗାଡି ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଛି। ଏପରିକି ଚଳିତ ବର୍ଷ ନଭେମ୍ବରରେ କମ୍ପାନୀ ଏକ ନୂତନ ଶିଖର ହାସଲ କରିଛି। ବିଶେଷ କରି ଗତ ମାସରେ କମ୍ପାନୀ ୪,୪୩୩ ୟୁନିଟ ବିକ୍ରି ପଞ୍ଜୀକୃତ କରିଛି। ଫଳସ୍ୱରୂପ ଗତ ବର୍ଷ ସମାନ ଅବଧି ମଧ୍ୟରେ ବିକ୍ରି ହୋଇଥିବା ୨,୧୯୬ କାର୍ ତୁଳନାରେ ୧୦୨% ବୃଦ୍ଧି ଘଟିଛି। ଏହି ବର୍ଦ୍ଧିତ ବିକ୍ରୟ ଯୋଗୁ କମ୍ପାନୀ ୨୦୨୧ର ବାର୍ଷିକ ବିକ୍ରି ତୁଳନାରେ ୨୦୨୨ରେ ଆଉ ଏକ ରେକର୍ଡ ସହ ଏକ ମାସ ପୂର୍ବରୁ ଗାଡି ବିକ୍ରିକୁ ଦ୍ୱିଗୁଣିତ କରିସାରିଛି । ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆ’ର ବ୍ରାଣ୍ଡ ନିର୍ଦ୍ଦେଶକ ପିଟର ସ୍ଲୋକ କହିଛନ୍ତି, ଆମେ ଆମର ସର୍ବକାଳୀନ ଉଚ୍ଚ ବିକ୍ରୟ ରେକର୍ଡର ଲ୍ୟାଣ୍ଡମାର୍କ ଅତିକ୍ରମ କରିସାରିଛୁ। ଏପରିକି ଭାରତ ସ୍କୋଡା ଅଟୋ ପାଇଁ ୩ୟ ବୃହତ୍ତମ ବଜାର ହୋଇ ରହିଛୁ। ଏପରିକି ଆମେ କ୍ରମାଗତ ଭାବେ ଆମର ଅଭିବୃଦ୍ଧିର ସମ୍ବେଗ ବଜାୟ ରଖିଛୁ ଏବଂ ଏକ ନୂତନ ଉଚ୍ଚତାରେ ଏହି ବର୍ଷକୁ ଶେଷ କରିବାକୁ ଅପେକ୍ଷା କରିଛୁ। ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ଜାନୁୟାରୀରୁ ନଭେମ୍ବର ଶେଷ ସୁଦ୍ଧା ସ୍କୋଡା ଅଟୋ ଇଣ୍ଡିଆ ୪୮,୯୩୩ ୟୁନିଟ ଗାଡି ବିକ୍ରି କରିଛି, ଯାହାକି ୨୦୨୧ରେ ବାର୍ଷିକ ବିକ୍ରି ହେଇଥିବା ୨୩,୮୫୮ କାରର ଦୁଇଗୁଣରୁ ଅଧିକ ଅଟେ । ଏହା ମଧ୍ୟ କମ୍ପାନୀକୁ ୨୦୨୨ ପାଇଁ ବାର୍ଷିକ ୫୦,୦୦୦କାର ଲକ୍ଷ୍ୟର ନିକଟତର କରିଛି।

# ଶ୍ରେଷ୍ଠ ୧୦ କମ୍ପାନୀ ମଧ୍ୟରେ ରିଲାଏନ୍ସ ଏକ ନମ୍ବର

**ନୂଆଦିଲ୍ଲୀ,୪।୧୨:** ଭାରତୀୟ ଷ୍ଟକ୍ ମାର୍କେଟରେ ପଞ୍ଜୀକୃତ ନିବେଶକ କମ୍ପାନୀଗଡ଼ିକର କାରବାର ଫଳାଫଳ ଓ ଶେୟାର ବଜାରର ବଜାର ପୁଞ୍ଜିକୁ ନେଇ ଦେଶର ଶ୍ରେଷ୍ଠ ୧୦ କମ୍ପାନୀର ତାଲିକା ପ୍ରକାଶ କରାଯାଇଛି। ସେହିପରି ଗତ ସପ୍ତାହରେ ଦେଶର ଶ୍ରେଷ୍ଠ ୧୦ ମୂଲ୍ୟବାନ ଶିଳ୍ପ ସଂସ୍ଥାମାନଙ୍କ ମଧ୍ୟରୁ ୮ଟିର ବଜାର ମୂଲ୍ୟରେ ୧,୧୫,୮୩୭ କୋଟି ଟଙ୍କା ଯୋଡ଼ିଥିବା ବେଳେ ସେଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସବୁଠୁ ବଡ଼ ଲାଭକାରୀ ସଂସ୍ଥା ଭାବେ ପରିଗଣିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବଜାର ମୂଲ୍ୟରେ ୭୧,୪୬୨.୨୮ କୋଟି ଟଙ୍କାକୁ ବୃଦ୍ଧି ପାଇ ୧୮,୪୧,୯୯୪.୪୮ କୋଟିରେ ପହଞ୍ଚିଥିବା ଜଣାପଡିଛି।






























See Career Appointment on every Wednesday & Saturday
















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405816 ସମ୍ବଲପୁର, ସୋମବାର, ଡିସେମ୍ବର ୫/୨୦୨୨ Sambalpur, Monday, December 5/ 2022

## ଅଷ୍ଟ୍ରେଲିଆ ୧୬୪ ରନରେ ବିଜୟୀ

**ପର୍ଥ, ୪।୧୨(ଏପି):** ଅଫ୍ ସ୍ପିନର ନାଥାନ ଲିଅନଙ୍କ ଚମତ୍କାର ବୋଲିଂ ଯୋଗୁ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚକୁ ଅଷ୍ଟ୍ରେଲିଆ ୧୬୪ ରନରେ ଜିତିନେଇଛି। ପର୍ଥ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଲିଅନ ୧୨୮ ରନ ବିନିମୟରେ ୬ଉଇକେଟ ଅକ୍ତିଆର କରିଥିଲେ। ୱେଷ୍ଟଇଣ୍ଡିଜ ରବିବାର ଅନ୍ତିମ ଦିବସ ଖେଳର ଚା'ପାନ ବିରତି ପୂର୍ବରୁ ୩୩୩ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଲିଅନଙ୍କର ୧୧୧ତମ ଟେଷ୍ଟରେ ଏହା ହେଉଛି ୨୧ତମ ୫ଉଇକେଟ ସଫଳତା। ତାଙ୍କ ମୋଟ ଟେଷ୍ଟ ଉଇକେଟ ସଂଖ୍ୟା ୪୪୬ରେ ପହଞ୍ଚିଛି। ଅଷ୍ଟ୍ରେଲିଆର ସର୍ବକାଳୀନ ଉଇକେଟ ହାସଲକାରୀ ବୋଲରଙ୍କ ମଧ୍ୟରେ ସେ ୮ମ ସ୍ଥାନ ଅଧିକାର କରିଛନ୍ତି। ଭ୍ରମଣକାରୀ ଦଳର ଟପ୍ ସ୍କୋରର କ୍ରେଗ୍ ବ୍ରାଥ୍‌ୱେଟ୍ ୧୧୦ ରନ କରିଥିଲେ। ଏହି ମ୍ୟାଚରେ ମାର୍ନସ ଲାବୁସେନ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୦୪ ରନ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୧୦୪ରନ କରି ଅପରାଜିତ ରହିଥିଲେ। ୧୯୭୪ରେ ଗ୍ରେଗ୍ ଚାପେଲଙ୍କ ପରେ ଏକ ମ୍ୟାଚରେ ଗୋଟିଏ ଦ୍ୱିଶତକ ଓ ଗୋଟିଏ ଶତକ ହାସଲ କରିବାରେ ସେ ପ୍ରଥମ ଅଷ୍ଟ୍ରେଲୀୟ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୯୮/୪, ଘୋଷଣା। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୮୩। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:୧୮୨/୨ ଘୋଷଣା। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୩୩୩ (କ୍ରେଗ୍ ବ୍ରାଥୱେଟ୍-୧୧୦, ରୋଷ୍ଟନ ଚେଜ୍-୫୫, ଟାଗେନାରିନ୍ ଚନ୍ଦରପଲ-୪୫, ଅଲ୍‌ଜାରି ଯୋଶେଫ-୪୩; ନାଥାନ ଲିଅନ-୬/୧୨୮, ଟ୍ରାଭିସ ହେଡ୍-୨/୨୫)।

## ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ୪-୧ରେ ବିଜୟୀ

**ଆଡିଲେଡ୍, ୪।୧୨ (ପି.ଟି.):** ଅଧିନାୟକ ହରମନପ୍ରୀତ୍ ସିଂଙ୍କ ଡବଲ ଗୋଲ୍ ସତ୍ତ୍ୱେ ରବିବାର ଖେଳାଯାଇଥିବା ଫାଇନାଲ ଗେମ୍‌ରେ ଭାରତ ୪-୫ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଛି। ଫଳରେ ବିଶ୍ୱର ନମ୍ବର ୱାନ ଦଳ ୫ମ୍ୟାଚ ବିଶିଷ୍ଟ ସିରିଜ ୪-୧ରେ ଜିତିନେଇଛି। ଅଷ୍ଟ୍ରେଲିଆ ତରଫରୁ ଟମ୍ ୱିଖାମ୍ (୨ୟ, ୧୭ତମ ମିନିଟ) ଦୁଇଟି ଗୋଲ ଦେଇଥିବା ବେଳେ ଆରାନ ଜାଲେୱିସ୍କି (୩୦ତମ), ଜାକବ ଆଣ୍ଡରସନ (୪୦ତମ) ଓ ଜେକ୍ ହ୍ୱିଟନ (୫୪ତମ) ଅନ୍ୟ ଗୋଲ୍‌ଗୁଡିକ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଭାରତ ପକ୍ଷରୁ ହରମନପ୍ରୀତ (୨୪ତମ, ୬୦ତମ) ଦୁଇଟି ପେନାଲ୍ଟି କର୍ନରକୁ ରୂପାନ୍ତରିତ କରିଥିବା ବେଳେ ଅମିତ ରୋହିଦାସ (୩୪ତମ) ଓ ସୁଖଜିତ୍ ସିଂ (୫୫ତମ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ସିରିଜରେ ଭାରତ ପ୍ରଥମ ଦୁଇଟି ମ୍ୟାଚ ୪-୫ ଓ ୪-୭ ଗୋଲରେ ପରାଜିତ ହୋଇଥିବା ବେଳେ ପରବର୍ତ୍ତୀ ଗେମ୍ ୪-୩ରେ ଜିତିଥିଲା। ଦଳ ୪ର୍ଥ ଗେମ୍ ୧-୫ରେ ପରାସ୍ତ ହୋଇଥିଲା। ରବିବାର ମ୍ୟାଚରେ ଭାରତ ଓପନିଂ ଦୁଇ କ୍ୱାର୍ଟରରେ ଉନ୍ନତ ଖେଳ ପ୍ରଦର୍ଶନ କରି ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ଅନ୍ୟପକ୍ଷରେ ଭାରତୀୟ ଦଳର ଖେଳ ମନ୍ଥର ପରିଲକ୍ଷିତ ହୋଇଥିଲା। ଅଷ୍ଟ୍ରେଲିଆ ଡିଫେନ୍ସରେ ଚାପ ସୃଷ୍ଟି କରିବାରେ ସେମାନେ ବିଫଳ ରହିଥିଲେ।

# ବ୍ୟାଟିଂ, ବୋଲିଂ ଫେଲ୍

## ବାଂଲାଦେଶଠାରୁ ହାରିଲା ଭାରତ

**ମୀରପୁର,୪।୧୨**

ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ପରାଜିତ ହୋଇଛି ଭାରତ। ଦଶମ ଉଇକେଟରେ ମେହିଦୀ ହସନ ମିରାଜ ଓ ମୁସ୍ତାଫିଜୁର ରେହମାନ ୫୧ ରନ ଯୋଡିବା କାରଣରୁ ବାଂଲାଦେଶ ଏହି ଲୋ ସ୍କୋରିଂ ମ୍ୟାଚକୁ ୧ ଉଇକେଟରେ ଜିତିବା ସହିତ ୧-୦ରେ ଆଗୁଆ ରହିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୧.୨ ଓଭରରେ ୧୮୬ ରନରେ ଅଲଆଉଟ ହୋଇଥିଲା। ଲୋକେଶ ରାହୁଲ ୭୩ ରନର ଇନିଂସ ଖେଳିଥିବା ବେଳେ ଶାକିବ ଅଲ ହସନ ୫ ଓ ଇବାଦତ ହୋସେନ ୪ ଉଇକେଟ ନେଇ ଭାରତର ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ବାଂଲାଦେଶ ୧୩୬ ରନରେ ୯ ଉଇକେଟ ହରାଇ ସଙ୍କଟରେ ପଡିଥିବା ବେଳେ ମେହିଦୀ(୩୮) ଓ ମୁସ୍ତାଫିଜୁର(୧୦) ଦଳକୁ ବିଜୟୀ କରାଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ ମେହିଦୀ ହସନ ମିରାଜ।

ଟସ୍ ହାରି ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଦୁଇ ଓପନର ରୋହିତ ଶର୍ମା(୨୭) ଓ ଶିଖର ଧାୱନ(୭) ବଡ ସ୍କୋର କରିବାରେ ବିଫଳ ହୋଇଥିଲେ। ବିରାଟ କୋହଲି(୯) ଓ ଶ୍ରେୟାସ ଆୟର(୨୪) ମଧ୍ୟ ସହଜରେ ଆଉଟ ହେବା କାରଣରୁ ଭାରତ ୯୨ ରନରେ ୪ ଉଇକେଟ ହରାଇଥିଲା। ତେବେ ଲୋକେଶ ରାହୁଲ ୭୩ ରନର ଦୃଢ ଇନିଂସ ଖେଳିବାରୁ ଭାରତ ୧୮୬ ରନରେ ପହଞ୍ଚିଥିଲା। ୭୦ ବଲର ଇନିଂସରେ ସେ ୫ ଚୌକା ଓ ୪ ଛକା ମାରିଥିଲେ। ବାଂଲାଦେଶ ପକ୍ଷରୁ ଶାକିବ ୩୬ ରନରେ ୫ ଓ ଇବାଦତ ୪୭ ରନରେ ୪ ଉଇକେଟ ନେଇଥିଲେ।

୧୮୭ ରନ ବିଜୟ ଲକ୍ଷ୍ୟର ପିଛା କରୁଥିବା ବାଂଲାଦେଶ ୨୬ ରନରେ ଦୁଇ ଉଇକେଟ ହରାଇଥିଲା। ତେବେ ଅଧିନାୟକ ଲିଟନ ଦାସ(୪୧) ଇନିଂସ ସଜାଡିବାକୁ ପ୍ରୟାସ କରିଥିଲେ। ୱାଶିଂଟନ୍ ସୁନ୍ଦର ଲିଟନ ଓ ଶାକିବଙ୍କୁ ଆଉଟ କରିବା ପରେ ଭାରତ ପୁନର୍ବାର ମ୍ୟାଚକୁ ଫେରିଥିଲା। ମିଡିଲ ଓଭରରେ ଶାର୍ଦ୍ଦୂଳ ଠାକୁର, ମହମ୍ମଦ ସିରାଜ ଓ କୁଲଦୀପ ସେନ୍ ଘାତକ ବୋଲିଂ କରିବାରୁ ବାଂଲାଦେଶ ୧୩୬ ରନରେ ୯ ଉଇକେଟ ହରାଇଥିଲା। ଭାରତ ପକ୍ଷରୁ ସିରାଜ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ କୁଲଦୀପ ସେନ୍ ଓ ୱାଶିଂଟନ୍ ସୁନ୍ଦର ଦୁଇଟି ଲେଖାଏ ଏବଂ ଦୀପକ ଚହର ଓ ଶାର୍ଦ୍ଦୂଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମେହିଦୀ ହସନ ମିରାଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୪୧.୨ ଓଭରରେ ୧୮୬/୧୦ (ଲୋକେଶ ରାହୁଲ-୭୩, ରୋହିତ ଶର୍ମା-୨୭, ଶ୍ରେୟାସ ଆୟର-୨୪, ଶାକିବ ଅଲ ହସନ-୫/୩୬, ଇବାଦତ ହୋସେନ-୪/୪୭)। ବାଂଲାଦେଶ ୪୬ ଓଭରରେ ୧୮୭/୯ (ଲିଟନ୍ ଦାସ-୪୧, ମେହିଦୀ ହସନ ମିରାଜ-୩୮*, ଶାକିବ ଅଲ ହସନ-୨୯, ମହମ୍ମଦ ସିରାଜ-୩/୩୨, କୁଲଦୀପ ସେନ୍-୨/୩୭, ୱାଶିଂଟନ୍ ସୁନ୍ଦର-୨/୧୭)।

## ପାକିସ୍ତାନକୁ ଆହୁରି ୨୬୩ ରନ ଆବଶ୍ୟକ

**ରାୱଲପିଣ୍ଡି, ୪।୧୨(ଏପି):** ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟିବାକୁ ଯାଉଛି। ପାକିସ୍ତାନ ପାଇଁ ଇଂଲଣ୍ଡ ୩୪୩ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଘରୋଇ ଦଳ ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ ବିନିମୟରେ ୮୦ ରନ କରିଛି। ସୋମବାର ଅନ୍ତିମ ଦିବସରେ ସର୍ବାଧିକ ୯୦ ଓଭର ମଧ୍ୟରେ ପାକିସ୍ତାନକୁ ୨୬୩ ରନ ଆବଶ୍ୟକ। **ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ ପ୍ରଥମ ଇନିଂସ: ୬୫୭। ପାକିସ୍ତାନ ପ୍ରଥମ ଇନିଂସ: ୫୭୯। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୬୪/୭ (ଘୋଷଣା)। ପାକିସ୍ତାନ ଦ୍ୱିତୀୟ ଇନିଂସ: ୮୦/୨।




## ହାଡ଼ିବନ୍ଧୁ, ସତ୍ୟବାଦୀ ସ୍ମାରକୀ କ୍ରିକେଟ ଆରମ୍ଭ

**ଭୁବନେଶ୍ୱର, ୪।୧୨ (କ୍ରୀଡ଼ା ପ୍ରତିନିଧି):** ସ୍ପୋର୍ଟ୍ସ ଆସୋସିଏଶନ କପିଳପ୍ରସାଦ ସୁନ୍ଦରପଦା (ସାକ୍ସ) ଖେଳପଡ଼ିଆରେ ୧୪ତମ ହାଡ଼ିବନ୍ଧୁ, ସତ୍ୟବାଦୀ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚରେ ଲାଲ ବାହାଦୂର ଏକାଦଶ ପ୍ରତିପକ୍ଷ ସୁପର ଏକାଦଶକୁ ପରାସ୍ତ କରିଛି। ଲାଲ ବାହାଦୂର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୨୦୩ ରନ କରିଥିଲା। ଦଳ ପକ୍ଷରୁ ଆଇ.ଏମ୍.ଗିରି ୮୦ ଓ ପଙ୍କଜ ଦାସ ୭୫ ରନ କରିଥିଲେ। ଜବାପରେ ସୁପର ଏକାଦଶ ୭୬ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ୮୦ ରନ କରିବା ସହ ୩ ଉଇକେଟ ହାସଲ କରିଥିବାରୁ ଆଇ.ଏମ୍. ଗିରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଅର୍ନବ ଏକାଦଶ ବିପକ୍ଷରେ ପୋଲିସ ଏକାଦଶ ବିଜୟୀ ହୋଇଛି। ପୋଲିସ ଏକାଦଶ ୧୫ ଓଭରରେ ୧୩୦ ରନ କରିଥିବାବେଳେ ଅର୍ନବ ଏକାଦଶ ୭୭ ରନରେ ସମସ୍ତ ଉଇକେଟ ହରାଇଥିଲା। ୩୧ ରନ କରିବା ସହ ୬ ଉଇକେଟ ହାସଲ କରିଥିବାରୁ ବିଜୟୀ ଦଳର ପ୍ରଶାନ୍ତ ରାଉତରାୟ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ